

ବୈଭବଙ୍କ ପ୍ରତି ରନ୍‌ର ମୂଲ୍ୟ ୪୩ ହଜାର

▶ପୃଷ୍ଠା ୧୨ ଦେଖନ୍ତୁ...



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in


# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-323 ♦BHUBANESWAR ♦THURSDAY ♦22 MAY 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୨ ♦ସଂଖ୍ୟା-୩୨୩ ♦ଭୁବନେଶ୍ୱର ♦ଗୁରୁବାର ♦୨୨ ମେ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦





■ ରଥଖଳାରୁ...

# କମାରଶାଳରେ ଦଣ୍ଡାବିଡ଼ିଆ କଣ୍ଟା ନିର୍ମାଣ ଆରମ୍ଭ



ପୁରୀ,୨୧।୫(ସମିସ): ରଥଖଳାରେ ତିନିରଥ ନିର୍ମାଣ କାମ ଜୋର୍‌ଦାର ଆଗେଇ ଚାଲିଛି। ତିନିରଥର ମୁଖ୍ୟ ମହାରଣାଙ୍କ ନେତୃତ୍ୱରେ ଚକ, ଅଖ ଏବଂ ଅନ୍ୟାନ୍ୟ କାମ କରାଯାଉଛି। ଭଉଁରୀରେ ଚକଡେରା ନୀତି ସମ୍ପନ୍ନ ପରେ ଏବେ ଚକ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ମହାରଣା ସେବକ ଲାଗିପଡ଼ିଛନ୍ତି। ତିନିରଥର ୪୨ଟି ଚକ (ନନ୍ଦିଘୋଷ ୧୬, ତାଳଧ୍ୱଜ ୧୪ ଓ ଦେବଦଳନ ୧୨) ମଧ୍ୟରୁ ବୁଧବାର ସୁଦ୍ଧା ୩୦ଟି ଚକ ନିର୍ମାଣ ଶେଷ ହୋଇଛି। ଆଉ ୩/୪ ଦିନ ମଧ୍ୟରେ ୪୨ଟି ଯାକ ଚକ ପ୍ରସ୍ତୁତ ହୋଇଯିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ କୁତୁକା, ଜଳଯନ୍ତ୍ର କାମ ଚାଲିଥିବାବେଳେ ତିନିରଥର ଭୂଇଁ ନିର୍ମାଣ ପାଇଁ (ପ୍ରତ୍ୟେକ ରଥର ତିନିଭୂଇଁ ନିର୍ମାଣରେ ୧୨ଟି ଭୂଇଁ ଚଉତା ଲାଗିଥାଏ) ୫ଟି ଲେଖାଏଁ ଭୂଇଁ ଚଉତା ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଏତଦ୍‌ବ୍ୟତୀତ ପ୍ରତ୍ୟେକ ରଥର ୪ଟି ଲେଖାଏଁ ନିରାଡ଼ି ମଧ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରୂପକାର ସେବକମାନେ ଖୋଦେଇ କରୁଛନ୍ତି। ତିନିରଥର ୧୧ଟି ଲେଖାଏଁ ସାଲ ଗୁଜରେ ରୂପ ଖୋଦେଇ ଜାରି ରଖିବା ସହ ଖୋଦେଇ ସରିଥିବା ରୂପଗୁଡ଼ିକର ପଲିସ ମଧ୍ୟ କରୁଛନ୍ତି। ଏତଦ୍‌ବ୍ୟତୀତ ତିଖ ଗୁଜଗୁଡ଼ିକରେ ସିଂହ ବିରାଳ ରୂପ ଖୋଦେଇ କରୁଛନ୍ତି। ସେହିପରି ଦୋଳବେଦୀ ପରିସର କମାରଶାଳରେ ଓଝା ସେବକମାନେ ତିନିରଥର ଅରକଣ୍ଟା, ପଦ୍ମାରି ଚାବି, ବଳା ନିର୍ମାଣ କରୁଛନ୍ତି। ବୁଧବାରଠାରୁ କମାରଶାଳରେ ଦଣ୍ଡାବିଡ଼ିଆ କଣ୍ଟା ନିର୍ମାଣ ଆରମ୍ଭ ହୋଇଛି।

**ଅଖ କାଠର ଅଭାବକୁ ନେଇ ଅସନ୍ତୋଷ**

ଅନ୍ୟପକ୍ଷରେ ରଥଖଳାରେ ଅଖ କାଠର ଅଭାବ ଦେଖିବାକୁ ମିଳିଛି। ଏ ପର୍ଯ୍ୟନ୍ତ ବିଶ୍ୱକର୍ମାଙ୍କ ପାଖରେ ପହଞ୍ଚି ନାହିଁ ଅଖ ନିର୍ମାଣ ପାଇଁ ଆବଶ୍ୟକ କାଠ। ଅଖ ପାଇଁ ତିନିରଥ ନିମନ୍ତେ ୪୦ ଫୁଟିଆ ୨୧ ଖଣ୍ଡ ଧଉରା କାଠ ଆବଶ୍ୟକତା ରହିଛି। ହେଲେ ବିଶ୍ୱକର୍ମାଙ୍କ ପାଖରେ ୬ଟି ଅଖ କାଠ ପହଞ୍ଚା ଯାଇଥିବାବେଳେ ଏବେ ବି ୧୫ଟି କାଠର ଅଭାବ ରହିଛି। ଅଖ କାଠ ପହଞ୍ଚି ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି ନନ୍ଦିଘୋଷ ରଥର ମୁଖ୍ୟ ବିଶ୍ୱକର୍ମା ବିଜୟ କୁମାର ମହାପାତ୍ର। ଯେଉଁ ଅଖ କାଠ ଆସିଛି ତାହା ନିର୍ମାଣ ପାଇଁ ଉପଯୁକ୍ତ ନୁହେଁ ବୋଲି ସେ ମତ ଦେଇଛନ୍ତି।

ସ୍ନାନଯାତ୍ରା ଓ ରଥଯାତ୍ରା ନୀତି ନିର୍ଘଣ୍ଟ

# ଅପରାହ୍ଣ ୪ରେ ରଥଟଣା

ପୁରୀ,୨୧।୫(ସମିସ): ଆସନ୍ତା ଜୁନ୍ ୧୧ରେ ଦେବସ୍ନାନ ପୂର୍ଣ୍ଣିମା। ସ୍ନାନମଣ୍ଡପକୁ ବିଜେ କରିବେ ଚତୁର୍ଦ୍ଧାବିଗ୍ରହ। ଏହାପରେ ରଥଯାତ୍ରା, ବାହୁଡ଼ା, ସୁନାବେଶ, ନୀଳାଦ୍ରିବିଜେ ଆଦି ବିଶେଷ ପର୍ବପର୍ବାଣୀ ରହିଛି। ଏହିସବୁ ପର୍ବପର୍ବାଣୀ ସମୟରେ ଠାକୁରଙ୍କ ନୀତିକାନ୍ତି କିପରି ସୁଚାରୁ ରୂପେ ସମ୍ପାଦନ କରାଯିବ ସେ ନେଇ ବୁଧବାର ଅନୁଷ୍ଠିତ ହୋଇଥିଲା ଛତିଶା ନିଯୋଗ ବୈଠକ। ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ନାନଯାତ୍ରା, ନବଯୌବନ ଦର୍ଶନ, ରଥଯାତ୍ରା, ବାହୁଡ଼ା, ସୁନାବେଶ, ଅଧରପଣା ଓ ନୀଳାଦ୍ରିବିଜେ ଆଦି ନୀତି ନିର୍ଘଣ୍ଟ ହୋଇଛି। ଛତିଶା ନିଯୋଗ ବୈଠକରେ ରାଜେନ୍ଦ୍ରାଭିଷେକଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ନୀତିକାନ୍ତି ସମ୍ପର୍କରେ ଆଲୋଚନା କରାଯାଇ ଏହାକୁ ଅନୁମୋଦନ କରାଯାଇଛି। ଜୁନ୍ ୨୭ରେ ପଡୁଥିବା ରଥଯାତ୍ରା ନୀତିକାନ୍ତି କିପରି ଶୃଙ୍ଖଳିତ ହୋଇପାରିବ ସେ ନେଇ ନୀତି ନିର୍ଘଣ୍ଟ କରାଯାଇଛି। ସେହିଦିନ ସକାଳ ୯ଟାରେ ତିନିରଥକୁ ପ୍ରତିଷ୍ଠା କରାଯିବ। ୯ଟା ୧୫ରେ ମଙ୍ଗଳାର୍ପଣ ପରେ ସାଢ଼େ ୯ଟାରୁ ଆରମ୍ଭ ହେବ ଠାକୁରଙ୍କ ପହଣ୍ଡି। ମଧ୍ୟାହ୍ନ ସାଢ଼େ ୧୨ଟା ସୁଦ୍ଧା ଦାରୁବିଗ୍ରହମାନେ ରଥାରୁଢ଼ ହେବା ପରେ ମଦନମୋହନ ବିଜେ କରିବେ। ଚିତା ଲାଗି ପରେ ବେଶ ଶେଷ ହେବ। ଅପରାହ୍ଣ ସାଢ଼େ ୨ଟାରୁ ୪ଟା ମଧ୍ୟରେ ଛେରାପହଁରା ଶେଷ ହେବା ପରେ ଚାରମାଳ ଫିଟାଯାଇ ଘୋଡ଼ା ଓ ସାରଥି ଲାଗିବେ। ଏହାପରେ ଅପରାହ୍ଣ ୪ଟାରେ ରଥଟଣା ଆରମ୍ଭ ହେବ ବୋଲି ନୀତି ନିର୍ଘଣ୍ଟ କରାଯାଇଛି।

- ■ ସକାଳ ସାଢ଼େ ୯ରୁ ପହଣ୍ଡି
- ■ ଭୋର୍ ୫ରୁ ସ୍ନାନ ପହଣ୍ଡି, ଅପରାହ୍ଣ ସାଢ଼େ ୪ରୁ ହାତୀବେଶ
- ■ ଅପରାହ୍ଣ ୪ଟାରେ ବାହୁଡ଼ା ଯାତ୍ରା ରଥଟଣା
- ■ ଅପରାହ୍ଣ ୫ଟାରୁ ମହାପ୍ରଭୁଙ୍କ ସୁନାବେଶ

ଏହା ପୂର୍ବରୁ ଜୁନ୍ ୧୧ରେ ଦେବସ୍ନାନ ପୂର୍ଣ୍ଣିମା। ପୂର୍ବ ରାତି ସାଢ଼େ ୪ଟାରେ ମଙ୍ଗଳାର୍ପଣ ସରି ଭୋର୍ ୫ଟାରୁ ପହଣ୍ଡି ଆରମ୍ଭ ହେବ। ପହଣ୍ଡି ପାଇଁ ୨ ଘଣ୍ଟା ସମୟ ରହିଛି। ଅର୍ଥାତ୍ ସକାଳ ୭ଟାରେ ପହଣ୍ଡି ସରି ସକାଳ ୯ଟାରେ ମଙ୍ଗଳ ଆଳତି ହେବ। ମଧ୍ୟାହ୍ନ ସାଢ଼େ ୧୨ଟାରୁ ଅପରାହ୍ଣ ୧ଟା ୪୫ ମଧ୍ୟରେ ଜଳବିଜେ, ପୂଜା ଓ ଠାକୁରଙ୍କ ସ୍ନାନ ସରିବ। ଅପରାହ୍ଣ ସାଢ଼େ ୩ଟାରେ ଛେରାପହଁରା ପରେ ଅପରାହ୍ଣ ସାଢ଼େ ୪ଟାରେ ଠାକୁରଙ୍କ ହାତୀବେଶ କରାଯିବ। ସନ୍ଧ୍ୟା ସାଢ଼େ ୭ଟାରୁ ରାତି ସାଢ଼େ ୧୦ଟା ଅର୍ଥାତ୍ ୩ ଘଣ୍ଟା ସାହାଣ ମେଲା ଦର୍ଶନ ରହିଛି। ଶ୍ରଦ୍ଧାଳୁମାନେ ସ୍ନାନମଣ୍ଡପ ସମ୍ମୁଖରୁ ଦର୍ଶନ କରିବେ କିନ୍ତୁ ସେହି ଠାକୁରଙ୍କୁ ସ୍ପର୍ଶ କରିପାରିବେ ନାହିଁ। ସ୍ନାନଯାତ୍ରାର ବାହୁଡ଼ା ପହଣ୍ଡି ରାତି ସାଢ଼େ ୧୧ଟାରୁ ଆରମ୍ଭ ହୋଇ ରାତି ୨ଟାରେ ଶେଷ ହେବ। ଏହାପରେ ଠାକୁରଙ୍କ ସୁନାଚିତା ଏବଂ ରାହୁରେଖା ମଇଲମ ହେବ।

ସେହିପରି ବୈଠକରେ ଜୁଲାଇ ୫ ତାରିଖ ବାହୁଡ଼ା ଯାତ୍ରା ନୀତି ନିର୍ଘଣ୍ଟ ହୋଇଛି। ମଧ୍ୟାହ୍ନ ୧୨ଟାରୁ ବାହୁଡ଼ା ପହଣ୍ଡି ଆରମ୍ଭ ହୋଇ ଅପରାହ୍ଣ ସାଢ଼େ ୨ଟାରେ ପହଣ୍ଡି ଶେଷ ହେବ। ସାଢ଼େ ୨ଟାରୁ ସାଢ଼େ ୩ଟା ମଧ୍ୟରେ ଛେରାପହଁରା ଶେଷ ହୋଇ ଅପରାହ୍ଣ ୪ଟାରେ ରଥଟଣା ଯିବ। ଜୁଲାଇ ୬ ତାରିଖ ଅପରାହ୍ଣ ୫ଟାରୁ ସନ୍ଧ୍ୟା ସାଢ଼େ ୬ଟା ରଥ ଉପରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବ। ରାତି ୧୦ରୁ ୧୧ଟା ମଧ୍ୟରେ ବେଶ ମଇଲମ କରାଯିବ। ୭ ତାରିଖ ରାତି ୮ଟାରେ ଅଧରପଣା ନୀତି ସମ୍ପନ୍ନ ହେବ। ୮ ତାରିଖରେ ମହାପ୍ରଭୁ ନୀଳାଦ୍ରିବିଜେ ଅର୍ଥାତ୍ ରତ୍ନସିଂହାସନକୁ ବିଜେ କରିବେ ବୋଲି ନୀତି ଚୂଡ଼ାନ୍ତ ହୋଇଛି। ଶୃଙ୍ଖଳିତ ରଥଯାତ୍ରା ଏବଂ ଭକ୍ତମାନେ କିପରି ସୁବିଧାରେ ଠାକୁରଙ୍କୁ ଦର୍ଶନ କରିବେ ସେଥିରେ ସେବାୟତମାନେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ସହମତି ପ୍ରକାଶ କରିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ବିନୀତ୍ ଅଗ୍ରୱାଲ, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁଙ୍କ ସମେତ ଛତିଶା ନିଯୋଗର କର୍ମକର୍ତ୍ତା ଭାଗ ନେଇଥିଲେ।

## ଚାରମାଳ ପାଇଁ ଦାତା ଦେଲେ ତାଳଗଛ

ପୁରୀ,୨୧।୫(ସମିସ): ମହାପ୍ରଭୁଙ୍କ ଆଗାମୀ ରଥଯାତ୍ରାରେ ଚାରମାଳ ପାଇଁ ବ୍ୟବହାର ସକାଶେ ତାଳ ଗଛ ସଂଗ୍ରହ କରାଯାଇଛି। ଢେଙ୍କାନାଳ ଖଡ଼ଗପ୍ରସାଦର ଦାତା ବିଜୟ ସାହୁ ଏହା ପ୍ରଦାନ କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ଉନ୍ନୟନ ପ୍ରଶାସକ, ରଥ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ, ଭୋଇ ସର୍ଦ୍ଦାର ରବି ଭୋଇ ଏବଂ ମହାରଣା ସେବଙ୍କ ମିଳିତ ଟିମ୍ ସମ୍ପୃକ୍ତ ଗ୍ରାମକୁ ଯାଇ ଗଛ ଚୟନ କରିବା ସହ ଜଙ୍ଗଲ ବିଭାଗ ସହାୟତାରେ ଏହାକୁ କାଟିବା ଏବଂ ପରିବହନ ବ୍ୟବସ୍ଥା କରିଛନ୍ତି। ମହାପ୍ରଭୁଙ୍କ କାର୍ଯ୍ୟ ପାଇଁ କରିଥିବା ଦାନ ସକାଶେ ଶ୍ରୀ ସାହୁ, ଶ୍ରୀମନ୍ଦିର ଟିମ୍, ଜଙ୍ଗଲ ବିଭାଗକୁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।

# ରାଜ୍ୟରେ ପ୍ରାକ୍ ମୌସୁମୀ ପାଗ

ଭୁବନେଶ୍ୱର,୨୧।୫(ସମିସ): ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପ୍ରାକ୍ ମୌସୁମୀ ପାଗ ଅନୁଭୂତ ହେବା ଆରମ୍ଭ ହୋଇଯାଇଛି। ବୁଧବାର ଭୁବନେଶ୍ୱର ସମେତ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଏଭଳି ପାଗ ଦେଖିବାକୁ ମିଳିଛି। ସାଧାରଣତଃ ରଜ ସମୟରେ ଏଭଳି ପାଗ ରାଜ୍ୟରେ ଅନୁଭୂତ ହେଉଥିବା ବେଳେ ହାଲକା ପବନ ସାଙ୍ଗକୁ ମେଘାଛନ୍ନ ଆକାଶ ମୌସୁମୀର ପ୍ରାକ୍ ସୂଚନା ଦେଉଛି। ଏହାସହିତ ରାଜ୍ୟକୁ ବର୍ତ୍ତମାନ ବଙ୍ଗୋପସାଗର ପଟୁ ବାଦଲ ପ୍ରବେଶ ମଧ୍ୟ ଆରମ୍ଭ ହୋଇଛି ଯାହାକି ମୌସୁମୀର ପୂର୍ବ ଲକ୍ଷଣ ଭାବେ ବିବେଚନା କରାଯାଉଛି। କାଳବୈଶାଖୀ ବା ଅନ୍ୟ ସମୟରେ ବାଦଲ ସମୂହ ସମୁଦ୍ର ପଟକୁ ଗତି କରୁଥିବା ବେଳେ ମୌସୁମୀ ସମୟରେ ବଙ୍ଗୋପସାଗର ପଟୁ ରାଜ୍ୟକୁ ବାଦଲ ପ୍ରବେଶ କରୁଥାଏ। ଗତ ୨ ଦିନ ହେବ ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ସ୍ଥିତି ଦେଖିବାକୁ ମିଳୁଛି। ବୁଧବାର ସକାଳୁ ପୁରୀରେ ଦକ୍ଷିଣ ପଶ୍ଚିମ ଦିଗରୁ ଘଣ୍ଟା ପ୍ରତି ୫.୫କିମି ବେଗରେ ପବନ ବହୁଥିବା ବେଳେ ଗୋପାଳପୁରରେ ୩.୭କିମି ପାରାଦୀପରେ ଦକ୍ଷିଣ ଦିଗରୁ ଘଣ୍ଟା ପ୍ରତି ବେଗ ୭.୨ କିମି ଓ ଭୁବନେଶ୍ୱରରେ ପଶ୍ଚିମ ଦକ୍ଷିଣ ପଶ୍ଚିମ ଦିଗରୁ ଘଣ୍ଟା ପ୍ରତି ୩.୭କିମି ବେଗରେ ପବନ ବହୁଥିଲା। ଅନ୍ୟପଟେ ମୌସୁମୀ କେରଳ ଛୁଇଁବା ନେଇ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି। ଆଗାମୀ ୩ ରୁ ୪ ଦିନ ମଧ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ କେରଳ ଉପକୂଳ ଛୁଇଁବା ନେଇ ପୂର୍ବାନୁମାନ କରାଯାଉଛି। ଫଳରେ ଏଥର ଶୀଘ୍ର ମୌସୁମୀ ଆସିବା ନେଇ ଆଇଏମ୍‌ଡି କରିଥିବା ଆକଳନ ସଠିକ୍ ହେବାକୁ ଯାଉଛି। କେରଳ ଛୁଇଁବା ପରେ ମୌସୁମୀ ସକ୍ରିୟ ରହିଲେ ଓଡ଼ିଶା ଆଗମନ ନେଇ ବାଟ ଫିଟିବ। ସାଧାରଣତଃ ଜୁନ ଦ୍ୱିତୀୟ ସପ୍ତାହରେ ମୌସୁମୀ ଓଡ଼ିଶା ଛୁଇଁଥାଏ। ହେଲେ ଏଥର ମୌସୁମୀ କେରଳ ସଅଳ ଆସୁଥିବାରୁ ଓଡ଼ିଶାରେ ବି ଶୀଘ୍ର ମୌସୁମୀ ବର୍ଷା ଆରମ୍ଭ ହେବାର ସମ୍ଭାବନା ରହିଛି।

ଅନ୍ୟପଟେ ଆସନ୍ତା ୫ ଦିନ ଯାଏଁ ରାଜ୍ୟରେ କାଳବୈଶାଖୀ ଜନିତ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହି ସମୟରେ ଉପକୂଳ ଓଡ଼ିଶାରେ ପୂର୍ବାହ୍ଣ ପର୍ଯ୍ୟନ୍ତ ଗୁଳୁଗୁଳି ଓ ଅପରାହ୍ଣ ପରେ କାଳବୈଶାଖୀ ନେଇ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଗୁରୁବାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ ଝାରସୁଗୁଡା, ବରଗଡ଼, ଗଜପତି, ରାୟଗଡା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଏହି ୧୦ ଜିଲ୍ଲାରେ ବିଜୁଳି ଘଡଘଡି ସହ ୩୦ ରୁ ୪୦ କିମି ଝଡି ପବନ ଆଶଙ୍କା କରି ଏହି ଜିଲ୍ଲାଗୁଡ଼ିକ ପାଇଁ ପାଣିପାଗ କେନ୍ଦ୍ର ୟେଲୋ ୱାର୍ଣ୍ଣିଂ ଜାରି କରିଛି। ୨୭ ତାରିଖ ଯାଏ ରାଜ୍ୟରେ କାଳବୈଶାଖୀ ବର୍ଷାର ପ୍ରଭାବ ରହିବା ସହ ବାଲେଶ୍ୱର ଭଦ୍ରକ ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ଉଷ୍ମ ଓ ଆର୍ଦ୍ର ସ୍ଥିତି ପାଇଁ ୨ ଦିନ ଯାଏଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ଅଳଙ୍କାର ବ୍ୟବସାୟୀଙ୍କୁ ଗୁଳିମାଡ଼ କରି ଲୁଟ୍ ଘଟଣା

# ଗଞ୍ଜାମରୁ ୨ ଅଭିଯୁକ୍ତ ଗିରଫ; ୭ କେଜି ରୁପା ଜବତ

ଖୋର୍ଦ୍ଧା/ବାଲୁଗାଁ,୨୧।୫(ସମିସ): ବାଲୁଗାଁ ଥାନା ଅନ୍ତର୍ଗତ ନିମିକ୍ଷେତା-ସରନଇ ରାସ୍ତାରେ ଥିବା ଶ୍ମଶାନ ନିକଟରୁ ଗତ ୯ ତାରିଖରେ ଜଣେ ଅଳଙ୍କାର ବେପାରୀଙ୍କୁ ଗୁଳିମାଡ଼ କରି ଲୁଟ୍ କରିବା ଘଟଣାରେ ପୁଲିସ ୨ ଜଣଙ୍କୁ ଗଞ୍ଜାମ ଜିଲ୍ଲାରୁ ଗିରଫ କରିଛି। ଗିରଫ ଦ୍ୱୟ ହେଲେ ଗଞ୍ଜାମ ଜିଲ୍ଲା କୋଟିନଡ଼ା ଥାନା ଅନ୍ତର୍ଗତ ତୁଙ୍କୁଣି ସାପୁର ଗ୍ରାମର ଏ. ରବି(୩୫) ଓ ମହେଶ ପ୍ରଧାନ(୨୨)। ସେମାନଙ୍କଠାରୁ ୭କେଜି ରୁପା ଅଳଙ୍କାର ସମେତ ୨ଟି ବାଇକ୍‌କୁ ପୁଲିସ ଜବତ କରିଛି। ଏହି ଅଳଙ୍କାରକୁ ସେମାନେ ତାଙ୍କ ଗାଁ ନିକଟ ଜଙ୍ଗଲରେ ମାଟିତଳେ ପୋତି ରଖିଥିଲେ। ଏମାନେ ଏରୋଗଲା ସମ୍ପ୍ରଦାୟର ବୋଲି ଜଣାପଡ଼ିଛି। ଏହି ଘଟଣାରେ ଫେରାର୍ ଥିବା ଅନ୍ୟ ୩ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ବୁଧବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ସାଗରିକା ନାଥ କହିଛନ୍ତି।

ଏସ୍‌ପିଙ୍କ ସୂଚନା ମୁତାବକ, ବାଲୁଗାଁ ଥାନା ଅନ୍ତର୍ଗତ ଉମାକାନ୍ତପୁର ଗ୍ରାମର ପ୍ରହଲ୍ଲାଦ ନାୟକ(୪୦)ଙ୍କର ବାଲୁଗାଁ ବଜାରରେ ଓଁକାର ଜ୍ୱେଲର୍ସ ନାମକ ଏକ ଅଳଙ୍କାର ଦୋକାନ ରହିଛି। ଅଧିକାଂଶ ସମୟରେ ଉମାକାନ୍ତ ନିକଟସ୍ଥ ଗ୍ରାମକୁ ଯାଇ ସୁନା ଓ ରୁପା ଅଳଙ୍କାର ବ୍ୟବସାୟ କରିଥା'ନ୍ତି। ଗତ ୯ ତାରିଖ ପୂର୍ବାହ୍ଣ ସମୟରେ ପ୍ରହଲ୍ଲାଦ ଏକ ବାଇକ୍‌ରେ ଅଳଙ୍କାର ନେଇ ବ୍ୟବସାୟ ପାଇଁ ବାହାରିଥିଲେ। ନିମିକ୍ଷେତା ଗ୍ରାମର ପଛ ରାସ୍ତା ଦେଇ ଯାଉଥିବାବେଳେ ୨ଟି ବାଇକ୍‌ରେ ୫ଜଣ ଦୁର୍ବୃତ୍ତ ଆସି ସରନଇ-ନିମିକ୍ଷେତା ଓଭରବ୍ରିଜ୍‌ର କିଛି ଦୂର ଅର୍ଥାତ୍ ଉକ୍ତ ରାସ୍ତାରେ ଥିବା ଶ୍ମଶାନ ନିକଟରେ ପ୍ରହଲ୍ଲାଦଙ୍କୁ ଅଟକାଇ ଅଳଙ୍କାର ବ୍ୟାଗକୁ ଛଡ଼ାଇନେବାକୁ ଚେଷ୍ଟା କରିଥିଲେ। ପ୍ରହଲ୍ଲାଦ ପ୍ରତିବାଦ କରିବାରୁ ଦୁର୍ବୃତ୍ତମାନେ ତାଙ୍କ ଉପରକୁ ଦୁଇ ରାଉଣ୍ଡ ଗୁଳି ଚଳାଇଥିଲେ। ଗୋଟିଏ ଗୁଳି ପ୍ରହଲ୍ଲାଦଙ୍କ ଡାହାଣ କାନ୍ଧରେ ବାଜି ବାହାରି ଯାଇଥିବାବେଳେ ଅନ୍ୟଟି ଛାତିରେ ବାଜିଥିଲା। ଗୁଳିମାଡ଼ରେ ଗୁରୁତର ହୋଇପଡ଼ିବାରେ ଦୁର୍ବୃତ୍ତମାନେ ତାଙ୍କଠାରୁ ଅଳଙ୍କାର ବ୍ୟାଗ୍ ଛଡ଼ାଇ ନେବା ସହ ଗାଡ଼ିର ଡିକିରେ ଥିବା ସମସ୍ତ ଅଳଙ୍କାର ଲୁଟି ନେଇ ୧୬ ନମ୍ବର ଜାତୀୟ ରାଜପଥରେ ଗଞ୍ଜାମ ଜିଲ୍ଲା ଅଭିମୁଖେ ଫେରାର୍ ହୋଇଯାଇଥିଲେ। ପ୍ରହଲ୍ଲାଦଙ୍କ ପତ୍ନୀ ସୁନିତାଙ୍କ ଅଭିଯୋଗ କ୍ରମେ ପୁଲିସ ୧୩୫/୨୫ରେ ଏକ ମାମଲା ରୁଜୁ କରିଥିଲା। ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ା ଏବଂ ସ୍ପେଶାଲ ସ୍କ୍ୱାଡ୍‌କୁ ନେଇ ଗଠିତ ଟିମ୍ ଗଞ୍ଜାମ ପୁଲିସ ସହାୟତାରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ମଧ୍ୟରୁ ପ୍ରଥମେ ମହେଶକୁ ଆସ୍କା ଅଞ୍ଚଳରୁ ଧରିଥିଲେ। ତା' ବୟାନ ମୁତାବକ ଏ. ରବିକୁ ଗିରଫ କରିଥିଲେ। ସେମାନଙ୍କ ସୂଚନା ମୁତାବକ, ତୁଙ୍କୁଣି ସାପୁର ଗ୍ରାମ ନିକଟ ଜଙ୍ଗଲରୁ ମାଟିତଳେ ପୋତାଯାଇଥିବା ୭ କେଜି ରୁପା ଅଳଙ୍କାରକୁ ପୁଲିସ ଜବତ କରିଛି। ସେମାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ, ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।



**ଜଙ୍ଗଲରେ ପୋତା ହୋଇଥିବା ରୁପା ଅଳଙ୍କାର ଉଦ୍ଧାର**

■ ୬.୨୮ କୋଟିର ଅନ୍‌ଲାଇନ୍ ଟ୍ରେଡିଂ ଠକେଇ ଘଟଣା

## ଗିରଫଦାରୀ ସଂଖ୍ୟା ୩୧ରେ ପହଞ୍ଚିଲା

କଟକ,୨୧।୫(ସମିସ): ଅନ୍‌ଲାଇନ୍ ଟ୍ରେଡିଂ ଜରିଆରେ ଆଇପିଓ ଏବଂ ଓଟିସିରେ ପୁଞ୍ଜି ନିବେଶ କରି ଅଧିକ ଅର୍ଥ ଫେରିପାଇବା ଆଶାରେ ୬ କୋଟି୨୮ ଲକ୍ଷ ଟଙ୍କା ଠକେଇ ଘଟଣାରେ ଜଣେ ସାଇବର ଠକକୁ ଗିରଫ କରିଛି କ୍ରାଇମ୍‌ବ୍ରାଞ୍ଚର ସାଇବର କ୍ରାଇମ୍ ୟୁନିଟ୍। ତେଲଙ୍ଗାନା ହାଇଦରାବାଦର ମଙ୍ଗଳହାଟ ଥାନା ଅଞ୍ଚଳରୁ ଗିରଫ ହୋଇଥିବା ଅଭିଯୁକ୍ତ ଜଣକ ହେଉଛି ମହମ୍ମଦ ଫୟଜ ଅହମ୍ମଦ (୨୩)। ଏହି ଘଟଣାରେ ମୋଟ୍ ଗିରଫଦାରୀ ସଂଖ୍ୟା ୩୧ରେ ପହଞ୍ଚିଛି। ପୂର୍ବରୁ ତାମିଲନାଡୁରୁ ୯, ଗୁଜରାଟରୁ ୮, ରାଜସ୍ଥାନରୁ ୭, କେରଳରୁ ୫ ଓ ପଶ୍ଚିମବଙ୍ଗରୁ ଜଣେ ଏହିପରି ମୋଟ୍ ୩୦ ଜଣଙ୍କୁ ଏହି ଠକେଇ ଘଟଣାରେ ଗିରଫ କରିବାକୁ ସକ୍ଷମ ହୋଇଥିଲା କ୍ରାଇମବ୍ରାଞ୍ଚ। ଅନ୍‌ଲାଇନ୍ ନିବେଶ ଜରିଆରେ ଉଚ୍ଚ ଅର୍ଥ ଫେରସ୍ତର ମିଥ୍ୟା ପ୍ରତିଶ୍ରୁତି ପାଇ ଅଭିଯୋଗକାରୀ ୬ କୋଟି ୨୮ ଲକ୍ଷ ଟଙ୍କା ବିଭିନ୍ନ ଆକାଉଣ୍ଟରେ ଜମା କରିଥିଲେ। ଟଙ୍କା ଉଠାଇବାକୁ ଚାହିଁବାରୁ ଆଉ ଟଙ୍କା ମିଳି ନ ଥିଲା। ଅଭିଯୁକ୍ତ ନିକଟରୁ ମୋବାଇଲ୍ ଫୋନ୍, ସିମ୍ କାର୍ଡ, ଆଧାର କାର୍ଡ ଏବଂ ପାନ୍ କାର୍ଡ ଜବତ କରାଯିବା ସହ ତା'ର ଏକାଧିକ ବ୍ୟାଙ୍କ ଜମା ଖାତା ଅଚଳ କରାଯାଇଛି। ବୁଧବାର ଅଭିଯୁକ୍ତକୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଅଣାଯାଇ ଅନୁଗୋଳ ଛେଣ୍ଡିପଦା ଜେଏମ୍ଏଫ୍‌ସିଙ୍କ ଅଦାଲତରେ ହାଜର କରାଯାଇଥିଲା। ଡିଏସ୍‌ପି କଳ୍ପନା ସାହୁଙ୍କ ନେତୃତ୍ୱରେ ଚଢ଼ଉ ଓ ଅଧିକ ତଦନ୍ତ ଜାରି ରହିଛି।

# ମାଟ୍ରିକ ଫେଲ୍ ନିର୍ଦ୍ଦେଶକଙ୍କ ପତ୍ନୀ, ଝିଅ ଗିରଫ

## ୬ ରାଜ୍ୟରୁ ୧୨୩ କୋଟି ଠକେଇ

ଭୁବନେଶ୍ୱର, ୨୧।୫ (ସମିସ): ୧୨୩ କୋଟି ଟଙ୍କା ଠକେଇ ମାମଲାରେ ଗିରଫ ହୋଇଥିବା ମାଟ୍ରିକ ଫେଲ୍ ନିର୍ଦ୍ଦେଶକ ତୁଷାର ଭଞ୍ଜୋଙ୍କ ପତ୍ନୀ ଓ ଝିଅକୁ ଗିରଫ କରିଛି ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ)। ପଶ୍ଚିମବଙ୍ଗ ପଶ୍ଚିମ ମେଦିନୀପୁର ହମିରପୁରର ଦ୍ୱୀପିକା ଭଞ୍ଜୋ ଓ ତନ୍ଦ୍ରା ଭଞ୍ଜୋଙ୍କୁ ପଶ୍ଚିମବଙ୍ଗରୁ ଗିରଫ କରିବା ପରେ ଉତ୍ତର ୨୪ ପ୍ରଗଣା ବରସାତ୍ କୋର୍ଟରେ ହାଜର କରାଯାଇ ୩ ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ଅଣାଯାଇଛି। ଟଙ୍କପାଣି ରୋଡର ମନମୋହନ ଦୋରା ନାମକ ଜଣେ ବ୍ୟକ୍ତି ତୁଷାରଙ୍କ କମ୍ପାନୀରେ ୪ ହଜାର ଟଙ୍କା ଦେଇ ସଦସ୍ୟତା ଗ୍ରହଣ ସହ ୨.୧୭ ଲକ୍ଷ ଟଙ୍କା ନିବେଶ କରିଥିଲେ। ସେତେବେଳେ ତୁଷାର ୧୧% ହିସାବରେ ମାସିକ ରିଟର୍ଣ୍ଣ ଦିଆଯିବ ବୋଲି କହିଥିଲେ। ପ୍ରଥମ ମାସରେ ମନମୋହନଙ୍କୁ ୧୧ ପ୍ରତିଶତ ରିଟର୍ଣ୍ଣ ମିଳିଥିଲେ ମଧ୍ୟ ପରେ ଟଙ୍କାଟିଏ ମିଳିନଥିଲା। ଅଫିସକୁ ଯାଇ ପଚାରିବାରୁ ଟଙ୍କା ମିଳିଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ହେଲେ ବାହାର ରାଜ୍ୟରେ ରହୁଥିବା ମନମୋହନଙ୍କ ସାଙ୍ଗ ଏହି କମ୍ପାନୀ ଦ୍ୱାରା ଠକାମୀର ଶିକାର ହୋଇଥିବା ଲୋକମାନଙ୍କର ଏକ ଭିଡ଼ିଓ ଲିଙ୍କ୍ ପଠାଇଥିଲେ। ଠକେଇର ଶିକାର ହୋଇଥିବା ମନମୋହନ ଅଭିଯୋଗ କରିବା ପରେ ଇଓଡବ୍ଲୁ ତଦନ୍ତ ଆରମ୍ଭ କରିଥିଲା। ଗତବର୍ଷ ଜୁନ୍ ମାସରେ କମ୍ପାନୀ ନିର୍ଦ୍ଦେଶକ ତଥା ମାଟ୍ରିକ ଫେଲ୍ ତୁଷାରକୁ ଗିରଫ କରିବା ପରେ ପୁରା ଘଟଣା ପଦାକୁ ଆସିଥିଲା। ଓଡ଼ିଶାର ବାଲେଶ୍ୱର, ଭଦ୍ରକ, ଭୁବନେଶ୍ୱର ଓ ରାଉରକେଲାରେ ଅଫିସ ଖୋଲି ବିପୁଳ ଅର୍ଥ ହେରଫେର କରିଥିବା ଇଓଡ଼ବ୍ଲ୍ୟୁ ସୂଚନା ପାଇଥିଲା। ଏହା ସହ ପଶ୍ଚିମବଙ୍ଗ, ଛତିଶଗଡ଼, ଆସାମ, ତ୍ରିପୁରା, ମହାରାଷ୍ଟ୍ର ସମେତ ବାଂଲାଦେଶରୁ ୧୨୩ କୋଟିରୁ ଅଧିକ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା। ଜମାକାରୀଙ୍କ ଟଙ୍କାକୁ ସେମାନଙ୍କ ଅଜ୍ଞାତରେ ଫୋରେକ୍ସ ଟ୍ରେଡିଂରେ ବିନିଯୋଗ କରାଯାଉଥିବା ତଦନ୍ତ ବେଳେ ଜଣାପଡ଼ିଛି। କମ୍ପାନୀ ନିର୍ଦ୍ଦେଶକ ତୁଷାର ଜମାକାରୀଙ୍କ ଟଙ୍କାରେ ଏକାଧିକ ଥର ବ୍ୟାଙ୍କକ୍ ଓ ଦୁବାଇ ଯାଇଥିଲା। ଏମିତିକି ଦୁବାଇରେ ଏକ କମ୍ପାନୀ ଖୋଲିବାକୁ ଯୋଜନା କରିଥିଲା। ଜମାକାରୀମାନଙ୍କର ଟଙ୍କା କମ୍ପାନୀର ୩ଟି ବ୍ୟାଙ୍କ ଆକାଉଣ୍ଟରେ ରହୁଥିଲା। ପରବର୍ତ୍ତୀ ସମୟରେ ସେହି ଟଙ୍କା ତୁଷାରର ପରିବାର ସଦସ୍ୟଙ୍କ ଆକାଉଣ୍ଟକୁ ଟ୍ରାନସଫର ହେଉଥିବା ଜଣାପଡ଼ିଥିଲା। ପତ୍ନୀ ଓ ଝିଅ ଆକାଉଣ୍ଟକୁ ମଧ୍ୟ ଟଙ୍କା ଯାଇଥିବା ଜଣାପଡ଼ିବା ପରେ ଦୁହିଁଙ୍କୁ ଗିରଫ କରିଛି ଇଓଡବ୍ଲୁ। କମ୍ପାନୀ ଆକାଉଣ୍ଟରୁ ପତ୍ନୀ ଦ୍ୱୀପିକାଙ୍କ ଆକାଉଣ୍ଟକୁ ୪୧ ଲକ୍ଷ ଓ ଝିଅ ତନ୍ଦ୍ରାଙ୍କ ଆକାଉଣ୍ଟକୁ ୪୩ ଲକ୍ଷ ୬୭ ହଜାର ଟଙ୍କା ଯାଇଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

**ଆକାଉଣ୍ଟକୁ ଯାଇଛି ୮୫ ଲକ୍ଷ, ଠକେଇ ଟଙ୍କାରେ ବିଦେଶ ବୁଲା**

**ଫୋରେକ୍ସ ଟ୍ରେଡିଂରେ ଲାଗିଛି ଟଙ୍କା, ବାଂଲାଦେଶରେ ଚେର**

# ଲାଞ୍ଚୁଆ ବନ ଅଧିକାରୀଙ୍କ ଘରୁ ୮ ଲକ୍ଷ ଟଙ୍କା, ସୁନାଗହଣା ଜବତ

ରାଉରକେଲା,୨୧।୫(ସମିସ): ବିଶ୍ରା ବିନ ବିଭାଗର ଡେପୁଟି ରେଞ୍ଜର ଅସୀତ୍ କୁମାର ପଟ୍ଟନାୟକ ୧୮ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ରାଉରକେଲା ଭିଜିଲାନ୍ସ ହାତରେ ଧରାପଡ଼ିବା ଘଟଣାରେ ଆଜି ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଭିଜିଲାନ୍ସର ହସ୍ତଗତ ହୋଇଛିଫ ବିଶ୍ରା ରେଞ୍ଜ ଅଫିସରେ ଭଡ଼ାରେ ଲାଗିଥିବା ଏକ ବୋଲେରୋ ଭ୍ୟାନ୍‌ର ବିଲ୍ ପାସ କରାଇବା ଏବଂ ମଇ ୧ ତାରିଖରୁ ପୁନଃ ନବୀକରଣ କରିବା ପାଇଁ ଡେପୁଟି ରେଞ୍ଜର ଶ୍ରୀ ପଟ୍ଟନାୟକ ବୋଲେରୋ ମାଲିକଙ୍କ ଠାରୁ ଏହି ଲାଞ୍ଚ ଟଙ୍କା ନେଉଥିବା ବେଳେ ଗତକାଲି ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଭିଜିଲାନ୍ସ ଟିମ୍ ଶ୍ରୀ ପଟ୍ଟନାୟକ ବାସ କରୁଥିବା ରାଉରକେଲାସ୍ଥିତ ଭଡ଼ା ଘରୁ ନଗଦ ୮ ଲକ୍ଷ ୩୭ ହଜାର ଟଙ୍କା, ୩୯୦ ଗ୍ରାମ ଓଜନର ସୁନାଗହଣା, ବିଭିନ୍ନ ବ୍ୟାଙ୍କରେ ଥିବା ପାସ ବୁକ୍, ୬୦ ଲକ୍ଷ ୨୦ ହଜାର ୨୩୪ ଟଙ୍କାର ଫିକ୍ସଡ୍ ଡିପୋଜିଟ ସହ ଅନେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଜବତ କରିଛି। ଏହା ବ୍ୟତୀତ ରାଉରକେଲା ରାଉରକେଲାର ଲାଠିକଟା ଏବଂ ତାଙ୍କ ପୈତୃକ ଘର କରଞ୍ଜିଆରେ ୨ଟି ବହୁ ମୂଲ୍ୟର ପ୍ରାସାଦକୁ ଭିଜିଲାନ୍ସ ଠାବ କରିଛି। ଆଜି ତାଙ୍କୁ ରାଉରକେଲା ଭିଜିଲାନ୍ସ ପକ୍ଷରୁ ଗିରଫ କରାଯାଇ ସୁନ୍ଦରଗଡ଼ ଭିଜିଲାନ୍ସର ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଥିଲା।







ସୂଚନାଯୋଗ୍ୟ ଯେ ବିଶ୍ରାର ନିରଞ୍ଜନ ସାହୁ ତାଙ୍କ ବୋଲେରୋ ଭ୍ୟାନ୍‌କୁ ବିଶ୍ରା ବନ ବିଭାଗ ରେଞ୍ଜ ଅଫିସରେ ଭଡ଼ା ସୂତ୍ରରେ ଲଗାଇଥିଲେ। ଏପ୍ରିଲ ମାସର ଭଡ଼ା ବିଲ ପାସ କରାଇବା ଏବଂ ମଇ ୧ ତାରିଖରୁ ପୁନଃ ଭଡ଼ାରେ ଲଗାଇବା ପାଇଁ ଡେପୁଟି ରେଞ୍ଜର ଅସୀତ ପଟ୍ଟନାୟକ ଗାଡ଼ି ମାଲିକ ନିରଞ୍ଜନଙ୍କଠାରୁ ୧୮ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏହାପରେ ଗାଡ଼ି ମାଲିକ ନିରଞ୍ଜନ ସାହୁ ରାଉରକେଲା ଭିଜିଲାନ୍ସ ଏସ୍‌ପିଙ୍କଠାରେ ଅଭିଯୋଗ କରିଥିଲେ। ତଦନୁଯାୟୀ ଡେପୁଟି ରେଞ୍ଜର ଶ୍ରୀ ପଟ୍ଟନାୟକ ଗାଡ଼ି ମାଲିକଙ୍କଠାରୁ ଗତକାଲି ଅପରାହ୍ଣରେ ବିଶ୍ରା ଫରେଷ୍ଟ ରେଞ୍ଜ ଅଫିସ ପରିସରରେ ଥିବା ସରକାରୀ ବାସ ଭବନରେ ୧୮ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବ ଯୋଜନା ମୁତାବକ ପୂର୍ବରୁ ସେଠାରେ ଛକି ରହିଥିବା ଭିଜିଲାନ୍ସ ଅଧିକାରୀ ଡେପୁଟି ରେଞ୍ଜର ଶ୍ରୀ ପଟ୍ଟନାୟକଙ୍କ ଠାରୁ ଲାଞ୍ଚ ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ। ଏଥିସହିତ ଏକା ସମୟରେ ଡେପୁଟି ଫରେଷ୍ଟର ଅସୀତ ପଟ୍ଟନାୟକଙ୍କ ବିଶ୍ରା କାର୍ଯ୍ୟାଳୟ ସମେତ ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ଅନ୍ତର୍ଗତ ଗୋଡ଼ିଗୋଷାଇଁ ଛକସ୍ଥିତ ତାଙ୍କ ପୈତୃକ ବାସଭବନ, ଭୁବନେଶ୍ୱର ପଳାଶୁଣିସ୍ଥିତ ଆରତୀ ରେସିଡେନ୍ସିରେ ଥିବା ତାଙ୍କ ୭୫୦ ବର୍ଗ ଫୁଟର ଫ୍ଲାଟ୍ ସହ ରାଉରକେଲା ବାସନ୍ତୀ କଲୋନୀ ଭଡ଼ା ଘରେ ଭିଜିଲାନ୍ସ ଟିମ୍ ଚଢ଼ଉ କରିଥିଲା। ସୂଚନା ଅନୁସାରେ ଭିଜିଲାନ୍ସ ହାତରେ ଅଟକ ଥିବା ଡେପୁଟି ରେଞ୍ଜର ଅସୀତ୍ ପଟ୍ଟନାୟକଙ୍କ ରାଉରକେଲାରେ ଥିବା ଭଡ଼ାଘରୁ ଲକ୍ଷାଧିକ ନଗଦ ଟଙ୍କା, ବିଭିନ୍ନ ବ୍ୟାଙ୍କ ପାସ୍ ବୁକ୍, ଫିକ୍ସଡ୍ ଡିପୋଜିଟ୍ ସହ ଅନେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ଜବତ କରିଛି ରାଉରକେଲା ଭିଜିଲାନ୍ସ ଟିମ। ଡେପୁଟି ରେଞ୍ଜର ଅସୀତ୍ ପଟ୍ଟନାୟକ ଆସନ୍ତା ୨୦୨୭ରେ ଚାକିରିରୁ ଅବସର ନେବାକୁ ଥିବାବେଳେ ଭିଜିଲାନ୍ସ ବିଭାଗ ପକ୍ଷରୁ ଏହି ଚଢ଼ଉ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଭିଜିଲାନ୍ସ ବିଭାଗ ପକ୍ଷରୁ ଶ୍ରୀ ପଟ୍ଟନାୟକଙ୍କ ବିରୋଧରେ ଅଧିକ ତଦନ୍ତ ଜାରି ରହିଛି।

## ନାବାଳିକାକୁ ଗଣଦୁଷ୍କର୍ମ ପରେ ହତ୍ୟା ଅଭିଯୋଗ

ଭୋଗରାଇ, ୨୧।୫ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନା ଅଞ୍ଚଳରେ ଏକ ୧୭ ବର୍ଷ ବୟସର ନାବାଳିକାକୁ ଗଣଦୁଷ୍କର୍ମ କରି ହତ୍ୟା କରାଯାଇଥିବାର ଅଭିଯୋଗ ହୋଇଛି। ସ୍ଥାନୀୟ ଅଞ୍ଚଳର କେତେକ ଅସାମାଜିକ ଯୁବକ ଏଭଳି ନାରକୀୟ କାଣ୍ଡ ଭିଆଇବା ପରେ ଉକ୍ତ ଘଟଣାକୁ ଆତ୍ମହତ୍ୟାର ରୂପ ଦେଇଥିବା ମୃତ ନାବାଳିକାର ଭାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ସମ୍ପୃକ୍ତା ନାବାଳିକାଙ୍କ ବାପାମା' ଭାଇ ଓ ଜଣେ ଭଉଣୀ ରାଜ୍ୟ ବାହାରେ ରହୁଥିବାବେଳେ ସେ ଭୋଗରାଇରେ ଏକ କଲେଜରେ ହଷ୍ଟେଲରେ ରହି ପାଠ ପଢୁଥିଲେ। ଗତ ୪ ଦିନ ତଳେ ଗାଁରେ କୌଣସି ଏକ କାର୍ଯ୍ୟକ୍ରମ ନେଇ ନାବାଳିକାଜଣକ ତାଙ୍କ ଘରକୁ ଆସିଥିଲେ। ତେବେ ମଙ୍ଗଳବାର ଦିନ ୧୧ଟା୩୦ରେ ସେ ଘର ଭିତରେ ସନ୍ଦେହ ଜନକ ଅବସ୍ଥାରେ ରଶିରେ ଝୁଲୁଥିବା ପଡ଼ୋଶୀ ଦେଖିବାକୁ ପାଇଥିଲେ। ତାଙ୍କ ପରିବାର ଲୋକ କେହି ନ ଥିବାରୁ କେହି ଖୋଲି ନ ଥିଲେ। ମାତ୍ର ପଡ଼ୋଶୀ ଜଣେ ଯୁବକ ଅନ୍ୟ କାହାର ସାହାଯ୍ୟ ନ ନେଇ କିମ୍ବା ପୁଲିସକୁ ଖବର ନ ଦେଇ ଘର ଭିତରେ ପଶି ନାବାଳିକାକୁ ରଶିରୁ ଖୋଲି ଦେଇଥିଲେ। ପରେ ପଡ଼ିଶା ଲୋକେ ସେହି ରାତିରେ ମୃତଦେହକୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଯାଇଥିଲେ। ଅନ୍ୟପକ୍ଷରେ ବୁଧବାର ନାବାଳିକାଙ୍କ ପରିବାର ଲୋକେ ପହଞ୍ଚିଥିଲେ। ନାବାଳିକାଙ୍କ ଭାଇ ଭୋଗରାଇ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଭଉଣୀ ଆତ୍ମହତ୍ୟା କରିନାହିଁ ତାକୁ ବସନ୍ତ ମାଝୀ (ବାଣ୍ଟୁ) ନାମକ ଜଣେ ଯୁବକ ଓ ତା'ର ଅନ୍ୟ କେତେଜଣ ସହଯୋଗୀ ଦୁଷ୍କର୍ମ କରିବା ପରେ ଜୀବନରୁ ମାରିଦେଇ ଏହାକୁ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରି ଘର ଭିତରେ ବେକରେ ରଶି ଲଗାଇ ଝୁଲାଇ ଦେଇଛନ୍ତି। ଅଭିଯୋଗ ଆଧାରରେ ଭୋଗରାଇ ଥାନା ଅଧିକାରୀ ଶ୍ରୀବଲ୍ଲଭ ସାହୁ ଡାକ୍ତରଖାନାରେ ପହଞ୍ଚି ଶବକୁ ଜବତ କରିବା ସହିତ ୧୭୪/୨୫ନଂ ମୂଳେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ବସନ୍ତ ମାଝୀକୁ ଥାନାରେ ଅଟକ ରଖି ତଦନ୍ତ କରୁଥିବା ଜଣାପଡ଼ିଛି। ନାବାଳିକାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇ

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 42 ◆ISSUE-323 ◆BHUBANESWAR ◆THURSDAY ◆22 MAY 2025 ◆PAGE-12 ◆₹ 6.00
BHUBANESWAR
◆ବର୍ଷ-୪୨ ◆ସଂଖ୍ୟା-୩୨୩ ◆ଭୁବନେଶ୍ୱର ◆ଗୁରୁବାର ◆୨୨ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

# କୁଆପଥର ମାଡ଼ରେ ଫାଟିଲା ଇଣ୍ଡିଗୋ ନାକ



**ଦିଲ୍ଲୀରେ ଭୟଙ୍କର ଝଡ଼**

**ମଝି ଆକାଶରେ ଆତଙ୍କ**

**ବର୍ତ୍ତିଲେ ୨୨୦ ଯାତ୍ରୀ**

■ **ନୂଆଦିଲ୍ଲୀ, ୨୧।୫ (ଏଜେନ୍ସି):** ପ୍ରତିକୂଳ ପାଗ ଯୋଗୁଁ ଆଜି ଦିଲ୍ଲୀରୁ ଶ୍ରୀନଗର ଯାଉଥିବା ଇଣ୍ଡିଗୋ ବିମାନ ‘ ସିଭିୟର ଏୟାର ଟର୍ବ୍ୟୁଲାନ୍ସ’( ବିମାନ ଜୋର୍‌ରେ ଥରିବା ଏବଂ ଦୋହଲିବା) ସ୍ଥିତି ସାମ୍ନା କରିବାରୁ ଏଥିରେ ଯାତ୍ରା କରୁଥିବା ୨୨୦ ଯାତ୍ରୀ ଅତ୍ୟନ୍ତ ଭୟଭୀତ ହୋଇପଡ଼ିଥିଲେ। ବିମାନଟି ମଝି ଆକାଶରେ ଉଡାଣ କରୁଥିଲା ବେଳେ ପ୍ରବଳ କୁଆପଥର ମାଡ଼ ସହ ବର୍ଷା ହେବା ଦ୍ୱାରା ବିମାନର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଥିଲା ଏବଂ ବିମାନଟି ଜୋର୍‌ରେ ଦୋହଲିବାକୁ ଲାଗିଥିଲା। ଏହାକୁ ନେଇ ଯାତ୍ରୀମାନେ ଭୟଭୀତ ହୋଇ ଚିତ୍କାର କରିବା ସହିତ ଜୀବନ ରକ୍ଷା ପାଇଁ ଭଗବାନଙ୍କୁ ପ୍ରାର୍ଥନା କରିଥିଲେ । ଅନେକ ଯାତ୍ରୀ କାନ୍ଦିବାକୁ ମଧ୍ୟ ଲାଗିଥିଲେ । ଯାତ୍ରୀମାନେ ଭୟଭୀତ ହୋଇ ଚିତ୍କାର କରୁଥିବାର ଦୃଶ୍ୟ ସୋସିଆଲ ▶ପୃଷ୍ଠା-୭

## ବିଜ୍ଞପ୍ତିର ଦିନକ ପରେ ପଞ୍ଚାୟତ ଉପନିର୍ବାଚନ ବାତିଲ

# ଜନମତକୁ ଡର; ବାହାନା ମୌସୁମୀ

■ **ଭୁବନେଶ୍ୱର, ୨୧।୫ (ସମିସ):** ଦିନକ ତଳେ ରାଜ୍ୟରେ ଖାଲି ପଡ଼ିଥିବା ୪୩ ସରପଞ୍ଚ, ୪୦ ସମିତି ସଭ୍ୟ, ୧୦୪୩ ୱାର୍ଡ ମେମ୍ବର ଏବଂ ୫ଟି ଜିଲ୍ଲା ପରିଷଦ ପଦବୀରେ ଉପ ନିର୍ବାଚନ ପାଇଁ ପ୍ରକାଶିତ ବିଜ୍ଞପ୍ତିକୁ ରଦ୍ଦ କରିଛନ୍ତି ରାଜ୍ୟ ନିର୍ବାଚନ କମିଶନ । ମୌସୁମୀ ଜନିତ ବର୍ଷା କାରଣରୁ ନିର୍ବାଚନ ପ୍ରକ୍ରିୟା ଉତ୍ତମ ଭାବରେ ପରିଚାଳିତ ହୋଇପାରିବ ନାହିଁ। ତେଣୁ ବର୍ଷା ଋତୁ ସରିବା ପରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି କମିଶନ କହିଛନ୍ତି। ମାତ୍ର ବିଜ୍ଞପ୍ତି ରଦ୍ଦ ପଛରେ ନିର୍ବାଚନ କମିଶନଙ୍କ ଏହି ‘କାରଣ’ ସାଧାରଣରେ କେବଳ ବିସ୍ମୟ ନୁହେଁ, ସନ୍ଦେହ ସୃଷ୍ଟି କରିଛି । ରାଜନୈତିକ ସମୀକ୍ଷକମାନେ ମଧ୍ୟ ନିର୍ବାଚନ କମିଶନଙ୍କ ଏପରି ପଦକ୍ଷେପକୁ ନେଇ ସ୍ୱାଭାବିକ ପ୍ରଶ୍ନ ଉଠାଇଛନ୍ତି । ଚଳିତ ବର୍ଷ ଆଗୁଆ ମୌସୁମୀ ଆସୁଥିବା ଓ ମୌସୁମୀବାୟୁ କେରଳ ଛୁଇଁଥିବା କଥା ଦୁଇ ସପ୍ତାହ ପୂର୍ବରୁ ଗଣମାଧ୍ୟମରେ ପ୍ରକାଶ ପାଇ ଆସୁଛି । ଏ ସମ୍ପର୍କରେ ନିର୍ବାଚନ କମିଶନ ଜାଣି ନ ଥିବେ ବୋଲି କହିବା ମଧ୍ୟ ଭୁଲ ହେବ। ଏହା ପରେ ଜୁନ୍ ୨୩ ତାରିଖରେ ପଞ୍ଚାୟତ ଉପନିର୍ବାଚନ ନିମନ୍ତେ ମଇ ୧୯ ତାରିଖରେ ବିଜ୍ଞପ୍ତି ପ୍ରକାଶ କରିବା ଓ ୨୦ ତାରିଖରେ ପୁଣି ସେହି ବିଜ୍ଞପ୍ତିକୁ ରଦ୍ଦ କରିବା ପଛରେ ଅଭିସନ୍ଧି ଥିବା ଅଭିଯୋଗ ହୋଇଛି ।

ପୁନଶ୍ଚ ନିର୍ବାଚନ ପ୍ରକ୍ରିୟାରେ ସଂଶ୍ଳିଷ୍ଟ ଥିବା ଜିଲ୍ଲା ଅଧିକାରୀ, ସର୍ବସାଧାରଣ ତଥା ଆଶାୟୀ ପ୍ରାର୍ଥୀଙ୍କ ମତାମତ ଆଧାରରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଥିବା ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟରୁ ▶ପୃଷ୍ଠା-୭



## ସରକାରରେ ନାହିଁ ତାଳମେଳ !

■ **ଭୁବନେଶ୍ୱର, ୨୧।୫ (ସମିସ):** ଆଉ ୩ ସପ୍ତାହ ପରେ ସରକାରଙ୍କୁ ବର୍ଷେ ପୂରିବ। ମାତ୍ର ବିଭାଗ ସହ ବିଭାଗର ସମନ୍ୱୟ ନାହିଁ; ମନ୍ତ୍ରୀମାନଙ୍କ ମଧ୍ୟରେ ତାଳମେଳ ନାହିଁ। ଆଜି ହେଉଥିବା ନିଷ୍ପତ୍ତି କାଲି ବଦଳି ଯାଉଛି। ବିଭାଗର ପ୍ରମୁଖ ସଚିବ ପଠାଉଥିବା ଫାଇଲ୍ ମନ୍ତ୍ରୀଙ୍କ ଓଏସ୍‌ଡ଼ି ଓ ବ୍ୟକ୍ତିଗତ ସଚିବ ଫେରାଇ ଦେଉଛନ୍ତି। ବିକାଶମୂଳକ କାମ ବନ୍ଦ ପଡ଼ିଛି, ସରକାରୀ ଅନୁଦାନ ଖର୍ଚ୍ଚ ହେଉନାହିଁ। ଅବିଶ୍ୱାସର ବୁଢ଼ୀଆଣି ଜାଲରେ ସରକାର ଛନ୍ଦି ହୋଇ ଯାଇଛନ୍ତି, ରାଜ୍ୟ ସାରା ଅସନ୍ତୋଷ ଦାନା ବାନ୍ଧୁଛି । ସବୁଠାରୁ କୌତୂହଳର କଥା ହେଉଛି କେଉଁ ବିଭାଗ କ’ଣ କରୁଛି, ତାହା ସରକାର ଜାଣି ପାରୁନାହାନ୍ତି ।

କେଇଦିନ ତଳେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଲା। ଯେଉଁଥିରେ ଯୁକ୍ତ ୩ ନାମଲେଖା ଆବେଦନର ଶେଷ ତାରିଖ ମଇ ୨୦ ତାରିଖ ବୋଲି ଉଲ୍ଲେଖ ଥିଲା । ଏପଟେ ଯୁକ୍ତ ୨ ପରୀକ୍ଷାଫଳ ପ୍ରକାଶ ପାଇନାହିଁ, ମାତ୍ର ଯୁକ୍ତ ୩ ନାମଲେଖା ଅବେଦନ ଅବଧି ଶେଷ ? ଯୁକ୍ତ ୨ ପାସ ନ କଲେ ଜଣେ ଛାତ୍ର ବା ଛାତ୍ରୀ ଯୁକ୍ତ ୩ ଆବେଦନ କରିବେ କିପରି ▶ପୃଷ୍ଠା-୭

## +୨ ପରୀକ୍ଷା ଫଳ ପ୍ରକାଶିତ

# ୮୨.୭୭% ପାସ୍; ଆଗରେ ଛାତ୍ରୀ

**ବିଜ୍ଞାନରେ ୮୭.୫%, ବାଣିଜ୍ୟରେ ୮୧.୨%, କଳାରେ ୮୦.୫% ପାସ୍**

**କଳାରେ ବରଗଡ଼ ଓ ବିଜ୍ଞାନରେ ନୟାଗଡ଼ ଜିଲ୍ଲା ପାସ୍ ହାର ସର୍ବାଧିକ**

**ମୋଟ ୨୨୮୨ ଛାତ୍ରଛାତ୍ରୀ ରଖିଛନ୍ତି ୯୦ ପ୍ରତିଶତରୁ ଅଧିକ ନମ୍ବର**

■ **ଭୁବନେଶ୍ୱର, ୨୧।୫ (ସମିସ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ +୨ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଚଳିତ ବର୍ଷ ପାସ ହାର ୮୨.୭୭% ରହିଛି ଓ ଛାତ୍ରଙ୍କଠାରୁ ଛାତ୍ରୀମାନେ ଉତ୍ତମ ପ୍ରଦର୍ଶନ କରିଛନ୍ତି। ପ୍ରଥମ ଶ୍ରେଣୀରେ ୧ଲକ୍ଷ ୨ହଜାର ୫୯୨ ଜଣ ପିଲା ଉତ୍ତୀର୍ଣ୍ଣ ହୋଇଥିବାବେଳେ ଦ୍ୱିତୀୟ ଶ୍ରେଣୀରେ ୬୯ହଜାର ୫୭୩ ଏବଂ ତୃତୀୟ ଶ୍ରେଣୀରେ ୧ଲକ୍ଷ ୪୪ହଜାର ୧୨୦ ଜଣ କୃତକାର୍ଯ୍ୟ ହୋଇଛନ୍ତି । ସେହିପରି ୨୨୮୨ ଜଣ ଛାତ୍ରଛାତ୍ରୀ ୯୦%ରୁ ଅଧିକ ନମ୍ବର ରଖିଛନ୍ତି ।

କଳାରେ ୨ଲକ୍ଷ ୪୩ ହଜାର ୬୫୩ ଜଣ ପରୀକ୍ଷା ଦେଇଥିବା ବେ।ଳେ ୧ଲକ୍ଷ ୯୬ହଜାର ୧୭୧ଜଣ ପାସ୍ କରିଛନ୍ତି । ପାସ୍ ହାର ୮୦.୫୧% ରହିଛି । ୭୨.୬୪% ଛାତ୍ର କୃତକାର୍ଯ୍ୟ ହୋଇଥିବାବେଳେ ୮୬.୮୦% ଛାତ୍ରୀ ପାସ୍ କରିଛନ୍ତି। ୧୭୧ଜଣ ପିଲା ୯୦%ରୁ ଅଧିକ ନମ୍ବର ରଖିଥିବାବେଳେ ୪୦,୦୩୭ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଦ୍ୱିତୀୟ ଶ୍ରେଣୀରେ ୩୬,୮୬୬ ଓ ତୃତୀୟ ଶ୍ରେଣୀରେ ୧ଲକ୍ଷ ୧୯ହଜାର ୧୬୮ ଜଣ କୃତକାର୍ଯ୍ୟ ହୋଇଛନ୍ତି । ବରଗଡ଼ ଜିଲ୍ଲାରେ ପାସ୍ ହାର ସର୍ବାଧିକ ୮୭.୬୦% ଥିବାବେଳେ ନବରଙ୍ଗପୁର ଜିଲ୍ଲାରେ ସର୍ବନିମ୍ନ ୬୮.୧୩% ରହିଛି । ବିଜ୍ଞାନରେ ମୋଟ୍ ୧ଲକ୍ଷ ୧୩ ହଜାର ୯୬୮ ଛାତ୍ରଛାତ୍ରୀ ▶ପୃଷ୍ଠା-୭

## ରାଜଭବନ ସମ୍ମୁଖରେ ବିଜେଡିର ବିଶାଳ ଜନଆନ୍ଦୋଳନ

# ଓବିସି ପାଇଁ ୨୭% ସଂରକ୍ଷଣ ଦାବି

■ **ଭୁବନେଶ୍ୱର, ୨୧।୫ (ସମିସ):** ରାଜ୍ୟର ଏସଇବିସି/ଓବିସି ବର୍ଗ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ସହ ଏସ୍‌ସି, ଏସ୍‌ଟି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ମେଡିକାଲ, ଇଞ୍ଜିନିୟରିଂ ଏବଂ ଅନ୍ୟ ବୈଷୟିକ ଓ ବୃତ୍ତିଗତ ଶିକ୍ଷା କ୍ଷେତ୍ରରେ ୩୮.୭୫ ପ୍ରତିଶତ ସଂରକ୍ଷଣ ଦାବିରେ ଗର୍ଜିଛି ବିଜେଡି । ବୁଧବାର ରାଜଭବନ ସମ୍ମୁଖରେ ଦଳର ବରିଷ୍ଠ ନେତା ଓ ହଜାର ହଜାର କର୍ମୀ ବିକ୍ଷୋଭ ପ୍ରଦର୍ଶନ ସହ ରାଜ୍ୟପାଳଙ୍କୁ ଭେଟି ଏ ସଂକ୍ରାନ୍ତରେ ଦାବିପତ୍ର ପ୍ରଦାନ କରିଛନ୍ତି । ଓବିସି, ଏସ୍‌ସି ଓ ଏସ୍‌ଟି ବର୍ଗର ଏହି ଦାବି ପୂରଣ ହେବା ପର୍ଯ୍ୟନ୍ତ ବିଜେଡି ପଲ୍ଲୀଠାରୁ ଦିଲ୍ଲୀ ଯାଏଁ ଆନ୍ଦୋଳନ ଜାରି ରଖିବ ବୋଲି ଦଳୀୟ ନେତାମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଏହି ଅବସରରେ ଦଳର ନେତାମାନେ ରାଜ୍ୟର ଓବିସି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ମେଡିକାଲ ଓ ଇଞ୍ଜିନିୟରିଂ ଶିକ୍ଷା କ୍ଷେତ୍ରରେ ୧୧.୨୫ ପ୍ରତିଶତ ଏବଂ ଏସ୍‌ସି, ଏସ୍‌ଟି ଛାତ୍ରଛାତ୍ରୀ ମାନଙ୍କ ପାଇଁ ଇଞ୍ଜିନିୟରିଂ, ମେଡିକାଲ ଓ ଅନ୍ୟ ବୈଷୟିକ ପାଠ୍ୟକ୍ରମରେ ମଧ୍ୟ ୩୮.୭୫ ପ୍ରତିଶତ ସଂରକ୍ଷଣ ନିମନ୍ତେ ଦାବି କରିଛନ୍ତି। ବିଜେଡି ଓବିସି ସେଲ୍‌ର ଆବାହକ ଅରୁଣ କୁମାର ସାହୁ, ▶ପୃଷ୍ଠା-୭



**ଅବୁଜମାଡ଼ ଜଙ୍ଗଲରେ ଗୁଳି ବିନିମୟ**

# ୩୦ ମାଓବାଦୀ ନିପାତ

## ସିପିଆଇ (ମାଓବାଦୀ) ସାଧାରଣ ସମ୍ପାଦକ କେଶବ ନିହତ

■ **ମାଲକାନଗିରି, ୨୧।୫ (ସମିସ):** ମାଓ ସଂଗଠନକୁ ଲାଗିଲା ଶକ୍ତ ଧକ୍କା । ସୀମାନ୍ତ ଛତିଶଗଡର ବିଜାପୁର ଓ ନାରାୟଣପୁର ଜିଲ୍ଲା ମଧ୍ୟରେ ଥିବା ଅବୁଜମାଡ଼ ।।ରେ ସୁରକ୍ଷା କର୍ମୀଙ୍କ ସହ ଗୁଳି ବିନିମୟ।।ରେ ୩୦ ଜଣ ମାଓବାଦୀ ନିହତ ହୋଇଛନ୍ତି । ମୃତ ମାଓବାଦୀଙ୍କ ମଧ୍ୟରେ ମାଓ ସଙ୍ଗଠନର କେନ୍ଦ୍ରୀୟ କମିଟି ମୁଖ୍ୟ ତଥା ସିପିଆଇ ମାଓବାଦୀ ସଂଗଠନର ସାଧାରଣ ସଂପାଦକ ନାମ୍ବାଲା କେଶବ ରାଓ ରହିଥିବା ଖବର ମିଳିଛି। ତାଙ୍କ ମୁଣ୍ଡ ଉପରେ ଛତିଶଗଡ଼ ସମେତ ବିଭିନ୍ନ ରାଜ୍ୟ ସରକାର ଦେଢ କୋଟିରୁ ଅଧିକ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ ।

ସୂଚନା ଅନୁଯାୟୀ, ଛତିଶଗଡ଼ ନାରାୟଣପୁର ଜିଲ୍ଲାର ଅବୁଜମାଡ଼ ଜଙ୍ଗଲରେ ଆଜି ସୁରକ୍ଷା କର୍ମୀଙ୍କ ତଲାସୀ ଅଭିଯାନ ଜାରି ରହିଥିବା ବେଳେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇ ଗୁଳି ବିନିମୟ ହୋଇଥିଲା । ଯବାନଙ୍କ ଗୁଳିରେ ୩୦ ଜଣ ମାଓବାଦୀ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ନାମରେ ପରିଚିତ ଥିଲେ ମାଓ ନେତା କେଶବ ରାଓ। ୨୦୧୮ ମସିହାରେ ଗଣପତିଙ୍କ ମୃତ୍ୟୁ ପରେ କେଶବ ମାଓବାଦୀଙ୍କ କେନ୍ଦ୍ରୀୟ କମିଟିର ଦାୟିତ୍ୱ ନେଇଥିଲେ। ସେ ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଲମ ଜିଲ୍ଲାର ଜିଆନ୍ନାପେଟ ଗାଁର ହୋଇଥିବା ବେଳେ ତାଙ୍କ ମୁଣ୍ଡ ଉପରେ କେବଳ ଛତିଶଗଡ଼ରେ ଦେଢ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା ହୋଇଥିଲା। ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, ଓଡ଼ିଶା ଓ ଝାଡଖଣ୍ଡରେ ମଧ୍ୟ କେଶବଙ୍କ ମୁଣ୍ଡ ଉପରେ ଲକ୍ଷ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା ହୋଇଥିଲା। ହେଲେ ସବୁ ବେଳେ ପୁଲିସକୁ ଚକ୍‌ମା ଦେଇ ଗୋଟିଏ ରାଜ୍ୟରୁ ଆଉ ଗୋଟିଏ ରାଜ୍ୟକୁ ଖସି ପଳାଉଥିଲେ କେଶବ । ଶେଷରେ ଛତିଶଗଡ଼ ଡିଆରଜି ବାହିନୀର ଗୁଳିରେ ପ୍ରାଣ ହରାଇଛନ୍ତି କେଶବ ରାଓ। ▶ପୃଷ୍ଠା-୭



କେଶବଙ୍କ ମୁଣ୍ଡ ଉପରେ ଥିଲା ୧ କୋଟି ଟଙ୍କାର ପୁରସ୍କାର ରାଶି

## ଦୁର୍ଘଟଣାରେ ୩ ମୃତ


■ **ରାମନାଗୁଡ଼ା, ୨୧।୫ (ସମିସ):** ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ ତଥା ଗୁଡାରି ଥାନା ୩୨୬ ନମ୍ବର ଜାତୀୟ ରାଜପଥର ଗୁମୁଡ଼ାସ୍ଥିତ ବଂଶଧାରା ନଦୀ ବ୍ରିଜ୍ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଗତ ବିଳମ୍ବିତ ରାତ୍ରରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଜିଲ୍ଲାର ପଦ୍ମପୁର ବ୍ଲକ ଡେରିଗାଁ ପଞ୍ଚାୟତ ଅଧୀନ କଇଠପଦର ଗ୍ରାମର ସୁବ୍ରତ ଶବର (୧୫), ବୁଲୁ ଶବର(୧୯) ଏବଂ ଡେରିଗାଁ ନିକଟ ଜଗନ୍ନାଥପୁରର ବାଳକୃଷ୍ଣ ହାରାକା (୨୨) । ଏହି ତିନି ଜଣ ଓଡି ୧୮ ଡି ୮୫୭୨ ନମ୍ବର ହୋଣ୍ଡା ସାଇନ୍ ବାଇକ୍ ଯୋଗେ କାରେଣି ଗ୍ରାମକୁ ଠାକୁରାଣୀ ଯାତ୍ରା ଦେଖିବା ପାଇଁ ଗତରାତି ପ୍ରାୟ ୧୨ଟା ବେଳକୁ ଯାଉଥିଲେ । ବଂଶଧାରା ନଦୀ ସେତୁର ମଧ୍ୟ ଭାଗରେ ପହଞ୍ଚି ଥିବା ବେଳେ କୌଣସି ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ସୁବ୍ରତ ଓ ବୁଲୁଙ୍କର ମୃତ୍ୟୁ ହୋଇଥିବା ବେଳେ ବାଳକୃଷ୍ଣ ହାରାକାଙ୍କର ମେଡିକାଲରେ ମୃତ୍ୟୁ ହୋଇଥିଲା ।

# ୧୪୨ କୋଟି ହଡ଼ପ କରିଛନ୍ତି ସୋନିଆ ଓ ରାହୁଲ: ଇଡି

**ନ୍ୟାସନାଲ ହେରାଲ୍‌ଡ ମାମଲା**

■ **ନୂଆଦିଲ୍ଲୀ, ୨୧।୫ (ଏଜେନ୍ସି):** ନ୍ୟାସନାଲ ହେରାଲ୍‌ଡ ଅର୍ଥ ହେରଫେର ମାମଲାରେ ବୁଧବାର ଦିଲ୍ଲୀସ୍ଥିତ ରାଉଜ୍ ଆଭେନ୍ୟୁ କୋର୍ଟରେ ଶୁଣାଣି ଆରମ୍ଭ ହୋଇଛି। ଏହି ସମୟରେ ଇଡି କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏବଂ ସାଂସଦ ରାହୁଲ ଗାନ୍ଧୀଙ୍କ ବିରୋଧରେ ଅଭିଯୋଗ କରିଛି। ପୂର୍ବରୁ ଚାର୍ଜସିଟ୍‌ରେ ଏହି ଦୁଇ ଜଣଙ୍କୁ ଇଡି ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଇସାରିଥିଲା ବେଳେ ଆଜି ଶୁଣାଣି ବେଳେ ସୋନିଆ ଏବଂ ରାହୁଲ ୧୪୨ କୋଟି ଟଙ୍କାର ଫାଇଦା ଉଠାଇଛନ୍ତି ବୋଲି କହିଛି । ଇଡି ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଏସ ଭି ରାଜୁ କୋର୍ଟରେ ଏଭଳି ଅଭିଯୋଗ କରିଛନ୍ତି। ଏହାଛଡ଼ା ଅପରାଧିକ ଷଡ଼ଯନ୍ତ୍ର କରାଯାଇ ପ୍ରାୟ ୨ ହଜାର କୋଟି ଟଙ୍କାର ସମ୍ପତ୍ତି ହଡପ କରାଯିବା ସହିତ କଂଗ୍ରେସ ଦଳକୁ ଦାନ କରିଥିବା ନେତା ଏବଂ କର୍ମୀମାନଙ୍କୁ ଠକେଇ କରାଯାଇଛି ବୋଲି ସେ କହିଛନ୍ତି। ନ୍ୟାସନାଲ ହେରାଲ୍‌ଡ ପ୍ରକାଶନକାରୀ ସଂସ୍ଥା ଆସୋସିଏଟେଡ୍ ଜର୍ଣ୍ଣାଲକୁ କଂଗ୍ରେସ ପକ୍ଷରୁ ୯୦ କୋଟି ଟଙ୍କାର ଋଣ ଦିଆଯିବା ଏବଂ ପରବର୍ତ୍ତୀ ସମୟରେ ମାତ୍ର ୫୦ ଲକ୍ଷ ଟଙ୍କା ବଦଳରେ କମ୍ପାନୀର ସମ୍ପତ୍ତିକୁ ୟଙ୍ଗ ଇଣ୍ଡିଆନ କମ୍ପାନୀକୁ ହସ୍ତାନ୍ତର କରାଯିବା ଘଟଣାରେ ଷଡ଼ଯନ୍ତ୍ର କରାଯାଇଛି ବୋଲି ରାଜୁ କହିଛନ୍ତି । ଆସନ୍ତା ଜୁଲାଇ ୨ ତାରିଖରୁ ଏହି ମାମଲାର ଦୈନିକ ଶୁଣାଣି ହେବ ।


ସ୍ମୃତିରେ



ଡ଼ଃ ବଂଶୀଧର ପଣ୍ଡା

(୨୬.୧୧.୧୯୩୧ - ୨୨.୦୫.୨୦୧୮)

imfa

ଅଭୁଲା ସ୍ମୃତି ସହ

ବୈଜୟନ୍ତ ‘ଜୟ’, ପାରମିତା, ନିବେଦିତା, ଶୁଭ୍ରକାନ୍ତ
ଜାଗି, ବ୍ରଜ, କେଜି, ଶୈଫାଳିକା
ରାଇ, ରେଭା, ଅନୁଭା, ଆଦିତ୍ୟ, ରାଇସା, ରାଇମାନା
ଲିଟିଶା, ଅନିରୁଦ୍ଧ, କାମେରନ
ଆତ୍ମୀୟସ୍ୱଜନ, ସଦସ୍ୟ ଏବଂ ସହଯୋଗୀ, ଇମ୍ଫା ଗ୍ରୁପ୍

Tel: +91 674 2611000 | Email: memoriam@imfa.in


# ଜ୍ୟୋତିଙ୍କ ବ୍ୟାଙ୍କ୍‌ରେ ଦୁବାଇ ଟଙ୍କା

■ **ନୂଆଦିଲ୍ଲୀ, ୨୧।୫ (ଏଜେନ୍ସି):** ପାକିସ୍ତାନ ପାଇଁ ଗୁଇନ୍ଦାଗିରି ଅଭିଯୋଗରେ ଗିରଫ ହୋଇଥିବା ଭାରତୀୟ ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ ସଂପର୍କରେ ଏବେ ଅନେକ ଚାଞ୍ଚଲ୍ୟକର ଓ ଉଦବେଗଜନକ ତଥ୍ୟ ଆସିବାରେ ଲାଗିଛି । ତାଙ୍କ ଘରୁ ମିଳିଥିବା ଡାଏରି, ବ୍ୟାଙ୍କ ଖାତା ଏବଂ ତାଙ୍କର ହ୍ୱାଟ୍ସଆପ୍ ଚାଟ୍‌ରୁ ଜଣାପଡୁଛି ଯେ ପାକିସ୍ତାନୀଙ୍କ ସହିତ ତାଙ୍କର ସଂପର୍କ କେତେ ଘନିଷ୍ଠ ଥିଲା। ହରିଆଣାର ବାସିନ୍ଦା ଜ୍ୟୋତି ପାକିସ୍ତାନୀ ଗୁଇନ୍ଦା ଏଜେଣ୍ଟମାନଙ୍କ ସହିତ ସର୍ବଦା ସଂପର୍କରେ ରହୁଥିଲେ । ନିୟମିତ ଭାବେ ସେମାନଙ୍କ ସହ କଥା ହେଉଥିଲେ । ଜେରା ବେଳେ ସେ ଏହା ସ୍ୱୀକାର କରିଥିବା ପୁଲିସ ପକ୍ଷରୁ କୁହାଯାଇଛି। ତେବେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଦୁବାଇରୁ ▶ପୃଷ୍ଠା-୭



**ପାକିସ୍ତାନୀଙ୍କୁ ବିବାହ ପାଇଁ ବ୍ୟାକୁଳ ଥିଲେ**

**ବ୍ୟାଙ୍କ ଖାତାରେ ସନ୍ଦିଗ୍ଧ କାରବାର ହୋଇଛି**

## ଏନ୍‌ଆଇଏ ସ୍କାନର୍‌ରେ ପ୍ରିୟଙ୍କାଙ୍କ ପରିବାରର ବ୍ୟବସାୟିକ କାରବାର

■ **ପୁରୀ, ୨୧।୫ (ସମିସ):** ୟୁଟ୍ୟୁବର ଜ୍ୟୋତିଙ୍କ ସହିତ ପ୍ରିୟଙ୍କାଙ୍କ ସମ୍ପର୍କକୁ ନେପାଞ୍ଚଦିନ ହେବ ଚାଲିଛି ଖୋଳତାଡ଼। ଏନ୍‌ଆଇଏର ପରାମର୍ଶ କ୍ର।।ମେ ପୁଲିସ ତଦନ୍ତ ଜାରି ରଖିଛି । ଏବେ ପ୍ରିୟଙ୍କାଙ୍କ ପରିବାରର ବିଜିନେସ୍ ଟ୍ରାଞ୍ଜାକ୍ସନ ଉପରେ ଖୋଳତାଡ଼ କରୁଛି ପୁଲିସ । ଏସ୍‌ପି ବିନୀତ୍ ଅଗ୍ରୱାଲ କହିଛନ୍ତି, ପ୍ରିୟଙ୍କାଙ୍କ ସହ ଜ୍ୟୋତିଙ୍କ ଲିଙ୍କ୍ ଘଟଣାରେ ତଦନ୍ତ ଜାରି ରହିଛି । ଘଟଣାର ସବୁ ଦିଗକୁ ନେଇ ତଦନ୍ତ କରାଯାଉଛି । ସ୍କାନରରେ ସେନାପତି ଫ୍ୟାମିଲିର ବିଜିନେସ ଟ୍ରାଞ୍ଜାକ୍ସନ୍ । ଫାଇନାନ୍ସିଆଲ୍ ଟ୍ରାଞ୍ଜାକ୍ସନ୍, ବ୍ୟାଙ୍କ୍ ଆକାଉଣ୍ଟ ଡିଟେଲ୍ସକୁ ତନ୍ନ ତନ୍ନ କରି ହେଉଛି ଯାଞ୍ଚ। ପୁରୀ ଆସିଥିବା ବେଳେ ଜ୍ୟୋତି ରହିଥିବା ସ୍ଥାନ, ବୁଲିଯାଇଥିବା ଜାଗା ମଧ୍ୟ ତଦନ୍ତ ପରିସରଭୁକ୍ତ ରହିଛି । ଏମିତିକି ଜ୍ୟୋତି ଓ ପ୍ରିୟଙ୍କାଙ୍କ ସୋସିଆଲ ହ୍ୟାଣ୍ଡେଲ୍‌କୁ ବି ପୁଲିସ ତଦନ୍ତ ଘେରରେ ରଖିଛି । ସେମାନଙ୍କ ଭିତରେ ହୋଇଥିବା ଚାଟ୍‌କୁ ନେଇ ଖୋଳତାଡ଼ ଚାଲିଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି ।

## ବାର୍‌ହା ଆକ୍ରମଣରେ ଜଣେ ମୃତ, ୨ ଗୁରୁତର

ମହାକାଳପଡ଼ା,୨୧।୫(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଜମ୍ମୁ ଗ୍ରାମରେ ବାରହା ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ମୃତ ବ୍ୟକ୍ତି ହେଲେ ସିଦ୍ଧାର୍ଥ ମିର୍ଧା ଏବଂ ଅନ୍ୟ ୨ ଜଣ ଗୁରୁତର ଆଶାଲତା ମଣ୍ଡଳ ଓ ରବୀନ ମିର୍ଧାଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବୁଧବାର ସକାଳୁ ସିଦ୍ଧାର୍ଥ ଘରୁ ବାହାରକୁ ଆସୁଥିବା ବେଳେ ବାଡ଼ ମୂଳେ ଛକି ରହିଥିବା ବାରହା ତାଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲା। ଆକ୍ରମଣରେ ତାଙ୍କ ଗଳା ଏବଂ ଦୁଇ ଗୋଡ଼ରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ତାଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ମେଡିକାଲ ସ୍ଥାନାନ୍ତରିତ କରାଯାଉଥିଲା ବେଳେ ଅଧାବାଟରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳୁଛି। ବାର୍‌ହା ରବୀନଙ୍କ ପେଟ ଓ ହାତରେ ଆକ୍ରମଣ କରିଥିବା ବେଳେ ଆଶାଲତାଙ୍କ ବେକ ଓ ହାତରେ କ୍ଷତ ସୃଷ୍ଟି ହୋଇଛି। ଘଟଣାସ୍ଥଳରେ ସ୍ଥାନୀୟ ବନବିଭାଗର ଏକ ଟିମ ପହଞ୍ଚି ଜଙ୍ଗଲୀ ବାରହା ଉପରେ ତୀକ୍ଷ୍ଣ ନଜର ରଖିଛି ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। କିନ୍ତୁ ସଞ୍ଜ ନଇଁଲେ ବାରହା ପୁଣି ଆକ୍ରମଣ କରିବାର ଭୟ ଘାରିଛି ସ୍ଥାନୀୟ ଅଞ୍ଚଳବାସୀ।

## ସିବିଏସ୍‌ଇ ଡେରାବିଶ ବ୍ଲକ୍ ଟପ୍ପରଙ୍କୁ ପାଟକୁରା ବିଧାୟକଙ୍କ ସମ୍ବର୍ଦ୍ଧନା



ଡେରାବିଶ,୨୧।୫(ସମିସ): ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ଡେରାବିଶ ବ୍ଲକ ଗୁଆଲସିଂ ପଞ୍ଚାୟତ ଅଧୀନ କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲର ଛାତ୍ରୀ ଜିହାନ ତନଜିମ୍ ଖାନ ୯୪.୮ ପ୍ରତିଶତ ନମ୍ବର ରଖି ଡେରାବିଶ ବ୍ଲକ ଟପ୍ପର ହୋଇଛନ୍ତି। ଖବର ପାଇ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଅପରାହ୍ଣରେ ଜିହାନଙ୍କ ଡେରାବିଶ ବ୍ଲକ ଅଧୀନ ଗୋଲରାହାଟସ୍ଥିତ ବାସଭବନରେ ପହଞ୍ଚି ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସମ୍ବର୍ଦ୍ଧିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ବରିଷ୍ଠ ବିଜେଡି ନେତା ସରୋଜ ନାୟକ, ମନୋରଞ୍ଜନ ଉପାଧ୍ୟାୟ, ଚାଟରାଚକଡ଼ା ସମିତିସଭ୍ୟ ନିରନ କର, ଲକ୍ଷ୍ମୀନାରାୟଣପୁରର ପୂର୍ବତନ ସରପଞ୍ଚ ମହେନ୍ଦ୍ର ସିଂ, ଗୋଲରାହାଟର ପୂର୍ବତନ ସରପଞ୍ଚ ବିପିନ ବିହାରୀ ସାହୁ, ତ୍ରିଲୋଚନ ରାଉତ, ଗଗନ ଧଳ ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିପରି ଜିହାନ୍‌ଙ୍କୁ ଅବସରପ୍ରାପ୍ତ ସର୍ବୋଚ୍ଚ ଯନ୍ତ୍ରୀ ତଥା ସ୍ୱତନ୍ତ୍ର ଶାସନ ସଚିବ ଓ ଡେରାବିଶ ସାଂସ୍କୃତିକ ସଂଗଠନର ସଭାପତି ଡ. ଭକ୍ତକବି ଦାସ, ସଂଗଠନର ସମ୍ପାଦକ ଅଧ୍ୟାପକ ଗୁରୁଚରଣ ସେଠୀ ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ମଧ୍ୟ କାମନା କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଙ୍କ ଅଭିଭାବକ ଓ ପରିବାର ବର୍ଗ ଉପସ୍ଥିତ ଥିଲେ।

## ବ୍ରାହ୍ମଣୀ କଲେଜ ପ୍ରତିଷ୍ଠାତାଙ୍କୁ ଶ୍ରଦ୍ଧାଞ୍ଜଳି

ପଟ୍ଟାମୁଣ୍ଡାଇ,୨୧।୫(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଦାଣ୍ଡିସାହି ବ୍ରାହ୍ମଣୀ କଲେଜର ଅନ୍ୟତମ ପ୍ରତିଷ୍ଠାତା ପ୍ରଫେସର ଗୟାଧର ରାଉତଙ୍କ ୮ ମ ଶ୍ରାଦ୍ଧ ବାର୍ଷିକ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କଲେଜ ପରିସରରେ ଅଧକ୍ଷ ଡ. ଗୌରୀକୁମାର ସାମଲଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ନିରଞ୍ଜନ ବାରିକ, ଅଧ୍ୟାପକ ଦିଲ୍ଲୀପ କୁମାର ମଲ୍ଲିକ, ଅଧ୍ୟାପକ ଶିବଚରଣ ଦାସ, ଡିଇଓ ଦୈତାରୀ ନାୟକ, ବିଜୟ କୁମର ରାଉତ, ମନୋଜ କୁମାର ରାଉତ, କାଳନ୍ଦୀ ମଳିକ, ରାଜେନ୍ଦ୍ର ବେହେରା, ଅଭୟ ଦଳେଇ, ସୁଧାକର ଦାସ ପୁରାତନ ଛାତ୍ର ସୁମନ୍ତ କୁମାର ମଲ୍ଲିକ, ଜିତେନ୍ଦ୍ର କୁମାର ପରିଡ଼ା ପ୍ରମୁଖ ଦିବଂଗତ ପ୍ରଫେସର ଗୟାଧର ରାଉତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ଜଳିଗଲା ୩ ବଖରା; ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

ପଟ୍ଟାମୁଣ୍ଡାଇ,୨୧।୫(ସମିସ): ବୁଧବାର ମଧ୍ୟାହ୍ନରେ ଚଉଡକୁଲାଟ ଫାଣ୍ଡି ଅଧୀନ କେଶପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ପ୍ରସନ୍ନ କୁମାର ମହାନ୍ତିଙ୍କ ୨ ବଖରା ଓ ରୋଷେଇ ଘର ସଂପୂର୍ଣ୍ଣ ଜଳିଯାଇଛି। ଏହି ଅଗ୍ନିକାଣ୍ଡରେ ପ୍ରାୟ ୨ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଥିବା ପ୍ରାଥମିକ ଆକଳନରୁ ଜଣାପଡ଼ିଛି। ମଧ୍ୟାହ୍ନରେ ହଠାତ ଶ୍ରୀ ମହାନ୍ତିଙ୍କ ଘର ପଛ ପଟୁ ନିଆଁ ଲାଗି ଚାରିଆଡେ ବ୍ୟାପି ଯାଇଥିଲା। ଖବର ପାଇ ପଟ୍ଟାମୁଣ୍ଡାଇ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ କରିଥିଲେ ହେଁ ସବୁ ଜଳିଯାଇଥିଲା। ଘରେ ଥିବା ସମସ୍ତ ଆସବାବପତ୍ର ଜଳି ପାଉଁ ହୋଇଯାଇଛି। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

## ସ୍ମୃତି ବାଣ୍ଟିଲେ ପୁରାତନ ଛାତ୍ରଛାତ୍ରୀ

ମାଳିପୁର,୨୧।୫(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ଶ୍ରୀରାମପୁର ପଞ୍ଚାୟତ ରାମଚନ୍ଦ୍ର ନୋଡାଲ ବିଦ୍ୟାଳୟର ୧୯୯୭ ବ୍ୟାଚର ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସପ୍ତମ ଶ୍ରେଣୀ ପାସ କରିଥିବା ସମସ୍ତ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଯୋଗଦେଇଥିବା ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ପୁରାତନ ଛାତ୍ରଛାତ୍ରୀ ଗୁରୁ ପୂଜନ କରିଥିଲେ। ଦୀର୍ଘ ୨୮ ବର୍ଷ ପରେ ବିଦ୍ୟାଳୟ ପରିସରରେ ଉଭୟ ଗୁରୁ ଶିଷ୍ୟମାନଙ୍କର ମିଳନ କିଛି ସମୟ ପାଇଁ ଭାବାବେଗ ପରିବେଶ ସୃଷ୍ଟି କରିଥିଲା। କାର୍ଯ୍ୟକ୍ରମରେ ତତ୍କାଳୀନ ପ୍ରଧାନଶିକ୍ଷକ ପଞ୍ଚାନନ ରାଉତଙ୍କ ସମେତ ଗୋବିନ୍ଦ ଜେନା, ତପନ ଦାଶ, ଶରତ ତ୍ରିପାଠୀ, ବାବାଜୀ ଚରଣ ଷଡ଼ଙ୍ଗୀ, ମଞ୍ଜୁଲତା ଷଡ଼ଙ୍ଗୀ, ବିଷ୍ଣୁପ୍ରିୟା ନାୟକ ପ୍ରମୁଖ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଅଭିରାମ ବେହେରା, ଅମର ପରିଡା, ନିହାର ମାନଧାତା, ଅମରେନ୍ଦ୍ର ମାନଧାତା, ପ୍ରମୋଦ ମାନଧାତା, ମନୋରଞ୍ଜନ କୁଣ୍ଡ, ସତ୍ୟରଞ୍ଜନ ବେହେରା, ରାଜେଶ ପରିଡ଼ା, କଳନ୍ଦୀ ପରିଡ଼ା, କାବଲ ମହାକୁଡ, ପ୍ରଭାତ ରାଉତ, ମଧୁସ୍ମିତା ପରିଡ଼ା, ସୁମିତ୍ରା ପରିଡ଼ା, ରିତାଞ୍ଜଳି ପରିଡା, କଳ୍ପନା ପରିଡ଼ା, ସସ୍ମିତା ପ୍ରଧାନ, କାଳନ୍ଦି ଦାସ, ସୁଚିତ୍ରା ଦାସ ପ୍ରମୁଖ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

# ବିପଦସଂକୁଳ ରାଏତୁଣ୍ଡି ପାଟନାଳି ପୋଲ





### ମରାମତି ପାଇଁ ଅଞ୍ଚଳବାସୀଙ୍କ ଦାବି

ପଞ୍ଚୁପାଣ୍ଡବ,୨୧।୫(ସମିସ): ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅଧୀନ ରାଏତୁଣ୍ଡି ଗ୍ରାମଦେଇ ଯାଇଥିବା ପାଟନାଳି ପୋଲ ବିପଦସଂକୁଳ ଅବସ୍ଥାରେ ରହିଥିବା ଦେଖିବାକୁ ମିଳୁଛି। ଏହିପୋଲଟି କଂଗ୍ରେସ ଅମଳରୁ ପ୍ରାୟ ୩୦ ବର୍ଷରୁ ଅଧିକ ହେବ ହୋଇଥିବା ଅଞ୍ଚଳବାସୀ କହିଛନ୍ତି। ସେହି ଅମଳରେ ପୋଲ ନଥିବା ବେଳେ ଲୋକେ ସ୍ଥାନୀୟଗ୍ରାମକୁ ଡଙ୍ଗାରେ ଯିବାଆସିବା କରୁଥିଲେ। ଗ୍ରାମରେ ଥିବା ରାଏତୁଣ୍ଡି ପ୍ରାଥମିକ ବିଦ୍ୟାଳୟ ଏବଂ ବଡ଼ଚଣା ବ୍ଲକ ଭରତପୁର ହାଇସ୍କୁଲକୁ ଯିବାଆସିବା ପାଇଁ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ। ୧୯୯୫ ମସିହାରେ ପୋଲଟି ତିଆରି ହୋଇଥିଲା। ହେଲେ ଏହାର ବିଭାଗୀୟ ଅଧିକାରୀମାନେ ରକ୍ଷଣାବେକ୍ଷଣ ନ କରିବାରୁ ପୋଲର ତଳପଟରୁ କିଛି ଅଂଶ ଢଳେଇ ଭାଙ୍ଗିଥିବା ବେଳେ ଶତାଧିକ ଜାଗାରେ ଲୁହାରଡ୍ ଦେଖାଯାଉଛି। ଏହି ପୋଲରେ ଅନେକ ଲୋକେ ଯିବାଆସିବା କରୁଛନ୍ତି। ଏପରିକି ବିଦ୍ୟାଳୟକୁ ଛାତ୍ରଛାତ୍ରୀମାନେ ଭୟରେ ଯିବାଆସିବା କରୁଥିବା ବେଳେ ଅଟରେ କୁନିକୁନି ପିଲାମାନେ ଯାଉଥିବା ଦେଖିବାକୁ ମିଳୁଛି। ତୁରନ୍ତ ଏହାର ତଦନ୍ତ କରାଯାଇ ଶୀଘ୍ର ମରାମତି କରିବା ପାଇଁ ପିତାମ୍ବର ପାଣ୍ଡବ, ପୂର୍ବତନ ସମିତି ସଭ୍ୟ ରଞ୍ଜନ କୁମାର ବେହେରା, ଅଚ୍ଛୁତାନନ୍ଦ ସାମଲ, ଅନାଦି ଚରଣ ବେହୁରା, ଧୀରେନ୍ଦ୍ର ସାମଲ ଏବଂ ଅଞ୍ଚଳବାସୀ ଦାବି କରିଛନ୍ତି।

**■ ପୁଲିସ ପରିଚୟ ଦେଇ ଲୁଟ୍ ଘଟଣା**

## ତରାସ ଗାଁର ୨ ଯୁବକଙ୍କୁ ଗିରଫ କଲା ଦିଗପହଣ୍ଡି ପୁଲିସ

ରାଜକନିକା,୨୧।୫(ସମିସ): ରାଜକନିକା ଥାନାଞ୍ଚଳ ତରାସ ଗାଁର ମହେଶ୍ୱର ଦଳାଇ ଓରଫ କକନ (୩୨) ଓ ଗଣେଶ ଜେନା (୩୫)ଙ୍କୁ ଲୁଟ ମାମଲାରେ ଗଞ୍ଜାମର ଦିଗପହଣ୍ଡି ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାନୁଯାୟୀ, ଗତକାଲି ପୂର୍ବାହ୍ନରେ ଗଜପତି ଜିଲ୍ଲା ପି ଶୈଳଙ୍ଗର ଝୈମୋଷ ପାଣି ନିଜର ଭିଣୋଇ ଦିଲରାଜ ଛିଞ୍ଚାନିଙ୍କସହ ବାଇକରେ ବ୍ରହ୍ମପୁର ଆଡ଼କୁ ଯାଉଥିବା ବେଳେ ଉକ୍ତ ଦୁଇ ଠକ ଯୁବକ ତାଙ୍କୁ ପୁଲିସ ପରିଚୟ ଦେଇ ଗାଡ଼ିକୁ ଅଟକାଇ ୩୨ଶହ ଟଙ୍କାର ଚାଲାଣ କାଟିବାକୁ କହିଥିଲେ। ମାତ୍ର ସେମାନେ ଏହି ଟଙ୍କା ଦେବାକୁ ମନା କରିବାରୁ ତାଙ୍କ ପାଖରେ ଥିବା ବ୍ୟାଗକୁ ଉକ୍ତ ଦୁଇ ଠକ ଝାମ୍ପି ନେଇଥିଲେ। ଏହି ବ୍ୟାଗରେ ଏକ ଲକ୍ଷ ଟଙ୍କା ନଗଦ ଥିବାରୁ ଏବାବଦରେ ଝୈମୋଷ ଥାନାରେ ଏତଲା ଦେଇଥିଲେ। ପରେ ପୁଲିସ ଛାନଭିନ କରି ଦୁଇ ଠକଙ୍କ ପାଖରୁ ଏକ ବ୍ୟାଗ, ନଗଦ ଲକ୍ଷ ଟଙ୍କା, ଏକ କିପ୍ୟାଡ ମୋବାଇଲ, ୫୧୦ ଟଙ୍କା ଥିବା ଏକ ମନିପର୍ସ, ଓଡି ୩୩ ଏଆର ୦୧୬୮ ନମ୍ବର ମୋଟରସାଇକଲ ଜବତ କରିଛି। ତେବେ କକନ ନାଁରେ ୨୮ଟି କେଶ ରାଜକନିକା ଥାନାରେ ଥିବାବେଳେ ସେ ବ୍ରହ୍ମପୁରର ଜଣେ ମାଫିଆ ରାଜନେତାଙ୍କ ଖୁବ ଅନୁଗତ ଥିବା ଜଣାପଡ଼ିଛି। ରାଜକନିକାର ଯୁବକ ପୁଲିସ ପରିଚୟ ଦେଇ ଦିଗପହଣ୍ଡିରେ ଧରାପଡ଼ିବା ଘଟଣା ଏଠାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

## ଶିକ୍ଷାବିତ୍ ଭୋଳାନାଥ ବିଶ୍ୱାଳଙ୍କ ଶ୍ରଦ୍ଧାଞ୍ଜଳି ସଭା

ପଟ୍ଟାମୁଣ୍ଡାଇ,୨୧।୫(ସମିସ): ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଆଦର୍ଶ ଶିକ୍ଷକ ଭୋଳାନାଥ ବିଶ୍ୱାଳଙ୍କ ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ପେଣ୍ଠପାଳରେ ଅନୁଷ୍ଠିତ ହୋଇଯାଇଛି। ଧୋୟାଞ୍ଚଳ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଶିକ୍ଷାବିତ ରାଜ କୁମାର ବିଶ୍ୱାଳଙ୍କ ପୌରହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରାକ୍ତନ ବ୍ଲକ ଏବିଇଓ ସନାତନ ତରାଇ, ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ନାରଦ ବିଶ୍ୱାଳ, ପେଣ୍ଠପାଳ ସମିତି ସଭ୍ୟ ଶଶାଙ୍କ ଶେଖର ବିଶ୍ୱାଳ, ଶିକ୍ଷାବିତ କାର୍ତିକ ରାଉତ ବରିଷ୍ଠ ନେତା କେଦାର ବିଶ୍ୱାଳ ସୁରେଶ ନାୟକ, ନାରାୟଣ ବିଶ୍ୱାଳ, ବିପିନ ବର୍ମା, କଣ୍ଠଶିଳ୍ପୀ ସୁଧାଂଶୁ ଦାସ ଓ ବସନ୍ତ ବିଶ୍ୱାଳ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଧୋୟାଞ୍ଚଳର ଏକମାତ୍ର ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଆଦର୍ଶ ଶିକ୍ଷକ ଭାବେ ଦିବଂଗତ ଭୋଳାନାଥ ବିଶ୍ୱାଳ ଶିକ୍ଷା କ୍ଷେତ୍ରରେ ଦେଇଥିବା ବଳିଷ୍ଠ ଅବଦାନ ପାଇଁ ଚୀରକାଳ ଅବିସ୍ମରଣୀୟ ହୋଇରହିବେ ବୋଲି ମତ ପ୍ରକାଶ କରି ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଦିବଂଗତ ଅମର ଆତ୍ମାର ସଦଗତି ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ମୃତ୍ୟୁଞ୍ଜୟ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଲୋକନାଥ ବିଶ୍ୱାଳ, ସଂଜୀବ ବିଶ୍ୱାଳ, ମାୟାଧର ବିଶ୍ୱାଳ ଓ ତପନ ବିଶ୍ୱାଳ ପରିଚାଳନା କରିଥିଲେ।

## କୃଷକନେତା ଗୁରୁ ଚରଣ ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ସଭା

ପଟ୍ଟାମୁଣ୍ଡାଇ,୨୧।୫(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ବାଛରା ଗ୍ରାମର କୃଷକନେତା ଗୁରୁଚରଣ ପ୍ରଧାନଙ୍କ ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଯୁବ ସମାଜସେବୀ ନଳିନୀକାନ୍ତ ସ୍ୱାଇଁଙ୍କ ପୌରହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ସମାଜସେବୀ ନୂଆଦିଲ୍ଲୀ ହାଉସଖାସ, ଜଗନ୍ନାଥ ମନ୍ଦିର ଉପଦେଷ୍ଟା ଜୟରାମ ସାମଲ, କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ପ୍ରାକ୍ତନ ଅଧ୍ୟକ୍ଷା ଗୀତାଞ୍ଜଳୀ ସେଠୀ, ରାଜ୍ୟ ବିଜେପି କାର୍ଯ୍ୟକାରୀଣୀ ସଭ୍ୟ ଲଳିତ ବେହେରା, ବାଛରା ସମିତି ସଭ୍ୟା ସୁମିତ୍ରା ସାହୁ, ସମାଜସେବୀ କାହ୍ନୁଚରଣ ସାମଲ, ପୂର୍ବତନ ସରପଞ୍ଚ ସମୀର ପ୍ରଧାନ, ବ୍ଲକ ସହକାରୀ ଯନ୍ତ୍ରୀ ବିନୟ ମିଶ୍ର, ବ୍ଲକ ମିଶନ ଶକ୍ତି ସଂଯୋଜକ ପ୍ରଭୁ ଧବଳେଶ୍ୱର ବରାଳ, ଶିକ୍ଷାବିତ ସଞ୍ଜୟ ସାହୁ, ଡା. ଇନ୍ଦ୍ରଭାନୁ ପ୍ରଧାନ ଯୁବନେତା ମିଟୁ ମନୋଜ ନାୟକ, ଚିତ୍ରଭାନୁ ପ୍ରଧାନ, ଯୁବନେତା ପ୍ରକାଶ ଦାସ, ରବିନ୍ଦ୍ର ବିଶ୍ୱାଳ, ସମୀର ପାତ୍ର, ମନ୍ମଥ ପ୍ରଧାନ, ଧିରେନ ପ୍ରଧାନ, ବିଶ୍ୱଜିତ ପ୍ରଧାନ, ଗୌତମ ପରିଡ଼ା, ଶୁକଦେବ ରାଉତ, ହିରାଲାଲ ରାଉତ, ଜ୍ୟୋସ୍ନାରାଣି ପ୍ରଧାନ, ପ୍ରତିଭା ପ୍ରଧାନ ଓ ରବିନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ଦିବଂଗତ ପ୍ରଧାନଙ୍କ ସ୍ମୃତିଚାରଣ କରିଥିଲେ। ଶେଷରେ ପୂର୍ବତନ ସରପଞ୍ଚ ସମୀର ପ୍ରଧାନ ଧନ୍ୟବାଦ ଦେଇଥିଲେ। ଧ୍ରୁବ-ଅନ୍ନପୂର୍ଣ୍ଣା କଳା ପରିଷଦ କଳାକାରମାନେ ଭଜନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ବିନୋଦ ପ୍ରଧାନ, ସୁନନ୍ଦ ପ୍ରଧାନ, ରତିକାନ୍ତ ପ୍ରଧାନ, ଚତୁର୍ଭୁଜ ବିଶ୍ୱାଳ ଓ ଅଶୋକ ପାତ୍ର ପରିଚାଳନା କରିଥିଲେ।

## ରାଜୀବଗାନ୍ଧୀ ଯୁବ ସେବା ପୁରସ୍କାର ପାଇଲେ ସ୍ୱାତୀସ୍ମିତା



ରାଜକନିକା,୨୧।୫(ସମିସ): ଭାରତରତ୍ନ ରାଜୀବଗାନ୍ଧୀଙ୍କ ପୁଣ୍ୟ ବଳିଦାନ ଦିବସରେ ଭୁବନେଶ୍ୱରସ୍ଥ ଜୟଦେବ ଭବନରେ ଆୟୋଜିତ ଉତ୍ସବରେ ରାଜକନିକାର ସ୍ୱାତୀସ୍ମିତା ନାୟକ ବେଷ୍ଟ ଜୁନିଅର ରେଡକ୍ରସ ଭଲ୍ୟୁଣ୍ଟିଅର ଭାବେ 'ରାଜୀବଗାନ୍ଧୀ ପ୍ରତିଭା ପୁରସ୍କାର' ପାଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ରାଜୀବ ଗାନ୍ଧୀ ଷ୍ଟୁଡେଣ୍ଟ ଫୋରମ ପକ୍ଷରୁ ଆୟୋଜିତ ସମାବେଶରେ ପିସିସି ସଭାପତି ଭକ୍ତଚରଣ ଦାସ, ସଭାପତି ସତ୍ୟବ୍ରତ ନାୟକ, ଉତ୍କଳ ୟୁନିଭର୍ସିଟିର ପୂର୍ବତନ ଭାଇସ ଚାନସେଲର ଡ. ବିନାୟକ ରଥ ଉକ୍ତ ପୁରସ୍କାର ପ୍ରଦାନ କରିଛନ୍ତି। ରାଜ୍ୟର ୪ ଜଣ ଜୁନିଅର ରେଡକ୍ରସ ସ୍ୱେଚ୍ଛାସେବୀଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇ ଥିବାବେଳେ କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକାର ସ୍ୱାତୀସ୍ମିତା ଯେକି ତରାଣ୍ଡୋରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ଅଟନ୍ତି। ଏପରିକି ଆଳି ବ୍ଲକର ଗୋବିନ୍ଦପୁର ଗୋଦାବରୀଶ ବିଦ୍ୟାପୀଠର ଦେବଶ୍ରୀ ରାଉତରାୟ ଏହି ପୁରସ୍କାର ପାଇଛନ୍ତି। ଉଭୟ ଯୁବ ପ୍ରତିଭା ଆଗରୁ ରାଜ୍ୟ ଓ ଜାତୀୟସ୍ତରରେ ବହୁ ପୁରସ୍କାର ପାଇଛନ୍ତି। ରାଜକନିକା ବ୍ଲକ ନଳପୋଖରୀ ଗାଁର ପିତା ଅମର ନାୟକ ଓ ମାଆ ଭଗବତୀ ଦାସଙ୍କ ଝିଅ ଭାବରେ ବେଶ ସୁନାମ ସାଉଁଟିଥିବା ସ୍ୱାତୀସ୍ମିତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଫଳତା ପାଇବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳିଛି। ଜିଲ୍ଲା ରେଡକ୍ରସ ଅଧିକାରୀ ନିରଞ୍ଜନ ବେହେରା ଉଭୟ ପ୍ରତିଭାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଅଣ୍ଡରା ପ୍ରାକ୍ତନ ନାଏବ ସରପଞ୍ଚଙ୍କ ସର୍ପାଘାତରେ ମୃତ୍ୟୁ

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୨୧।୫(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ଅଣ୍ଡରା ପଞ୍ଚାୟତର ପ୍ରାକ୍ତନ ନାଏବ ସରପଞ୍ଚ ରଶ୍ମିତା ନାୟକଙ୍କର ସର୍ପାଘାତରେ ଅକାଳ ବିୟୋଗ ଘଟିଛି। ଘରେ ଶୋଇଥିବା ବେଳେ କୌଣସି ବିଷଧର ସର୍ପ ତାଙ୍କ କାଣୀ ଆଙ୍ଗୁଳିକୁ କାମୁଡ଼ି ଦେଇଥିଲା। ସେ ଉଠିପଡ଼ିବା ସହିତ ଏନେଇ ସ୍ୱାମୀଙ୍କୁ ଅବଗତ କରିଥିଲେ। କିନ୍ତୁ କଣ କାମୁଡ଼ିଲା ଜାଣି ନପାରି ରଶ୍ମିତା ନିତ୍ୟକର୍ମ ସାରି ପୁଣି ଶୋଇପଡ଼ିଥିଲେ। ମାତ୍ର ସକାଳ ହେବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଥିଲା। ପରେ ତତ୍କାଳ ଚିକିତ୍ସା ପାଇଁ ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ଓ ପେର କଟକ ବଡ଼ ଡାକ୍ତରଖାନାକୁ ନେବା ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ତାଙ୍କର ମୃତ୍ୟୁ ଘଟିଛି। କେନ୍ଦ୍ରାପଡ଼ାରେ ଶବ ବ୍ୟବଚ୍ଛେଦ ପରେ ଅପରାହ୍ଣରେ ପଥୁରିଆଡିଆ ଗ୍ରାମ ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି। ପୂର୍ବତନ ନାୟବ ସରପଞ୍ଚ ରଶ୍ମିତାଙ୍କ ଅକାଳ ବିୟୋଗରେ ଅଣ୍ଡରା ସମେତ ସମଗ୍ର ଧୋୟାଞ୍ଚଳରେ ଶୋକ ପ୍ରକାଶ ପାଇଛି।

## ସବଜଜ୍ ସଂଗୀତା ମଲ୍ଲିକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ପଟ୍ଟାମୁଣ୍ଡାଇ,୨୧।୫(ସମିସ): ପଟ୍ଟାମୁଣ୍ଡାଇ କୋର୍ଟର ସବଜଜ୍ ସଂଗୀତା ମଲ୍ଲିକଙ୍କର ଅନ୍ୟତ୍ର ବଦଳି ହୋଇଥିବାରୁ ତାଙ୍କୁ ଓକିଲ ସଂଘ ପକ୍ଷରୁ କୋର୍ଟ ପରିସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପଟ୍ଟାମୁଣ୍ଡାଇ ଓକିଲ ସଂଘ ସଭାପତି ସୂର୍ଯ୍ୟରଞ୍ଜନ ରାଉଳଙ୍କ ପୌରହିତ୍ୟ ଓ ପୂର୍ବତନ ସଭାପତି ତପନ ମିଶ୍ରଙ୍କ ସଂଯୋଜନାରେ ସଭା ଆୟୋଜିତ ହୋଇଥିଲା। ସଭାରେ ଜେଏମ୍‌ଏଫ୍‌ସି ଡି.କେ ବାଳକ୍ରିଷ୍ଣନ, ଓକିଲ ସଂଘ ଉପସଭାପତି ସୁରେଶ ନରେନ୍ଦ୍ର, ସମ୍ପାଦକ ରବୀନ୍ଦ୍ର ଦାଶ, ଯୁଗ୍ମ ସମ୍ପାଦକ ମନୋଜ ନାୟକ, କୋଷାଧ୍ୟକ୍ଷ ପ୍ରମୋଦ ବିଶ୍ୱାଳ, ପାଠାଗାର ସମ୍ପାଦକ ପ୍ରକାଶ ପାତ୍ର, ଓକିଲ ସଂଘ ପୂର୍ବତନ ସଭାପତି କିଶୋର କୁଣ୍ଡ ଓ ଭୀମସେନ ପ୍ରଧାନ, ଆଡଭୋକେଟ ନରହରି ଲେଙ୍କା, ବିଜୟ ରାଉତ ବକ୍ତବ୍ୟରେ ବିଦାୟୀ ସବଜଜ୍ ସଂଗୀତା ମଲ୍ଲିକ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲା ବିଚାର କରି ତ୍ୱରିତ ନ୍ୟାୟ ପ୍ରଦାନ ସହିତ ତାଲୁକ ଆଇନ ସେବା ସମିତି ଅଧକ୍ଷା ଭାବେ ଗରିବଙ୍କୁ ଆଇନ ସହାୟତା ଏବଂ ବୃକ୍ଷରୋପଣ ଆଦି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସଭାରେ ତାଲୁକ ଆଇନ ସେବା ସମିତି ଫ୍ରଣ୍ଟ ଅଫିସ ରିଟେନର ଆଡଭୋକେଟ ଧୀରେନ୍ଦ୍ର ସାହୁ, ପୂର୍ବତନ ସଭାପତି ଆଡଭୋକେଟ ବିଜ୍ଞାନ ମିହିର ଜେନା, ପୂର୍ବତନ ଉପସଭାପତି ଅଶ୍ୱିନୀ ବେହେରା, ସୌମ୍ୟରଞ୍ଜନ ଧଳ, ପ୍ରଫୁଲ୍ଲ ଦାଶ, ଶରତ ମହାନ୍ତି, ହୃଦାନନ୍ଦ ମହାନ୍ତି, ଭବାନୀ ଶଙ୍କର ପଣ୍ଡା, ଗୀତାଞ୍ଜଳି ପୃଷ୍ଟି, ବିଦ୍ୟାଧର ଦାଶ, ଗୋପୀନାଥ ତ୍ରିପାଠୀ, ସଞ୍ଜୀବ କର, ଜିତେନ୍ଦ୍ର ନନ୍ଦୀ, ପ୍ରଣତି ଦାସ, ପ୍ରତାପ ପୃଷ୍ଟି, ଶିଶିର ମଳିକ, ଶରତ ମଳିକ, ଗିରିଜାଶଙ୍କର ଦାଶ, ସୁମନ୍ତ ମାଝୀ, ହିତେଶ ସାହୁ, ଅମୀୟ ଭୂଷଣ କୁଣ୍ଡ, ଅଲେଖ ବଳ ପ୍ରମୁଖ ବହୁ ଆଇନଜୀବୀ ଯୋଗଦେଇଥିଲେ। ଏଅବସରରେ ସବଜଜ୍‌ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହିତ ପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ମାତା ସୁଭଦ୍ରାଙ୍କ ଫଟୋଚିତ୍ର ପ୍ରଦାନ କରାଯାଇଥିଲା।

**ଉତ୍କଳମଣି ଯୁବକ ସଂଘ ଚିଠିର ଉତ୍ତର ରଖିଲା ବିଭାଗ**

# ଗୁଡ଼ିଆଯୋର ସେତୁ ନିର୍ମାଣ ପାଇଁ ଚାଲିଛି ରିପୋର୍ଟ ପ୍ରସ୍ତୁତି

ପଟ୍ଟାମୁଣ୍ଡାଇ,୨୧।୫(ସମିସ):



ପଟ୍ଟାମୁଣ୍ଡାଇ ବ୍ଲକ ଧୋୟାଞ୍ଚଳର ଅଣ୍ଡରା ଓ ଅମୃତମଣୋହି ସମେତ ଆଖପାଖ ଅଞ୍ଚଳର ଚାଷୀଙ୍କୁ ଚାଷ କରିବା ନିମନ୍ତେ ଗୁଡ଼ିଆଯୋର ଉପରେ ସେତୁ ନିର୍ମାଣ ପାଇଁ ବିଭାଗ ପକ୍ଷରୁ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତି ଚାଲିଛି। ଏପରିକି ପୋଲର ଡିଜାଇନ ପାଇଁ ଡ୍ରଇଂ ପ୍ରସ୍ତୁତ କରାଯାଉଛି ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି। ପଟ୍ଟାମୁଣ୍ଡାଇ ଅଞ୍ଚଳର ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳମଣି ଯୁବକ ସଂଘର ସଭାପତି ଗୌତମ ବେହେରାଙ୍କ ଚିଠିର ଉତ୍ତରରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି ଯେ, ଅଣ୍ଡରା ଓ ଅମୃତମଣୋହି ପଞ୍ଚାୟତର ଲୋକଙ୍କ ସ୍ୱାର୍ଥକୁ ଆଖିଆଗରେ ରଖି ଗୁଡ଼ିଆଯୋର ସେତୁର ପ୍ରସ୍ତାବ ଅନୁମୋଦିତ ହୋଇଛି। ସର୍ଭେ କାମ ହୋଇ ହାଇଡ୍ରୋଲିକ୍ ତଥ୍ୟାବଳୀ ଦାଖଲ କରାଯାଇ ପ୍ରକଳ୍ପ ରିପୋର୍ଟ ଏବଂ ଡ୍ରଇଂ ପାଇଁ ପ୍ରୟାସ ଜାରିରହିଛି। ନିର୍ମାଣ କାମ ଶୀଘ୍ର ଆରମ୍ଭ ହେବ ବୋଲି ସେ କହିଛନ୍ତି। ସୂଚନାନୁଯାୟୀ, ପଟ୍ଟାମୁଣ୍ଡାଇ ବ୍ଲକ ଧୋୟାଞ୍ଚଳର ଅଣ୍ଡରା ଓ ଅମୃତମଣୋହି ସମେତ ଆଖପାଖ ଅଞ୍ଚଳର ହଜାର ହଜାର ଚାଷୀ ଗୁଡ଼ିଆଯୋର ଚାଷ ଜମିକୁ ପାରହୋଇ ଯିବାକୁ ପଡ଼େ। ନିର୍ମାଣ ହୋଇଥିବା ଅସ୍ଥାୟୀ ପୋଲ ଭାଙ୍ଗିଯିବାରୁ ଆରପଟ ଜମିକୁ ଯିବାଆସିବା ସମ୍ଭବ ହେଲାନି। ଫଳରେ ହଜାର ହଜାର ଏକର ଜମି ପଡ଼ିଆ ରହିବା ସହିତ ବେଣାବାଡ଼ିରେ ପରିଣତ ହେବାରେ ଲାଗିଛି। ସେଥିପାଇଁ ଧୋୟାଞ୍ଚଳର ଚାଷୀ ସେତୁ ନିର୍ମାଣ ପାଇଁ ଦାବିକରି ଆସୁଥିଲେ। ଏହି ସେତୁ ନିର୍ମାଣ ହେଲେ ଧୋୟାଞ୍ଚଳର ଶହଶହ ଏକର ଜମିରେ ଚାଷ ହେବା ସହିତ ଅଣ୍ଡରା, ଅମୃତମଣୋହି ପଞ୍ଚାୟତର ଚାଷୀ ଉପକୃତ ହେବେ। ଗଣେଶ୍ୱର ବେହେରା କେନ୍ଦ୍ରାପଡ଼ା ବିଧାୟକ ଭାବେ ନିର୍ବାଚିତ ହେବା ପରେ ଧୋୟାଞ୍ଚଳ ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଗୁଡିଆଯୋର ସେତୁ ନିର୍ମାଣ ପାଇଁ ବିଧାନସଭାରେ ପ୍ରଶ୍ନ ଉତ୍ଥାପନ କରିଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କୁ ଭେଟି ସେତୁ ପାଇଁ ଦାବି କରିଥିଲେ। ସମ୍ପ୍ରତି ରାଜ୍ୟ ସରକାର ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ବନ୍ୟା ବିପନ୍ନ ଅଣ୍ଡରା ଓ ଅମୃତମଣୋହି ପଂଚାୟତର ଚାଷୀମାନଙ୍କ ସୁବିଧା ପାଇଁ ଅଣ୍ଡରା, ଅମୃତମଣୋହିଠାରେ ଗୁଡିଆଯୋର ଉପରେ ସେତୁ ନିର୍ମାଣ କରିବା ପାଇଁ ସରକାର ସ୍ୱୀକୃତି ପ୍ରଦାନ କରିବା ସହିତ ଅନୁଦାନ ମଞ୍ଜୁର କରିଛନ୍ତି। ଖରସ୍ରୋତା ଓ କାଣୀ ନଦୀରୁ ଉତ୍ପନ୍ନ ଗୁଡିଆଯୋର ଏକ ଦୀପାଞ୍ଚଳର ରୂପ ନେଇଥିବାରୁ ସେହି ଅଞ୍ଚଳରେ ଥିବା ନିଜର ଚାଷ ଜମିକୁ ଯିବା ପାଇଁ ଚାଷୀମାନେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଗୁଡିଆଯୋର ସେତୁ ନିର୍ମାଣ ପାଇଁ ୨୫ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ମାତ୍ର ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇବାର ୫୮ ଦିନ ବିତି ଯାଇଥିଲେ ମଧ୍ୟ ସେତୁ ନିର୍ମାଣ ଆରମ୍ଭ ହୋଇନାହିଁ। ଏହି ଘଟଣାକୁ ନେଇ ଉତ୍କଳମଣି ଯୁବକ ସଂଘ ସଭାପତି ଶ୍ରୀ ବେହେରା ଗ୍ରାମ୍ୟ ଉନ୍ନୟନ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ।


## ଭାଗବତ ଜ୍ଞାନଯଜ୍ଞ ଓ ପ୍ରବଚନ ସଭା



ରାଜନଗର,୨୧।୫(ସମିସ): ରାଜନଗର ବ୍ଲକ ଜରିମୂଳସ୍ଥିତ ହାଟପଡ଼ିଆରେ ସପ୍ତାହ ବ୍ୟାପୀ ଭାଗବତ ଜ୍ଞାନଯଜ୍ଞ ଓ ପ୍ରବଚନ ସଭା ଅନୁଷ୍ଠିତ ହୋଇଯାଇଛି। ସନ୍ୟାସୀ ବାବାଜୀ ଅମୃତାନନ୍ଦ ସରସ୍ୱତୀ ୭ଦିନ ସନ୍ଧ୍ୟାରେ ଭାଗବତର ୧୨ଟି ସ୍କନ୍ଧ ଆଲୋଚନା କରିଥିଲେ। ଅବକ୍ଷୟମୁଖୀ ମାନବ ସମାଜକୁ ସଠିକ ମାର୍ଗରେ ପରିଚାଳିତ ହୋଇ ଦେଶର ସଂସ୍କୃତି ଓ ପରମ୍ପରା ସୁରକ୍ଷିତ ରଖିବା ଏବଂ ବିପଦମୁଖୀ ସନାତନ ଧର୍ମକୁ ଉଗ୍ର ପାଶ୍ଚାତ୍ୟ ଚାଲିଚଳନକୁ ରକ୍ଷା କରିବା ପାଇଁ ମାଆ ଓ ବାପାମାନେ ସଚେତନ ହେବାକୁ କହିଥିଲେ। କମିଟିର ସଭାପତି ମହେଶ୍ୱର ରାଉତଙ୍କ ସଂଯୋଜନାରେ ଉଦ୍‌ଯାପିତ ସନ୍ଧ୍ୟାରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଭଗବତୀ ପ୍ରେମୀ ଭାବେ ନିଜକୁ ଗଢିତୋଳି ସୁସ୍ଥ ଓ ଶୃଙ୍ଖଳିତ ସମାଜ ଗଠନରେ ଭାଗବତ ପଠନ ଆବଶ୍ୟକ ବୋଲି କହିଥିଲେ। ବିଧାୟକ ଶ୍ରୀ ସାହୁ ସ୍ୱାମୀ ଶ୍ରୀ ଦାସ ମହାରାଜଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରତିଭା ପାତ୍ର, ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡା, ସମିତି ସଭ୍ୟ ସସ୍ମିତା ସ୍ୱାଇଁ, ରତ୍ନାକର ବିଶ୍ୱାଳ, ଅଜାମ୍ବର ଭୂୟାଁ, ପୁରସ୍ତମ ରାଉତ, ଅନାଦି ଚରଣ ଜେନା, ଅକ୍ଷୟ କୁମାର ମିଶ୍ର, ସର୍ବେଶ୍ୱର ଲେଙ୍କା, କୈଳାସ ଚନ୍ଦ୍ର ମହାନ୍ତି, ପ୍ରଶାନ୍ତ କୁମାର ରାଉତ, ପବିତ୍ର ବ୍ରହ୍ମପୁତ୍ର ନାୟକ, ଶରତ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ଅଧ୍ୟାପିକା ଭଗବତୀ ରାଉତ, ସାବିତ୍ରୀ ରାଉତ, ନଳିନୀ ସ୍ୱାଇଁ, ରବୀନ୍ଦ୍ର ସାହୁ, ଜୟରାମ ରାଉତ, ବ୍ରହ୍ମାନନ୍ଦ ରାଉତ, ସରୋଜ ରାଉତ, ଉମେଶ ରାଉତରାୟ, ପ୍ରଭାତ ରାଉତ, ମାନସ ରଞ୍ଜନ ମିଶ୍ର, ବିଚିତ୍ର ରାଉତ, ମଙ୍ଗୁଳି ମହାନ୍ତି ଓ ଧ୍ରୁବ ଚରଣ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।


GRAND SUCCESS
୨୦୨୫ +୨ ବିଜ୍ଞାନ ଏବଂ କଳା ଫଳାଫଳ ରେ ପୁଣିଥରେ ଐତିହାସିକ ସଫଳତା....
GRAND SUCCESS
PRINCE COLLEGE
The No.1 Residential College for- +2 SCIENCE +2 ARTS
କ୍ରମାଗତ ଭାବେ +୨ ବିଜ୍ଞାନ ରେ ଜିଲ୍ଲାରେ ପ୍ରଥମ ଏବଂ ରାଜ୍ୟରେ ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ
574 96%
SAGRAM MARNDI
MAYURBHANJ TOPPER
AMONG THE TOP 10 POSITION IN ODISHA
571 95%
GOUTTAM GIRI
MAYURBHANJ 2nd TOPPER
AMONG THE TOP 10 POSITION IN ODISHA
90% ABOVE - 33
80% ABOVE - 120+
1ST CLASS - 405
100% RESULT
OUR GLORIOUS 2025 +2 SCIENCE RESULT
96% SAGRAM MARANDI
95% GOUTTAM GIRI
94% SUMAN GOPE
94% MALAY KU. MOHANTA
94% SHUBHANKAR PATBANDHA
94% RUDRA P. MOHANTA
93% SHIMONTA R.SAHU
93% MOHIT KU.YADAV
93% BISHNUDEV BEHERA
93% JAYASMITA BEHERA
93% PANKAJINI BEHERA
92% BADARAM HANSDAH
92% MANAS R.JAMUDALIA
92% DEBASISH BEHERA
92% SUBHAM S.BEHERA
91% MANSING MAJHI
91% ADITYA N.SENAPATI
91% SATYA P. PRADHAN
91% BISHESH KU. ROUT
91% PUSPITA BEHERA
90% PRITIRANJAN MOHANTA
90% SUBODH KU. SAHU
90% DEEPANKAR SAHU
90% MAMATA SAHA
90% PADMANABHA HEMBRAM
90% SHAKTI P. MOHANTA
90% JYOTI P. MISHRA
90% SASMITA MOHANTA
90% SUSHREE S.PANDA
90% LIPSA RANI DHIR
90% TARUN KU. BEHERA
OUR GLORIOUS 2025 +2 ARTS RESULT
90% DEBASMITA BANSHULIA
90% LAXMIPRIYA BANSHULIA
87% KRISHNA MOHANTA
86% ANKITA BEHERA
85% IPSITA TUDU
84% SMRUTIREKHA CHANDA
82% ANMOL BISWAL
81% SANKAR PATRA
81% BHAGYASHREE GOCHHAYAT
81% SHUBHAM PATRA
80% SHRUTIREKHA MAJHI
80% JANGYANSENI NAYAK
80% SWAGATIKA MANDAL
79% PRIYANKA JENA
79% ANKITA SETHI
79% DULARI HEMBRAM
79% ABINASH MOHANTA
77% PRITILAGNA SAHU
And Many More..
OUR 2025 EXPECTED MEDICAL & IIT ACHIEVERS
OUR 1st Show
Expecting 7 Students Govt. MBBS Selection
& 2 JEE Adv. Out of 12 Students in 2025
520 MAHAMAYA
520 DIBYALOCHAN
510 YOGAMAYA
510 ABHISHEK
500 ANJAN
490 HEMANGINI
400 GAGAN BIHARI
SAGRAM
Our 2025 JEE Main Qualifier
MANAS
BADARAM
PRINCE
PRINCE
PRINCE
PRINCE
+2 SCIENCE, +2 ARTS Admission
ଏବଂ NEET / JEE COACHING ପାଇଁ
ଯୋଗାଯୋଗ କରନ୍ତୁ...
BARIPADA
City Office: Palbani, Debendrapur, Campus: Ramnagar
8895102045, 9937701648, 8763574700
www.princecollege.in
BALASORE
Campus-1: Central School Square, Campus-2: Sunduri
8763403768, 9337687655, 9937701648

# ସମ୍ପାଦକୀୟ



ଗଣତନ୍ତ୍ର ଏପରି ଏକ ବ୍ୟବସ୍ଥା, ଯେଉଁଠାରେ କେହି କାହାର କ୍ରୀତଦାସ ନୁହେଁ କି କେହି ମାଲିକ ନୁହେଁ ।
-ଆବ୍ରାହାମ୍ ଲିଙ୍କନ୍

ସକାଳ
THE SAKALA

## ବହୁଦଳୀୟ ଦୂତ

ଭାରତ ବିରୋଧରେ ସୀମାପାର ଆତଙ୍କବାଦ ପାକିସ୍ତାନ ରାଷ୍ଟ୍ରୀୟ ରଣନୀତିର ଅଂଶବିଶେଷ। ପହଲଗାମ୍‌ରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ବିଭେଦ ତଥା ବିଦ୍ୱେଷର ବୀଜ ବୁଣି ଭାରତର ଐକ୍ୟ ଓ ସଂହତିକୁ ବିପନ୍ନ କରିବାର ଯେଉଁ ପ୍ରୟାସ ପାକିସ୍ତାନ ପ୍ରରୋଚିତ ଆତଙ୍କବାଦୀଙ୍କ ଦ୍ୱାରା ହୋଇଥିଲା ତାହା ବିରୋଧରେ ଭାରତ ସରକାରଙ୍କ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ 'ଅପରେସନ୍ ସିନ୍ଦୂର' ସଫଳ ହୋଇଛି ଏବଂ ଏଥିପ୍ରତି ଦଳ, ମତ, ଗୋଷ୍ଠୀ ଓ ସଂପ୍ରଦାୟ ନିର୍ବିଶେଷରେ ସମଗ୍ର ରାଷ୍ଟ୍ରର ନିରଙ୍କୁଶ ସମର୍ଥନ ମିଳିଛି। ଏହି ଦ୍ୱୈତ ସଫଳତା ବିଷୟରେ ବିଶ୍ୱବାସୀଙ୍କୁ ଅବଗତ କରାଇବାର ଆବଶ୍ୟକତା ମଧ୍ୟ ରହିଛି। ଆବଶ୍ୟକ ପଡ଼ିଲେ ଆତଙ୍କବାଦ ବିରୋଧରେ ଯୁଦ୍ଧ ଲଢ଼ିବାକୁ ଭାରତ ଯେ ପ୍ରସ୍ତୁତ ଅଛି ଏହି ବାର୍ତ୍ତା ଦେବା ସକାଶେ ବହୁଦଳୀୟ ପ୍ରତିନିଧିଙ୍କୁ ପ୍ରଭାବଶାଳୀ ରାଷ୍ଟ୍ରମାନଙ୍କର ରାଜଧାନୀ ଅଭିମୁଖେ ପ୍ରେରଣ କରାଯାଉଛି। ଏହା ନିଶ୍ଚୟ ସରକାରଙ୍କ ଏକ ସ୍ୱାଗତଯୋଗ୍ୟ ନିଷ୍ପତ୍ତି। ପାକିସ୍ତାନ ବିଶ୍ୱ ଆତଙ୍କବାଦୀଙ୍କ ଏନ୍ତୁଡ଼ିଶାଳ - ଏକଥା ଭୁଲିଯାଉଥିବା ରାଷ୍ଟ୍ରକୁ ପୁଣି ଥରେ ସଚେତନ କରିବାର ଆବଶ୍ୟକତା ଉପଲବ୍ଧି ହୋଇଛି। ନ ହେଲେ ବଜାର ଓ ବାଣିଜ୍ୟ ଦାୟରେ ପାକିସ୍ତାନର କୁତ୍ସା ଓ ଅପପ୍ରଚାର ପ୍ରତି ବିଶ୍ୱାସ ବଢ଼ିଥା'ନ୍ତା। କାରଣ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ଦେଶର ଚରମ ପ୍ରତିଦ୍ୱନ୍ଦ୍ୱୀ ଚୀନର ନିକଟତମ ସହଯୋଗୀ ଓ ସମର୍ଥକ ରାଷ୍ଟ୍ର ପାକିସ୍ତାନ ପ୍ରତି ଏଭଳି ଅନୁକମ୍ପା ପ୍ରଦର୍ଶନ କରିନଥା'ନ୍ତେ। ଯୁଦ୍ଧ ବିରାମ ଘଟଣାକ୍ରମର ପୃଷ୍ଠଭାଗରେ ଟ୍ରମ୍ପଙ୍କ ପୁତ୍ର ଓ ଜାମାତାଙ୍କ ୬୦ ପ୍ରତିଶତ ଅଂଶଧନ ଥିବା ବିଟ୍‌କଏନ କମ୍ପାନୀ ସହ ପାକ୍ ସେନାଧ୍ୟକ୍ଷ ଜେନେରାଲ ଅସିମ ମୁନୀରଙ୍କ ସଂପର୍କ ଏବେ ଆଲୋଚନାର କେନ୍ଦ୍ରବିନ୍ଦୁ ହୋଇଛି।

ସମୟ ବଦଳିଛି। ଆତଙ୍କବାଦ ବିରୋଧରେ ଭାରତର ଆଭିମୁଖ୍ୟ ଦିନକୁ ଦିନ କଠୋର ହେବାକୁ ଯାଉଛି। ଉରି ଓ ପୁଲୱାମା ଘଟଣା ପରେ ପହଲଗାମରେ ଆତଙ୍କବାଦୀଙ୍କ ବର୍ବରତା ବିରୋଧରେ 'ଅପରେସନ ସିନ୍ଦୂର' ଭଳି ନିର୍ଣ୍ଣାୟକ ଲଢ଼େଇ ଏହାର ପ୍ରମାଣ ଦେଇଛି। ଆଜାଦ କାଶ୍ମୀର ଓ ମୂଳ ପାକିସ୍ତାନର କେନ୍ଦ୍ରସ୍ଥଳରେ ଥିବା ସର୍ବମୋଟ ୯ଟି ଆତଙ୍କବାଦୀ ଭିତ୍ତିଭୂମିକୁ ଧ୍ୱସ୍ତ କରି ଭାରତ ବରଦାସ୍ତ କରିବାର ସୀମା ଅତିକ୍ରମ କରିଥିବା ସୂଚନା ଦେଇଛି। ଏଣିକି ଆତଙ୍କବାଦୀଙ୍କୁ ପାକିସ୍ତାନ ନିଜ ନିୟନ୍ତ୍ରଣରେ ନ ରଖିଲେ ଆଗକୁ ପରାଭବ କ'ଣ ହେବ ତାହାର ସୂଚନା ଦେଇଛି ସାମରିକ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ। ବହୁଦଳୀୟ ପ୍ରତିନିଧି ପ୍ରେରଣକୁ ନେଇ ଉପୁଜିଥିବା ବିବାଦୀୟ ପରିସ୍ଥିତିର ବହୁ ଊର୍ଦ୍ଧ୍ୱରେ ଏହି ନିଷ୍ପତ୍ତି। ଏକଥା ସତ୍ୟ ଯେ, ଆନ୍ତର୍ଜାତିକ ସ୍ତରରେ ଭାରତର ସମ୍ପର୍କ ଏବଂ କୂଟନୈତିକ ଓ ବାଣିଜ୍ୟିକ ନିବିଡ଼ତା ସତ୍ତ୍ୱେ ଏହି ବିବାଦୀୟ ପରିସ୍ଥିତିରେ ଆମେରିକାଠାରୁ ଭାରତ ପ୍ରତି ଯେଉଁ ସମର୍ଥନ ଓ ସହଯୋଗ ଆଶା କରାଯାଉଥିଲା ତାହା ମିଳିନାହିଁ। ଏହି ବିଫଳତା ପଛରେ ଯାହା ବି କାରଣ ଥାଉ ରାଷ୍ଟ୍ରୀୟ ପ୍ରସଙ୍ଗରେ ଆମେ ଯେ ଏକ ତାହାର ପ୍ରମାଣ ଦେବ ବହୁଦଳୀୟ ପ୍ରତିନିଧି ପ୍ରେରଣ ଓ କାର୍ଯ୍ୟକ୍ରମ।

ସରକାରଙ୍କ ଏହି ରଣକୌଶଳ କିଛି ନୂଆ କଥା ନୁହେଁ। ଯେଉଁମାନେ ଏହାକୁ ଏକ ଦୁର୍ବଳତା ବୋଲି ମନେ କରୁଛନ୍ତି ସେମାନେ ମନେ ରଖିବା ଉଚିତ ଯେ ୧୯୯୪ରେ ତତ୍କାଳୀନ ପିଭି ନରସିଂହ ରାଓ ସରକାର ବିରୋଧୀ ଦଳ ନେତା ଅଟଳବିହାରୀ ବାଜପେୟୀ ଓ ଫାରୁକ ଅବଦୁଲ୍ଲାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜେନିଭା ପଠାଇଥିଲା। ଜାତିସଂଘ ମାନବାଧିକାର କମିଶନରେ ପାକିସ୍ତାନ କାଶ୍ମୀର ପ୍ରସଙ୍ଗ ନେଇ ଉପସ୍ଥାପନ କରିଥିବା ପ୍ରସ୍ତାବର ଏହି ପ୍ରତିନିଧି ଦଳ ଉଚିତ ମୁକାବିଲା କରିଥିଲେ। ପାକିସ୍ତାନର ମିଥ୍ୟାର ଆବରଣକୁ ଏମାନେ ଖୋଲିଦେବାକୁ ସମର୍ଥ ହୋଇଥିଲେ। ସେହିଭଳି ମୁମ୍ବଇରେ ୨୦୦୮ ନଭେମ୍ବର ୨୬ରେ ଘଟିଥିବା ଆତଙ୍କବାଦୀଙ୍କ ବୀଭତ୍ସକାଣ୍ଡ ବିରୋଧରେ ମନମୋହନ ସିଂହ ସରକାର ବହୁଦଳୀୟ ପ୍ରତିନିଧି ପଠାଇ ପାକିସ୍ତାନର ସଂପୃକ୍ତିକୁ ବିଶ୍ୱ ସମୁଦାୟ ନିକଟରେ ଉପସ୍ଥାପନ କରିଥିଲେ। ଏହାର ପ୍ରଭାବରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ସଂଗଠନ ଉପରେ କଟକଣା ଏବଂ ପାକିସ୍ତାନକୁ ଆର୍ଥିକ ସହାୟତା ଉପରେ କଟକଣା ଲାଗିଥିଲା।

ଏକ ନିଷ୍ଠୁର ବାସ୍ତବତା ଯେ ବାସନ୍ଦ ଓ ପ୍ରତିବନ୍ଧକ ସତ୍ତ୍ୱେ ପାକିସ୍ତାନର ଆତଙ୍କବାଦୀ ସଂଗଠନଗୁଡ଼ିକ ନାମ ପରିବର୍ତ୍ତନ କରି ସେଠିକାର ସରକାରଙ୍କ ପ୍ରୋତ୍ସାହନରେ କାର୍ଯ୍ୟକଳାପ ଜାରି ରଖିଛନ୍ତି। ଏ ସମ୍ପର୍କରେ ଭାରତ ମିଳିତ ଜାତିସଂଘ କାର୍ଯ୍ୟାଳୟକୁ ପ୍ରାମାଣିକ ତଥ୍ୟ ସହ ଅବଗତ କରାଇବାକୁ ହେବ। ବିଶେଷକରି ଲସ୍କର-ଇ-ତୋଇବା ସଂଗଠନ ସହ ସଂଶ୍ଳିଷ୍ଟ ଟିଆରଏଫ ଗୋଷ୍ଠୀର ପହଲଗାମ ନରସଂହାରରେ ସଂପୃକ୍ତିର ପ୍ରମାଣ ମଧ୍ୟ ଉପସ୍ଥାପନ କରିବା ଉଚିତ। ଜେନେରାଲ ମୁନୀରଙ୍କ ବକ୍ତବ୍ୟର ଭିଡିଓରେ ଟିଆରଏଫ କଥା ଉଲ୍ଲେଖ ରହିଛି। ଏଠାରେ ଉଲ୍ଲେଖଯୋଗ୍ୟ କି ପାକିସ୍ତାନର ବୈଦେଶିକ ମନ୍ତ୍ରୀ ବିଲୱାଲ ଭୁଟ୍ଟୋଙ୍କ ନେତୃତ୍ୱରେ ଅନୁରୂପ ଏକ ପ୍ରତିନିଧି ଦଳ ଭାରତ ବିରୋଧ ଆଭିମୁଖ୍ୟ ନେଇ ବିଦେଶ ଗସ୍ତରେ ଯାଉଥିବା ବେଳେ ଆମେ ଆଭ୍ୟନ୍ତରୀଣ ବିବାଦ ଓ ବିଦ୍ୱେଷରୁ ଊର୍ଦ୍ଧ୍ୱକୁ ଉଠି ରାଷ୍ଟ୍ରର ବୃହତ୍ତର ସ୍ୱାର୍ଥରକ୍ଷା କରିବା ଉଚିତ। ତେଣୁ ପ୍ରତିନିଧି ମନୋନୟନକୁ ନେଇ ଅଯଥା ରାଜନୀତି ହେବା ଉଚିତ ନୁହେଁ। ଆମ ପ୍ରସଙ୍ଗକୁ ଆନ୍ତର୍ଜାତିକ ସମୁଦାୟ ନିକଟରେ ଠିକଣାଭାବେ ଉପସ୍ଥାପନ କରିବାର ଦକ୍ଷତା ଥିବା ଯୋଗ୍ୟବ୍ୟକ୍ତି ପ୍ରତିନିଧି ମଣ୍ଡଳୀରେ ରହିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ରାଷ୍ଟ୍ରର ବୃହତ୍ତର ସ୍ୱାର୍ଥରକ୍ଷା ଓ ଆତଙ୍କବାଦ ବିରୋଧୀ ଆଭିମୁଖ୍ୟ ସଂପର୍କରେ ବିଶ୍ୱବାସୀଙ୍କୁ ଅବଗତ କରାଇବା ପାଇଁ ଏହି ଅଭିଯାନର ଯଥାର୍ଥତା ରହିଛି।

ଆମେ ଏଠାରେ କହି ରଖୁଛୁ ଯେ ମୋଦୀ ସରକାରଙ୍କ ସଫଳତା ଓ ବିଫଳତାର ଅଙ୍କ କଷିବା ସମୟ ଇଏ ନୁହେଁ। ଏକଥା ସତ ଯେ ମୋଦୀ ସରକାର ସବୁ ବିବାଦ ଓ ପ୍ରସଙ୍ଗରେ ବିରୋଧୀଦଳକୁ ଅନାଦର ଓ ହେୟ ମନେ କରି ଆସୁଥିବା ବେଳେ ଆଜି କାହିଁକି ଲୋଡୁଛନ୍ତି? ଏହାର ମଧ୍ୟ ଉତ୍ତର ଅଛି। ଆଗ ରାଷ୍ଟ୍ର, ତା' ପରେ ଯାଇ ରାଜନୀତି। ରାଷ୍ଟ୍ରର ବୃହତ୍ତର ସ୍ୱାର୍ଥ ସମ୍ମୁଖରେ ଉଭୟ ସରକାର ଓ ବିରୋଧୀଙ୍କୁ ଆମର ଅନୁରୋଧ ଯେ ସଂକୀର୍ଣ୍ଣ ରାଜନୀତି ଗଣ୍ଡିରୁ ବାହାରକୁ ଆସନ୍ତୁ। ଭାରତର ଆତଙ୍କବାଦ ନିରୋଧ କାର୍ଯ୍ୟକ୍ରମକୁ ବିଶ୍ୱ ଦରବାରରେ ପ୍ରଭାବୀ ଢଙ୍ଗରେ ଉପସ୍ଥାପନ କରନ୍ତୁ। ●

# ପ୍ରକୃତି, ପରିବେଶ ଓ ନ୍ୟାୟପାଳିକା

**ଡକ୍ଟର ସୁନ୍ଦର ନାରାୟଣ ପାତ୍ର**

ଭାରତୀୟ ସମ୍ବିଧାନ ତିନୋଟି ଶାଖା ସହିତ ସଜ୍ଜିତ - ଆଇନ ତିଆରି କରିବା ପାଇଁ ବିଧିବ୍ୟବସ୍ଥା, ଆଇନ ପ୍ରବର୍ତ୍ତନ ପାଇଁ କାର୍ଯ୍ୟନିର୍ବାହୀ ବ୍ୟବସ୍ଥା ଏବଂ ଆଇନ ବ୍ୟାଖ୍ୟା କରିବା ପାଇଁ ନ୍ୟାୟପାଳିକା ବ୍ୟବସ୍ଥା। ଏହି ତିନୋଟି ଶାଖା, ନିଜ ନିଜ ଦାୟିତ୍ୱ ବିଷୟରେ ସଚେତନ ଏବଂ ଦେଶ ଓ ଦେଶବାସୀଙ୍କ ହିତ ପାଇଁ ମିଳିତ ଭାବରେ କାର୍ଯ୍ୟ କରିବାକୁ ଉଦ୍ଦିଷ୍ଟ। ଦୁର୍ଭାଗ୍ୟବଶତଃ, ଏପରି ଅନେକ ଉଦାହରଣ ଅଛି, ଭୁଲ ବ୍ୟାଖ୍ୟା କିମ୍ବା ଇଚ୍ଛାଶକ୍ତିର ଅଭାବ ହେତୁ ଆଇନକାନୁନର ନକାରାତ୍ମକ ପ୍ରଭାବ ପଡ଼ି ପ୍ରକୃତି ଓ ପରିବେଶକୁ ଅପୂରଣୀୟ କ୍ଷତି ପହଞ୍ଚିଥାଏ। ଖୁସିର କଥା, ନ୍ୟାୟପାଳିକା ଏଥିରେ ସୁଧାର ଆଣିବାକୁ ଜାଗ୍ରତପ୍ରହରୀ ଭୂମିକା ଗ୍ରହଣ କରେ। ଭାରତୀୟ ସମ୍ବିଧାନରେ ଏଦୃଷ୍ଟିରୁ ଯେଉଁ ସୁନ୍ଦର ବ୍ୟବସ୍ଥା ରହିଛି ତାହା ପ୍ରଶଂସନୀୟ।

ପ୍ରକୃତି ଓ ପରିବେଶର ଉପଯୁକ୍ତ ପରିଚାଳନା ପାଇଁ ଭାରତ ସରକାର ଜଳ (ପ୍ରଦୂଷଣ ନିବାରଣ ଓ ନିୟନ୍ତ୍ରଣ) ଆଇନ -୧୯୭୪; ଜଙ୍ଗଲ (ସଂରକ୍ଷଣ) ଆଇନ -୧୯୮୦; ବାୟୁ (ପ୍ରଦୂଷଣ ନିବାରଣ ଓ ନିୟନ୍ତ୍ରଣ) ଆଇନ -୧୯୮୧; ପରିବେଶ (ସୁରକ୍ଷା) ଆଇନ -୧୯୮୬; ଜୈବ ବିବିଧତା ଆଇନ -୨୦୦୨ ଇତ୍ୟାଦି ପ୍ରଣୟନ କରିସାରିଛନ୍ତି। ୧୬ ଏପ୍ରିଲ ୨୦୨୫ରେ ତେଲେଙ୍ଗାନା ସରକାର କାଞ୍ଚା ଗଛିବୋଉଲି ଅଞ୍ଚଳର ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟ ସୀମାରେ ୧୦୦ ଏକରରୁ ଅଧିକ ଜମିରୁ ଗଛ କାଟିବା ଏବଂ ସବୁଜ ଆବରଣ ହଟାଇବା ଉପରେ ସର୍ବୋଚ୍ଚ ନ୍ୟାୟାଳୟ କଡ଼ା ଆପତ୍ତି ଉଠାଇଥିଲେ। ଏହି ଅଞ୍ଚଳଟି ଅସଂଖ୍ୟ ଉଦ୍ଭିଦ ଓ ପ୍ରାଣୀମାନଙ୍କର ଆବାସସ୍ଥଳ ଥିଲା ଏବଂ ସେମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ରହିଛି କିଛି ଅନୁସୂଚିତ ବର୍ଗର ବନ୍ୟଜୀବ। ସେହିପରି ଫେବୃଆରୀ ୨୦୨୪ ରେ ତେଲଙ୍ଗାନାର ଅନ୍ୟ ଏକ ମାମଲାରେ ବିଚାରପତି ଏମ୍.ଏମ୍.ସୁନ୍ଦରେଶ ଓ ଏସ୍.ଭି.ଏନ୍.ଭଟ୍ଟିଙ୍କ ଏକ ଖଣ୍ଡପୀଠ ତେଲେଙ୍ଗାନାର ୱାରାଙ୍ଗଲ ଜିଲ୍ଲାର କମ୍ପାଲି ଗାଁରେ ୧୯୮୦ ଦଶକରୁ ଜଙ୍ଗଲ ଜମିକୁ ନିଜ ବ୍ୟକ୍ତିଗତ ବ୍ୟବହାର ପାଇଁ ଚେଷ୍ଟା କରୁଥିବା ଜଣେ ବ୍ୟକ୍ତିଙ୍କ ସହିତ ମିଶି କିଛି ସରକାରୀ ଅଧିକାରୀଙ୍କ ଅନୈତିକ ସହଯୋଗକୁ କଡ଼ା ସମାଲୋଚନା କରିଥିଲେ।

ସର୍ବୋଚ୍ଚ ନ୍ୟାୟାଳୟ ମେ' ୨୦୨୪ ରେ ଦିଲ୍ଲୀର ରିଜ୍ ଫରେଷ୍ଟ ଅଞ୍ଚଳରେ ଗଛ କାଟିବା ପାଇଁ ସରକାରୀ ଅଧିକାରୀଙ୍କ ବିରୁଦ୍ଧରେ ଅଦାଲତ ଅବମାନନା ମାମଲା ଆରମ୍ଭ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୃଷ୍ଟିକୁ ଆସିଥିଲା ଯେ ଆରାବଳିର ଆଉଟକ୍ରପ୍-ଦକ୍ଷିଣ ଦିଲ୍ଲୀ ରିଜ୍ ସେକ୍ଟରରେ ୧୧ କିଲୋମିଟର ରାସ୍ତା ନିର୍ମାଣ ପାଇଁ ଗଛଗୁଡ଼ିକୁ ଅବାଧରେ କଟାଯାଇଛି। ଦିଲ୍ଲୀ ରିଜ୍ ହେଉଛି ଜାତୀୟ ରାଜଧାନୀ ଦିଲ୍ଲୀର ଉତ୍ତର ଆରାବଳି କଲରାପତରିଆ ବାଘ ବନ୍ୟପ୍ରାଣୀ କରିଡରରେ ଏକ ପର୍ବତ, ଯାହା ସହରର 'ସବୁଜ ଫୁସଫୁସ' ଭାବରେ କାର୍ଯ୍ୟ କରେ ଏବଂ ପଶ୍ଚିମରେ ରାଜସ୍ଥାନର ମରୁଭୂମିର ଗରମ ପବନରୁ ସହରକୁ ସୁରକ୍ଷା ଦିଏ। ଅନ୍ୟ ଏକ ମାମଲାରେ ୧୫ ମେ'୨୦୨୪ରେ ସର୍ବୋଚ୍ଚ ନ୍ୟାୟାଳୟ ସରିସ୍କା ବ୍ୟାଘ୍ର ପ୍ରକଳ୍ପର ଏକ କିଲୋମିଟର ପରିଧି ମଧ୍ୟରେ ଥିବା ୧୧୦ ଖଣିରୁ ୬୮ଟିକୁ ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଅବମାନନା କରିଥିବାରୁ ରାଜସ୍ଥାନ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ।

ଅଗଷ୍ଟ ୨୦୨୩ରେ 'ୱାଇଲ୍ଡଲାଇଫ୍ ସୋସାଇଟି ଅଫ ଓଡ଼ିଶା' ଦ୍ୱାରା ଦାୟର ଏକ ଆବେଦନର ଶୁଣାଣି କରି ପୂର୍ବାଞ୍ଚଳର ନ୍ୟାଶ୍‌ନାଲ୍ ଗ୍ରୀନ୍ ଟ୍ରିବ୍ୟୁନାଲ୍ ଟାମ୍ପରା ହ୍ରଦ ଏବଂ ଏହାର ଆଖପାଖରେ 'ଅବୈଧ' ନିର୍ମାଣ ନକରିବାକୁ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନ ଅନୁଯାୟୀ, ସୌନ୍ଦର୍ଯ୍ୟକରଣ ନାମରେ ଜଳରାଶି ଅଞ୍ଚଳ ଏବଂ ହ୍ରଦର ୫୦ ମିଟର ମଧ୍ୟରେ ସ୍ଥାୟୀ ନିର୍ମାଣରେ ରେଷ୍ଟୁରାଣ୍ଟ, ହୋଟେଲ, ରିସର୍ଟ ଓ କଟେଜ୍ ସହିତ ଅନେକ ସ୍ଥାୟୀ କଂକ୍ରିଟ୍ ନିର୍ମାଣ ଅନ୍ତର୍ଭୁକ୍ତ। ଗଞ୍ଜାମ ଜିଲ୍ଲାର ଟାମ୍ପରା ହ୍ରଦ ଦେଶର ସର୍ବବୃହତ ମନୋରମ ମଧୁର ଜଳ ହ୍ରଦ ମଧ୍ୟରୁ ଗୋଟିଏ। ୭୫୧ ଏକର ଜମିରେ ବିସ୍ତାରିତ ଏହି ହ୍ରଦ ଋଷିକୂଲ୍ୟା ନଦୀ ଅବବାହିକାରେ ଅବସ୍ଥିତ, ଯାହା ଅଲିଭ୍ ରିଡଲେ ସାମୁଦ୍ରିକ କଇଁଛଙ୍କ ପ୍ରମୁଖ ବସା ବାନ୍ଧିବା ଏବଂ ଅଣ୍ଡାଦାନ ଅଞ୍ଚଳ ମଧ୍ୟରୁ ଗୋଟିଏ। ଏହାକୁ କେନ୍ଦ୍ର ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଆର୍ଦ୍ରଭୂମି ମାନଚିତ୍ର ବା ଆଟଲାସ୍‌ରେ ସ୍ଥାନିତ କରାଯାଇଛି ଏବଂ ୨୦୨୧ ମସିହାରୁ ଏହା ରାମସାର ଆର୍ଦ୍ର ଭୂମି ସ୍ଥଳର ମାନ୍ୟତା ପାଇଛି।

ନ୍ୟାଶ୍‌ନାଲ୍ ଗ୍ରୀନ୍ ଟ୍ରିବ୍ୟୁନାଲ୍‌ର ପୁଣେ ବେଞ୍ଚ ରାୟଗଡ଼ କଲେକ୍ଟରଙ୍କୁ ସିଡକୋ (ନଗର ଏବଂ ଶିଳ୍ପ ବିକାଶ ନିଗମ) କ୍ଷେତ୍ରାଧିକାର ମଧ୍ୟରେ ଥିବା ଗାଭନ କୋଲିୱାଡାରେ କେଗାଓଁ ବେଳାଭୂମିର ଇଣ୍ଟର ଟାଇଡାଲ୍ ଜୋନରେ ଅଭିଯୋଗ ଅନୁଯାୟୀ ହେନ୍ତାଳ ବୃକ୍ଷ କାଟିବା ଏବଂ ବର୍ଜ୍ୟବସ୍ତୁ ଜମା କରିବା ଉପରେ ଚାରି ସପ୍ତାହ ମଧ୍ୟରେ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କେଗାଓଁ ହେଉଛି ମହାରାଷ୍ଟ୍ରର ଉରାନ୍ ସହରର ଏକ ଅଞ୍ଚଳ, ଯାହା କୋଙ୍କଣ କ୍ଷେତ୍ରର ଅନ୍ତର୍ଭୁକ୍ତ। ୧ ଏପ୍ରିଲ ୨୦୨୫ ରେ ମହାରାଷ୍ଟ୍ର କ୍ଷୁଦ୍ର ପାରମ୍ପରିକ ମତ୍ସ୍ୟ ଶ୍ରମିକ ସଂଘ ଦ୍ୱାରା ଆନ୍ତଃ ଟାଇଡାଲ୍ ଜୋନର ବେଆଇନ ପୁନରୁଦ୍ଧାର, ହେନ୍ତାଳ ବନ ନଷ୍ଟ, ପୁନଃପ୍ରାପ୍ତ ଉଜତ-୧ ଜମିରେ ପାର୍କିଂ ସ୍ଥାନ ସୃଷ୍ଟି ଏବଂ ଅଣ-ଜୈବ ବିଘଟନଶୀଳ ଏବଂ ବିପଜ୍ଜନକ ଆବର୍ଜନା ଜମାର ପ୍ରମାଣ ଦାଖଲ କରାଯାଇଥିଲା, ଯାହାକୁ ଆଧାର କରି ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେଇଥିଲେ।

ଉପକୂଳ ସୁରକ୍ଷା, ସମୁଦ୍ର ଜଳପତ୍ତନ ବୃଦ୍ଧି ପ୍ରତିହତ, ବିଶ୍ୱ ଉଷ୍ମତା ଏବଂ ଜଳବାୟୁ ପରିବର୍ତ୍ତନ ପ୍ରଭାବର ମୁକାବିଲା ପାଇଁ ଲୁଣା ଜଙ୍ଗଲ ବା ହେନ୍ତାଳ ବନ ଅଧିକ ଗୁରୁତ୍ୱପୂର୍ଣ୍ଣ। ୨୦୨୩ ମସିହାରେ ଆରମ୍ଭ ହୋଇଥିବା 'ମିଷ୍ଟି'(ମ୍ୟାଙ୍ଗ୍ରୋଭ୍ ଇନିଟିଏଟିଭ୍ ଫର ଶୋରଲାଇନ୍ ହାବିଟାଟ୍ ଆଣ୍ଡ ଟାଞ୍ଜିବଲ୍ ଇନ୍‌କମ୍‌ସ) ଯୋଜନା ଅଧୀନରେ, ହେନ୍ତାଳ ଜାତୀୟ ଲୁଣା ଜଙ୍ଗଲି ଚାରାରୋପଣକୁ ପ୍ରୋତ୍ସାହିତ କରାଯାଉଛି।

୨୦୨୪ ର ଗ୍ଲୋବାଲ୍ ଫରେଷ୍ଟ ୱାଚ୍ ରିପୋର୍ଟ ଅନୁଯାୟୀ, ୨୦୦୦ ମସିହାରୁ ଭାରତ ୨.୩୩ ନିୟୁତ ହେକ୍ଟର ବୃକ୍ଷ ଆବରଣ ହରାଇଛି। ନ୍ୟାଶ୍‌ନାଲ୍ ଗ୍ରୀନ୍ ଟ୍ରିବ୍ୟୁନାଲ୍ ଏହାର ବିଚାର କରି ୨୦୦୦ ମସିହାରୁ ଭାରତରେ ଜଙ୍ଗଲ ପରିଧିର ସ୍ଥିତି ବିଷୟରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ 'ସର୍ଭେ ଅଫ ଇଣ୍ଡିଆ'କୁ ନିର୍ଦ୍ଦେଶ ଦେଇଥିଲା। ପରିବେଶ ସୁରକ୍ଷା ଏବଂ ପ୍ରାକୃତିକ ସମ୍ପଦର ସଂରକ୍ଷଣ ସହିତ ଜଡ଼ିତ ବିବାଦର ତ୍ୱରିତ ସମାଧାନ ପାଇଁ ଏକ ସାମ୍ବିଧାନିକ ସଂସ୍ଥା ଭାବରେ ୨୦୧୦ ମସିହାରେ ସମ୍ବିଧାନର ଧାରା ୨୧ ର ବ୍ୟବସ୍ଥା ଦ୍ୱାରା ନ୍ୟାଶ୍‌ନାଲ୍ ଗ୍ରୀନ୍ ଟ୍ରିବ୍ୟୁନାଲ ଗଠନ କରାଯାଇଥିଲା।

ପରିବେଶ, ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ସମ୍ବିଧାନର ଧାରା ୪୮ କ (୪୮ଇ) ନାଗରିକଙ୍କ ଜୀବନ ଅଧିକାର ସହିତ ସିଧାସଳଖ ଜଡ଼ିତ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ରାୟ ଦେଇଛନ୍ତି ଏବଂ ଦେଶ ଓ ବିଶ୍ୱକୁ ଜଳବାୟୁ ପରିବର୍ତ୍ତନର କୁପ୍ରଭାବରୁ ରକ୍ଷା କରିବା ପାଇଁ ଜଙ୍ଗଲକୁ ସୁରକ୍ଷା ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ ସମ୍ବିଧାନର ଆଦର୍ଶବୋଧକୁ ସମ୍ମାନ ଜଣାଇ ଏହି ରାୟଗୁଡ଼ିକ ଦିଆଯାଇଛି। ବିବିଧ ଉଦ୍ଭିଦ ଏବଂ ପ୍ରାଣୀ ସମ୍ପଦକୁ ନେଇ ପ୍ରାକୃତିକ ପରିସଂସ୍ଥା ନିର୍ମାଣ ହୁଏ। ଧରିତ୍ରୀର ପରିସଂସ୍ଥାୟ ସନ୍ତୁଳନ ଏକ ସ୍ଥିର ଏବଂ ନିରନ୍ତର ଭବିଷ୍ୟତ ନିର୍ମାଣ ପାଇଁ ଅପରିହାର୍ଯ୍ୟ। ମାନବ ଓ ସମାଜ କଲ୍ୟାଣ ପାଇଁ ପ୍ରକୃତି ଏବଂ ପରିବେଶକୁ ସୁରକ୍ଷା ଦେବା ହେଉଛି ରାଷ୍ଟ୍ର ଓ ନାଗରିକମାନଙ୍କର ନୈତିକ କର୍ତ୍ତବ୍ୟ। ଆମ ଗ୍ରହ, ଆମର ଦାୟିତ୍ୱ: ଏକ ସ୍ଥାୟୀ ଭବିଷ୍ୟତ ପାଇଁ ଏବେ କାର୍ଯ୍ୟ କରନ୍ତୁ। ●

(ସଭାପତି, ଓଡ଼ିଶା ପରିବେଶ ସମାଜ)
ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

# ଭୟମୁକ୍ତିର ବାଟ

**ଡ.ନିରଞ୍ଜନ ସାହୁ**

ଭୟ ମଣିଷ ଓ ଇତର ପ୍ରାଣୀ ସମସ୍ତଙ୍କଠାରେ ରହିଛି, ଯେଉଁଥିପାଇଁ ପ୍ରାଚୀନକାଳରୁ ଭାରତର ମୁନିଋଷିମାନେ କହି ଆସିଥିଲେ- 'ଆହାର, ନିଦ୍ରା, ଭୟ, ମୈଥୁନଞ୍ଚ ସାମାନ୍ୟମେତଦ୍ ପଶୁଭିଃ ନରାଣାଂ...।' ଅର୍ଥାତ୍ ଭୟ ମଣିଷ ସମେତ ପ୍ରାଣୀମାନଙ୍କର ଏକ ନିତ୍ୟ ପରିଦୃଷ୍ଟ ବିଭାବ। ଆଜିର ଆଲୋଚନା କେବଳ ମଣିଷକୈନ୍ଦ୍ରିକ।

ଶିଶୁବେଳେ ଅନ୍ଧାରକୁ ଭୟ, ପାଠପଢ଼ା ଆରମ୍ଭ ହେଉହେଉ ଦଣ୍ଡଭୟ (ଅବଶ୍ୟ ଏବେ ସରକାରୀ ସ୍କୁଲମାନଙ୍କର ସେ ଭୟ ଲୋପ ହୋଇଛି ଏବଂ ପାଠପଢ଼ା ହୁଗୁଳା ହେବାରୁ ପିଲାମାନଙ୍କର ବିପଥଗାମୀ ହେବାର ଭୟ ବୃଦ୍ଧି ଘଟିଛି), ଯୌବନରେ ସହପାଠୀମାନଙ୍କ ସହିତ ପ୍ରତିଯୋଗିତାରେ ସମକକ୍ଷ ହୋଇ ନ ପାରିବାର ଭୟ, ପ୍ରେମିକାଠାରୁ ପ୍ରତ୍ୟାଖ୍ୟାନର ଭୟ, କେବେ ପଶୁଭୟ ତ କେବେ ଚୋର ତସ୍କରର ଭୟ - ଏମିତି ଭୟର ବହୁବିଧ ଉପଦ୍ରବରେ ଉପଦ୍ରୁତ ଜୀବନ।

ଭୟ ଏକ ସାଧାରଣ ଅନୁଭବ, ଯାହା ପଛରେ ଥାଏ କିଛି ବିୟୋଗାନ୍ତକ ସମ୍ଭାବନା। ଅପରିସୀମ ତା'ର ବ୍ୟାପ୍ତି ଓ ବିସ୍ତୃତି। ରାତି ଦୁଇଟାରେ ଅଦୂରରେ ଥିବା ମୋବାଇଲରେ ଟିଂ ହେବ ଦୁଇତିନିଥର- ନିଦ ଭାଙ୍ଗିଯିବ। ଏତେ ରାତିରେ କିଏ କାହିଁକି ବା ଫୋନ୍ କଲା? କିଛି ଅସୁବିଧା ହୋଇନାହିଁ ତ କାହାରି? ଏମିତି ଦୁଶ୍ଚିନ୍ତାରେ ଯନ୍ତ୍ରଚାଳିତ ଭାବରେ ନିଜକୁ ଠେଲି ଦେଇ ଉଠିଯିବେ ମୋବାଇଲ ନିକଟକୁ। ହେଲେ ଦେଖିବେ କିଛି ଅଜ୍ଞାତ ନମ୍ବରରୁ ଆସୁଥିବା ଫୋନ୍।

ଭୟ କୁଆଡ଼େ ଆମକୁ ବିବ୍ରତ କରେ, ଆମକୁ ମାନସିକ ସ୍ତରରେ ଆଘାତ କରାଏ, ଦୁର୍ବଳ କରାଏ ଆଉ ଆମର ବ୍ୟକ୍ତିତ୍ୱ, ବିକାଶରେ ଅନ୍ତରାୟ ସୃଷ୍ଟି କରେ। ଯେକୌଣସି କାମ ମନକୁ ଆସିଲେ ଆମେ ତା'ର ଭଲ ମନ୍ଦ ଉଭୟ ବିବେଚନା କରନ୍ତି। ବହୁଦିନରୁ ଆମକୁ କୁହାଯାଇଛି - 'ଉପାୟ ଚିନ୍ତୟେତ, ପ୍ରାଜ୍ଞ ଅପାୟମ ଅପିଚିନ୍ତୟେତ'। ସେଇ କଥାକୁ ଆଧୁନିକ ପରିଚାଳନା ବିଜ୍ଞାନରେ କୁହାଯାଉଛି ସ୍ୱଟ୍(ଏସ୍‌ଡବ୍ଲୁଓଟି)ଆନାଲିସିସ୍ - ଅର୍ଥାତ୍ ଷ୍ଟ୍ରେଙ୍ଗଥ, ଉଇକନେସ୍, ଅପରଚ୍ୟୁନିଟି ଓ ଥ୍ରେଟ୍। ଯେତେବେଳେ କୌଣସି କାମ କରିବା ପୂର୍ବରୁ ଆମର ପ୍ରସ୍ତୁତି ଆବଶ୍ୟକ, ସେତେବେଳେ ଆମେ ଅନୁଶୀଳନ କରନ୍ତି ଆମର ସାମର୍ଥ୍ୟ, ଦୁର୍ବଳତା, ସୁଯୋଗ ଏବଂ ସମ୍ଭାବ୍ୟ ନକରାତ୍ମକ ପରିସ୍ଥିତି ବିଷୟରେ। ବାସ୍ତବରେ ଆମର ଭୟଭାବ ହିଁ ଆମକୁ ପ୍ରେରଣା ଦିଏ ପ୍ରସ୍ତୁତିରେ ଅଧିକ କେନ୍ଦ୍ରୀଭୂତ ହେବା ପାଇଁ। ଏଥିପାଇଁ ବୋଧହୁଏ ଆମର ଗୁରୁଜନମାନେ କହୁଥିଲେ ଭୟ ନାହିଁ ତ ଜୟ ନାହିଁ। ଯେତେବେଳେ ପ୍ରସ୍ତୁତିରେ ହେଳା ଥାଏ କିମ୍ବା ଢିଲାପଣ ସେତେବେଳେ ଭୟର ଛାୟା ହୋଇଥାଏ ପ୍ରଲମ୍ବିତ।

ଭୟ କେବଳ ସାଧାରଣ ଲୋକଙ୍କର ସହଚର ନୁହେଁ। ବହୁ କ୍ଷମତାଶାଳୀ କିମ୍ବା ଅର୍ଥଶାଳୀ ବି କମ୍ ଶିକାର ହୁଅନ୍ତି ନାହିଁ ଭୟରୁ। ସେଥିପାଇଁ କିଏ ମନ୍ତ୍ର ଯନ୍ତ୍ର ତନ୍ତ୍ରର ସାହାଯ୍ୟ ନିଅନ୍ତି ତ କିଏ ପୁଣି ପୂଜାପାର୍ବଣରେ ମାତନ୍ତି, ଦାନଧର୍ମର ସାହାଯ୍ୟ ନେଇ ନିଜର ଅତୁଟ ଐଶ୍ୱର୍ଯ୍ୟ ପାଇଁ ଓଷାବ୍ରତ କରନ୍ତି। ଅନେକ କଥା ଆମକୁ ଶିଖାଇ ଦିଆହୋଇଛି ପିଲାଦିନୁ। ଅମୁକ ସ୍ୱପ୍ନ ଦେଖିଲେ ଅଶୁଭ- ଘରୁ ବାହାରିଗଲା ବେଳେ ଅମୁକ ଅମୁକ ଦେଖିଲେ ଫଳ ଭଲ ହେବନାହିଁ। ପେଚା ରାତିରେ ରାବିଲେ କିଛି ଅଘଟଣ ଘଟିବାର ଆଶଙ୍କା ତ ବାମ ଆଖି ଦି ଚାରି ଥର ଫରଫର ହେଲେ ଲାଗିବ କିଛି କ୍ଷତି ସହିବାର ଅଛି ବା ଘଟିବାକୁ ଯାଉଛି କିଛି ଅମର୍ଯ୍ୟାଦାକର। ଅବଶ୍ୟ ଏଇ ତତ୍ତ୍ୱଗୁଡ଼ିକ ପଛରେ ସେମିତି ବୈଜ୍ଞାନିକ କାରଣ ନାହିଁ। ସେଗୁଡ଼ିକ ଆମର ପରମ୍ପରା ଭିତରେ ରହିଯାଇଥିବାରୁ ଆମର ମନକୁ ଦୁର୍ବଳ କରାନ୍ତି ଏବଂ ସ୍ୱାଭାବିକ ଭାବରେ ଆମର ଆତ୍ମବିଶ୍ୱାସ ହାନିର କାରଣ ପାଲଟନ୍ତି। ଭୟରୁ ବ୍ୟସ୍ତ ନ ହୋଇ ଭୟର କାରଣ କ'ଣ ହୋଇପାରେ ତାହା ଜାଣିବା ଏବଂ ସେଥିପାଇଁ ଆମର ପ୍ରସ୍ତୁତି ଅଧିକ ରହିଲେ ଆପେ ଆପେ ଆମର ଆତ୍ମବିଶ୍ୱାସ ବୃଦ୍ଧି ହୁଏ।

ଜାପାନରେ ଗୋଟିଏ କଥା ଅଛି, ଯାହାକୁ କୁହାଯାଏ ଟ୍ରାଇସ୍କାଇଡେକା ଫୋବିୟା। ଏହା ହେଉଛି 'ତେର'କୁ ନେଇ ପ୍ରଚଳିତ ବହୁ ଭୟଙ୍କର ଉପକଥା। 'ତେର'କୁ ଅନେକ ଦେଶର ସଂସ୍କୃତି ଓ ପରମ୍ପରାରେ ଅଶୁଭ ବୋଲି ମାନ୍ୟତା ଦିଆଯାଏ। ତେଣୁ ବହୁତଳ ହର୍ମ୍ୟମାନଙ୍କରେ ତ୍ରୟୋଦଶ ମହଲା ରଖାଯାଏ ନାହିଁ। ସେଠାରେ ବାର ମହଲା ପରେ ଚଉଦ ମହଲା। କାରଣ ସେଠାରେ ରହିବାକୁ ଅତିଥିମାନେ ଚାହାନ୍ତି ନାହିଁ। ଅନେକ ହୋଟେଲରେ 'ତେର ନମ୍ବର' କୋଠରି ନଥାଏ ସେହି କାରଣରୁ।

ଅନେକ ବର୍ଷ ତଳେ ଭୁବନେଶ୍ୱରର ଏକ ଅଞ୍ଚଳରେ ବାସଗୃହ ଆବଣ୍ଟନ କରାଯାଉଥିଲା ଲଟେରୀ ମାଧ୍ୟମରେ। ଗୋଟିଏ ଏମିତି ଅଶୁଭ ନମ୍ବର ପ୍ଲଟଟିଏ ପଡ଼ିଲା ଜଣେ ଅତି ବିଶିଷ୍ଟ ବ୍ୟୁରୋକ୍ରାଟ୍‌ଙ୍କ ଭାଗ୍ୟରେ। ତହୁଁ ସେ ପରଦିନ ଡାଇରେକ୍ଟର ଇଷ୍ଟେଟ୍‌ଙ୍କୁ ଡକାଇ କହିଲେ, 'କିହୋ ତମେ ଏମିତି ଲଟେରୀ କରେଇଲ ଯେ ମୋ କପାଳରେ ପଡ଼ିଲା ଶହେତେର। ମୋର ପତ୍ନୀ ଖୁବ୍ ବିରକ୍ତ। ତମେ ତା'ର ସମାଧାନ କର। ତା'ପରେ ଦେଖାଗଲା ସେଇ ପ୍ଲଟର ନମ୍ବର ହୋଇଯାଇଛି ୧୧୨(ଏ)। କଥାରେ କହନ୍ତି ମଣିଷର ମନ ହେଉଛି ମାଙ୍କଡ଼ ସାଙ୍ଗରେ ସମାନ। ତା'କୁ ଠିକ୍ ବୁଝେଇ ଦେବା ଦରକାର। ସେଇ ଏକା ପ୍ଲଟ ୧୧୩ ହୋଇଥିଲେ ମଣିଷକୁ ଅଡୁଆ ଲାଗେ। ମାତ୍ର ୧୧୨ (ଏ) ହୋଇଗଲେ ରିଷ୍ଟ କଟିଯାଏ। ଭୟକୁ ବେଳେ ବେଳେ ଗୋଟିଏ ଅସ୍ତ୍ର ଭାବରେ ବି ବ୍ୟବହାର କରାଯିବା ଜରୁରୀ। ଗୋଟିଏ ଥାନାରେ ନୂଆକରି ଯୋଗ ଦେଉଥିବା ଅଧିକାରୀ ଜାଣିଥା'ନ୍ତି ଯେ ସେ ସବୁ ଅଞ୍ଚଳକୁ ନିଜର ପୁଲିସ ଫଉଜ ଦ୍ୱାରା ଶାସନ କରିପାରିବେ ନାହିଁ। ତେଣୁ ଭୟ ସୃଷ୍ଟି କରିବାକୁ ଚେଷ୍ଟା କରନ୍ତି। ଯଦି ସେଇଥିରେ ସଫଳ ହୋଇଯାଆନ୍ତି ତା'ହେଲେ ତାଙ୍କର ସମୟଟି ସୁରୁଖୁରୁରେ ଯାଏ।

ହଜାରେରୁ ଅଧିକ ବର୍ଷତଳେ କବି ଭର୍ତ୍ତୃହରି ଭୟ ବିଷୟରେ ଯାହା ତାଙ୍କର ବୈରାଗ୍ୟ ଶତକରେ ଲେଖିଥିଲେ ତାହା ଆଜିଯାଏ ବି ପର୍ଯ୍ୟାପ୍ତ ଅନୁଭୂତ ହୁଏ।

'ଭୋଗେ ରୋଗଭୟଂ କୁଳେ ଚ୍ୟୁତି ଭୟଂ ବିତ୍ତେଉନୃପାଳାଦ ଭୟଂ / ମାନେ ଦୈନ୍ୟଭୟଂ ବଳେ ରିପୁଭୟଂ ରୂପେ ଜରାୟାଭୟଂ / ଶାସ୍ତ୍ରେ ବାଦୀ ଭୟଂ ଗୁଣେ ଖଳ ଭୟଂ କାଳେ କୃତାନ୍ତଦ ଭୟଂ / ସର୍ବବସ୍ତୁ ଭୟାନ୍ୱିତଂ ଭୁବିନୃଣାଂ ବୈରାଗ୍ୟମେବାଭୟମ୍।'

ଦୁନିଆର ପ୍ରତ୍ୟେକ ବସ୍ତୁରେ ଭୟ ଲାଗି ରହିଛି। ଭୟ ଅନତିକ୍ରମଣୀୟ। ଆଉ ତା'ର ଉତ୍ପୀଡ଼ନ ଅବର୍ଣ୍ଣନୀୟ। କେବଳ ଆପଣ ଯଦି ବୈରାଗ୍ୟ ଆଶ୍ରୟୀ ହୁଅନ୍ତି ତେବେ ଆପଣଙ୍କୁ କେବେ ବି ଭୟ ଛୁଇଁ ପାରିବ ନାହିଁ। କେବଳ କର୍ମ କରିଚାଲିଥିବ। ଫଳାଶ୍ରୟୀ ନ ହେଲେ ଆପଣଙ୍କୁ ଭୟର ଉପଦ୍ରବ ଭୋଗିବାକୁ ପଡ଼ିବ ନାହିଁ। ●

(ପୂର୍ବତନ ପ୍ରଶାସନିକ ଅଧିକାରୀ)
ଭୁବନେଶ୍ୱର, ମୋ: ୯୪୩୮୪୮୨୯୧୧

# ଭାରତୀୟ ଭାବଧାରାର ଦାର୍ଶନିକ: ବାଗ୍ମୀ ବିଶ୍ୱନାଥ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

**ସାହିତ୍ୟ ସରିତ୍**

ଉତ୍କଳ ସାହିତ୍ୟ ପତ୍ରିକାର ସୁପ୍ରସିଦ୍ଧ ସମ୍ପାଦକ ଭାବରେ ବାଗ୍ମୀ ବିଶ୍ୱନାଥ କରଙ୍କ ମହନୀୟ ଅବଦାନ ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ ହୋଇରହିଛି ଓଡ଼ିଆ ସାହିତ୍ୟର ଇତିହାସରେ ଏବଂ ପ୍ରତ୍ୟେକ ସଚେତନ ଓଡ଼ିଆ ପାଠକମାନଙ୍କ ହୃଦୟରେ। କେତେ ଯେ କବି ଲେଖକଙ୍କୁ ସେ ନିଜ ପତ୍ରିକା ସହିତ ସଂଯୁକ୍ତ କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧିଶାଳୀ କରିଛନ୍ତି ତାହାର ଆକଳନ କରିବା ଦୁରୂହ ବ୍ୟାପାର। ସେ ଯେ କେବଳ ବଳିଷ୍ଠ କଣ୍ଠସ୍ୱରରେ ଉଦ୍‌ବୋଧନ ଦେଇ ପାରୁଥିଲେ, ଶକ୍ତିଶାଳୀ ଲେଖନୀ ମୁନରେ ପତ୍ରିକା ସମ୍ପାଦନା କରି ପାରୁଥିଲେ, ସେତିକି ନୁହେଁ। ସେ ନିଜେ ମଧ୍ୟ ଥିଲେ ଜଣେ ଶ୍ରେଷ୍ଠ ଗଦ୍ୟଶିଳ୍ପୀ, ଜଣେ ଉଚ୍ଚକୋଟୀର ପ୍ରାବନ୍ଧିକ। ପତ୍ରିକା ସମ୍ପାଦନାରେ ନିଜକୁ ଉତ୍ସର୍ଗ କରି ଦେଇଥିବା ବିଶ୍ୱନାଥ କର ଅଧିକ ପୁସ୍ତକ ରଚନା କରିପାରି ନ ଥିଲେ। ତାଙ୍କର 'ବିବିଧ ପ୍ରବନ୍ଧ' ଏପରି ଏକ ଚେତନା ଉଦ୍ରେକକାରୀ ସଂକଳନ, ଯାହା ଯେକୌଣସି ଯୁଗରେ ଆହ୍ୱାନଧର୍ମୀ କୃତି ଭାବରେ ନବଚେତନା-ସୃଷ୍ଟି-କ୍ଷମ ବିବେଚିତ ହେବା ସୁନିଶ୍ଚିତ।

ବିଶ୍ୱନାଥ କର ଥିଲେ ସଂସ୍କାରଧର୍ମୀ ମନୋଭାବସମ୍ପନ୍ନ। ତଦନୁଯାୟୀ ତାଙ୍କ ପ୍ରବନ୍ଧର ବିଷୟବସ୍ତୁ ପରକଳ୍ପିତ ଓ ଉପସ୍ଥାପିତ। କୁସଂସ୍କାରଗ୍ରସ୍ତ ସମାଜକୁ ପରିଶୀଳିତ, ପରିମାର୍ଜିତ କରିବା ପାଇଁ ବଙ୍ଗ ପ୍ରଦେଶରେ ଯେଉଁ ନୂତନ ଉଦ୍ଦୀପନା ସୃଷ୍ଟି ହୋଇଥିଲା ବିଶ୍ୱନାଥ ତା'ଦ୍ୱାରା ଅନୁପ୍ରାଣିତ ହୋଇଛନ୍ତି। ବିଧବା ବିବାହ, ମଦ୍ୟପାନ ନିବାରଣ, ନାରୀ ସ୍ୱାଧୀନତା ଆଦି ବିଭିନ୍ନ ବିଷୟରେ ଓଡ଼ିଶାରେ ମଧ୍ୟ ନବଜାଗରଣର ତରଙ୍ଗ ଶିକ୍ଷିତ ଗୋଷ୍ଠୀଙ୍କୁ ସ୍ପର୍ଶ କରୁ, ଏହା ହିଁ ଥିଲା ତାଙ୍କ ପ୍ରବନ୍ଧ ରଚନାର ଆଭିମୁଖ୍ୟ। କି ବ୍ୟାପକ ଥିଲା ତାଙ୍କ ଚିନ୍ତନ ଓ ମନନର ପରିସର! କି ବିପୁଳ ଇଚ୍ଛାଶକ୍ତିରେ ସେ ଥିଲେ ସୁଦୃଢ଼! ଏହା ବ୍ୟତିରେକେ ରଚନା ପ୍ରଭାବଶାଳୀ ହେବା କେବେହେଲେ ସମ୍ଭବ ନୁହେଁ।

ବିଶ୍ୱନାଥ ବ୍ରାହ୍ମଧର୍ମ ଗ୍ରହଣ କରିଥିଲେ। ଏହା ତାଙ୍କ ଈଶ୍ୱର ଉପାସନାର ଅଭିନ୍ନ ମାର୍ଗ ତ ଥିଲା ନିଶ୍ଚୟ। ମାତ୍ର ସେ ଏହାରି ମାଧ୍ୟମରେ ସାମାଜିକ ପରିବର୍ତ୍ତନ ପାଇଁ ସ୍ୱକୀୟ ପ୍ରତିଶ୍ରୁତିବଦ୍ଧତାର ପରିଚୟ ଦେଇଛନ୍ତି। ସେ ହୃଦୟଙ୍ଗମ କରି ପାରିଥିଲେ ଏକ ନିଗୂଢ଼ ସତ୍ୟ। ତାହା ହେଲା ମଣିଷର ବିଶେଷତ୍ୱ ହେଉଛି ସେ ଆତ୍ମିକ ସତ୍ତାର ଅଧିକାରୀ। ମଣିଷର ବିକାଶ ତେଣୁ ଅସରନ୍ତି। ଶ୍ରୀଅରବିନ୍ଦ ଦର୍ଶନରେ ଏହି ନିଗୂଢ଼ ସତ୍ୟ ମର୍ମରିତ। ଶ୍ରୀଅରବିନ୍ଦ ଉପଲବ୍ଧି କରିଥିଲେ ଯେ ମଣିଷ ନିକଟରେ ରହିଛି ଚୈତ୍ୟସତ୍ତା ଏବଂ ଏହାର ବିକାଶ ସର୍ବଦା ରହିଥାଏ ଅବ୍ୟାହତ, ଅପ୍ରତିହତ। ସେହି ଅନ୍ତଃସତ୍ୟ ଉପରେ ବିଶ୍ୱନାଥଙ୍କ ବିଶ୍ୱାସ ସୁପ୍ରତିଷ୍ଠିତ। ଅପରପକ୍ଷରେ ଏପରି ମନ୍ଦ ପୈଶାଚିକ ସତ୍ତା ରହିଛନ୍ତି ଯେଉଁମାନେ ମଣିଷକୁ ପଥଭ୍ରଷ୍ଟ କରି ଦିଅନ୍ତି। 'ରାକ୍ଷସୀ ଲୀଳା' ପରି ପ୍ରବନ୍ଧରେ ଏପରି ଅବତାରଣାର କାରଣ ହେଉଛି ତାହାକୁ ଅତିକ୍ରମ କରିଯିବାର ଅଲୌକିକ ଦ୍ୟୁତି ମାନବାତ୍ମାରେ ପ୍ରଚ୍ଛନ୍ନ। ମଣିଷକୁ ଯଥାର୍ଥ ମାର୍ଗରେ ଅଗ୍ରସର କରାଇନେବାରେ ଜାଗ୍ରତ ରହିଛନ୍ତି ସ୍ୱୟଂ ଭଗବାନ। ନିଜ ସମାଜ ଓ ଦେଶକୁ ଅସତ ଶକ୍ତି ପ୍ରଭାବରୁ ମୁକ୍ତ କରିବା ପାଇଁ ପ୍ରାବନ୍ଧିକ ସିଧାସଳଖ ଦେଇଛନ୍ତି ଆହ୍ୱାନ। 'ଅନନ୍ତ ପ୍ରେମ' ଶୀର୍ଷକ ପ୍ରବନ୍ଧରେ ସେ ବର୍ଣ୍ଣନା କରିଛନ୍ତି, ପ୍ରେମଶୂନ୍ୟ ହୃଦୟ ପ୍ରେତ ପିଶାଚର ଲୀଳାସ୍ଥଳୀ। ପ୍ରେମାନୁଭବ ହିଁ ମଣିଷର ଅନ୍ତରକୁ ବିକଶିତ କରିଦିଏ ସାର୍ଥକ ଭାବରେ। 'ସାଧନା ଓ ସିଦ୍ଧି' ଲେଖାଟିରେ ସେ ଦର୍ଶାଇ ଦେଇଛନ୍ତି, ଜୀବନ କେବେ ହେଲେ ଉଦ୍ଦେଶ୍ୟବିହୀନ ହୋଇ ନ ପାରେ। ବିଶ୍ୱ-ନିଧାନଙ୍କୁ ଉପଲବ୍ଧି କରିପାରିଲେ କର୍ତ୍ତବ୍ୟର ପଥ ସୁସ୍ପଷ୍ଟ ହୋଇଉଠେ।

ଜୀବନ ଯେପରି ସୀମାହୀନ, ବିଶ୍ୱନାଥଙ୍କ ଭାବନା ମଧ୍ୟ ସେପରି ଅନ୍ତଃହୀନ। ବିନ୍ଦୁ ଭିତରେ ସିନ୍ଧୁ ଦର୍ଶନର ଅନୁଭବ ପ୍ରଦାନ କରିପାରେ ତାହା ଗଭୀର ଭାବରେ। ସ୍ୱାଧୀନ ଚିନ୍ତା, ସ୍ତ୍ରୀ ଶିକ୍ଷା, ମହାସ୍ରୋତ, ଅନନ୍ତ ପ୍ରେମ, ସାହିତ୍ୟ ଓ ଜୀବନ ପରି ବହୁ ବିଷୟରେ ତାଙ୍କ ହୃଦୟ କିପରି ଆଲୋଡ଼ିତ ହେଉଥିଲା ନିରନ୍ତର ତାହା ଭାବିଲେ ବିସ୍ମିତ ହେବାକୁ ପଡ଼ିଥାଏ। ସେହିପରି ସ୍ୱଦେଶ ସମ୍ପର୍କିତ ତାଙ୍କ ଚିନ୍ତାଧାରା କେତେ ଉଦାର, ମହତ ଓ କଲ୍ୟାଣକର ତାହା ବାରମ୍ବାର ଚର୍ଚ୍ଚିତ ହେବା ଆବଶ୍ୟକ। ଯେତେବେଳେ ସମଗ୍ର ଭାରତବର୍ଷର ଏକତା ଓ ଅଖଣ୍ଡତା ପ୍ରତି ଆମର ଶ୍ରଦ୍ଧା ହୋଇଉଠେ ସବୁଠାରୁ ଶ୍ରେଷ୍ଠ, ସେତେବେଳେ ସମସ୍ତ ପ୍ରକାର ସଂକୀର୍ଣ୍ଣତାରୁ ଆମକୁ ଯେ ମୁକ୍ତ ହେବାକୁ ପଡ଼ିବ -ଏହି ସନ୍ଦେଶ ପ୍ରଦାନ କରିବାରେ ବିଶ୍ୱନାଥଙ୍କ ଆନ୍ତରିକତା ହୋଇ ଉଠିଛି ଆକାଶଚୁମ୍ବୀ। ପ୍ରତିଟି ଶ୍ରଦ୍ଧାଶୀଳ ପାଠକ ହୃଦୟରେ ଭାରତୀୟ ଭାବଧାରାର ସ୍ରୋତ ସୃଷ୍ଟି କରିବାରେ ତାଙ୍କ ଭୂମିକା ବାସ୍ତବିକ ଅନନ୍ୟ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅବଶିଷ୍ଟାଂଶ...

## କୁଆପଥର ମାଡ଼ରେ...

ମିଡ଼ିଆରେ ଭାଇରାଲ ହୋଇଛି। ବିମାନର କ୍ଷତିକୁ ଦେଖି ପାଇଲଟ୍ ତୁରନ୍ତ ଶ୍ରୀନଗର ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ସହ ସମ୍ପର୍କ କରି ଜରୁରୀକାଳୀନ ଅବତରଣ ପାଇଁ ସୂଚନା ଦେଇଥିଲେ। ପରେ ପରେ ବିମାନଟି ସନ୍ଧ୍ୟା ପ୍ରାୟ ୬.୩୦ ମିନିଟ୍‌ରେ ଶ୍ରୀନଗର ବିମାନ ବନ୍ଦରରେ ସୁରକ୍ଷିତ ଅବତରଣ କରିଥିବା ଜଣାପଡ଼ିଛି। ସେପଟେ ବୁଧବାର ଅପରାହ୍ନରେ ଦିଲ୍ଲୀ ଏବଂ ଏନସିଆର ଅଞ୍ଚଳରେ ପ୍ରବଳ ବର୍ଷା ସହିତ କୁଆପଥର ମାଡ଼ ହୋଇଛି। ଏହାକୁ ନେଇ ଦିଲ୍ଲୀ ଆନ୍ତର୍ଜାତିକ ବିମାନ ବନ୍ଦରରେ ବହୁ ବିମାନ ଅବତରଣ କରିପାରି ନଥିଲା। ୧୦ ବିମାନର ଗତିପଥ ବଦଳାଯିବା ସହିତ ୫୦ରୁ ଅଧିକ ବିମାନ ଉଡାଣରେ ବିଳମ୍ବ ହୋଇଥିବା କୁହାଯାଉଛି।

## ୮୨.୭୭% ପାସ୍...

ପରୀକ୍ଷା ଦେଇଥିବା ବେଳେ ୭୯ହଜାର ୭୨୪ଜଣ ପାସ୍ କରିଛନ୍ତି। ଛାତ୍ରଙ୍କ ପାସ୍ ହାର ୮୬.୪୯% ଥିବାବେଳେ ୮୮.୫୬% ଛାତ୍ରୀ ପାସ୍ କରି ଆଗରେ ରହିଛନ୍ତି। ୧୯୦୭ ଜଣ ପିଲା ୯୦%ରୁ ଅଧିକ ନମ୍ବର ରଖିଥିବାବେଳେ ୫୪,୯୪୭ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦ୍ୱିତୀୟ ଶ୍ରେଣୀରେ ୨୭,୪୭୪ ଓ ତୃତୀୟ ଶ୍ରେଣୀରେ ୧୪,୯୬୫ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଚଳିତ ବର୍ଷ ପାସ ହାରରେ ନୟାଗଡ଼ ଜିଲ୍ଲା ଶୀର୍ଷରେ ରହିଛି। ଏହି ଜିଲ୍ଲାରେ ୯୭.୫୮% ଥିବାବେଳେ ବୌଦ୍ଧ ଜିଲ୍ଲାର ପାସହାର ସର୍ବନିମ୍ନ ୭୧.୮୫% ରେକର୍ଡ ହୋଇଛି।

ବାଣିଜ୍ୟରେ ୨୫ ହଜାର ୧୦୮ ଜଣ ପରୀକ୍ଷା ଦେଇଥିବା ବେଳେ ୨୦ହଜାର ୮୯୨ଜଣ ପାସ୍ କରିଛନ୍ତି। ଛାତ୍ରଛାତ୍ରୀଙ୍କ ମୋଟ୍ ପାସ୍ ହାର ୮୩.୨୦% ରହିଛି। ଛାତ୍ରଙ୍କ ପାସ୍‌ହାର ୮୧.୭୧% ଠାରୁ ଛାତ୍ରୀଙ୍କ ପାସହାର ୮୫.୭୭% ସହ ଆଗରେ ଅଛନ୍ତି। ୨୦୪ ଜଣ ପିଲା ୯୦%ରୁ ଅଧିକ ନମ୍ବର ରଖିଥିବାବେଳେ ୬୯୩୦ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦ୍ୱିତୀୟ ଶ୍ରେଣୀରେ ୪୫୨୫ ଓ ତୃତୀୟ ଶ୍ରେଣୀରେ ୯୨୧୬ ଜଣ କୃତକାର୍ଯ୍ୟ ହୋଇଛନ୍ତି। ନୟାଗଡ଼ ଜିଲ୍ଲାରେ ସର୍ବାଧିକ ପାସ୍ ହାର ୯୩.୬୧% ଥିବାବେଳେ କଳାହାଣ୍ଡି ଜିଲ୍ଲାରେ ସର୍ବନିମ୍ନ ୭୯.୧୯% ରହିଛି। ଧନ୍ଦାମୂଳକ ଶିକ୍ଷାରେ ପରୀକ୍ଷା ଦେଇଥିବା ୫,୬୫୨ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩,୮୨୫ ଜଣ ପାସ୍ କରିଛନ୍ତି। ୨୦୨୪ରେ ପାସ୍ ହାର ୬୮.୦୨% ଥିବାବେଳେ ଚଳିତବର୍ଷ ୬୦.୫୭% ସହ ପାସ୍‌ହାର କମିଛି। ମାତ୍ର ଜଣେ ପରୀକ୍ଷାର୍ଥୀ ୯୦%ରୁ ଅଧିକ ନମ୍ବର ରଖିଥିବାବେଳେ ୭୬୮ ଜଣ ପ୍ରଥମ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ବାଲେଶ୍ୱର ଜିଲ୍ଲାର ପାସ୍ ହାର ସର୍ବାଧିକ ୮୩.୮୩% ଥିବାବେଳେ ମାଲକାନଗିରିରୁ କେହି ପାସ୍ କରିପାରି ନାହାନ୍ତି।

ସିଏଚ୍‌ଏସ୍‌ଇ କାର୍ଯ୍ୟାଳୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ପରୀକ୍ଷା ଫଳ ପୁସ୍ତିକାକୁ ଉନ୍ମୋଚନ କରିଛନ୍ତି। ତାଙ୍କ ସହିତ ବିଭାଗୀୟ ସଚିବ ଶାଳିନୀ ପଣ୍ଡିତ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ରଘୁରାମ ଆର୍ ଆୟାର, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷ ମୃଣାଳକାନ୍ତି ଦାସ, ସଚିବ ଶୁଭ୍ରବାଳା ବେହେରା ଓ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

### ■ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ୯୦% ପିଲା ରଖିଛନ୍ତି ୪୫%ରୁ ଅଧିକ ନମ୍ବର

ଭୁବନେଶ୍ୱର,୨୧।୫(ସମିଦ): ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ପ୍ରଦର୍ଶନ ପୂର୍ବାପେକ୍ଷା ଉନ୍ନତ ହୋଇଛି। ଚଳିତ ବର୍ଷ ୯୦%ରୁ ଅଧିକ ପିଲା ୪୫%ରୁ ଅଧିକ ନମ୍ବର ରଖିଛନ୍ତି। ଇଞ୍ଜିନିୟରିଂ ପରି ୪୫% ନମ୍ବର ବାଧ୍ୟତାମୂଳକ ଥିବା ପାଠ୍ୟକ୍ରମରେ ସେମାନେ ନାମ ଲେଖାଇ ପାରିବେ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଚଳିତ ଥର ସିବିଏସ୍‌ଇ ଢାଞ୍ଚାରେ ଉତ୍ତରଦାନ ପରୀକ୍ଷା ସାମିଲ କରାଯାଇଥିଲା। ଫଳରେ ପୂର୍ବରୁ ୩୩ରୁ ୩୭ ମାର୍କ ପାଉଥିବା ପିଲାଙ୍କ ୪୫ରୁ ଅଧିକ ନମ୍ବର ରଖିପାରିଛନ୍ତି। ଭବିଷ୍ୟତରେ ଯଦି ସିବିଏସ୍‌ଇ ନିଜର ପରୀକ୍ଷା ପ୍ରଣାଳୀ ବା ଢାଞ୍ଚାରେ କୌଣସି ପରିବର୍ତ୍ତନ କରେ; ସେହି ଅନୁଯାୟୀ ରାଜ୍ୟରେ ମଧ୍ୟ ପରିବର୍ତ୍ତନ କରାଯିବ। ଜାତୀୟସ୍ତରୀୟ ପ୍ରତିଦ୍ୱନ୍ଦିତାରେ ଓଡ଼ିଶାର ଛାତ୍ରଛାତ୍ରୀଙ୍କୁ ସାମିଲ କରିବାକୁ ହେଲେ ସମୟୋପଯୋଗୀ ପଦକ୍ଷେପ ନେବା ଜରୁରୀ ବୋଲି ଡ. ପରିଡ଼ା ପ୍ରକାଶ କରିଛନ୍ତି।

## ଜନମତକୁ ଡର...

ଜାରି ପ୍ରେସ ବିଜ୍ଞପ୍ତି ଏହି ସନ୍ଦେହକୁ ଅଧିକ ଘନୀଭୂତ କରିଛି। ବିଜ୍ଞପ୍ତି ପ୍ରକାଶନ ପୂର୍ବରୁ କମିଶନ କାହିଁକି ମତାମତ ଗ୍ରହଣ କରିନଥିଲେ ଏବଂ ମାତ୍ର କମିଶନ କିପରି ମତାମତ ଗ୍ରହଣ କଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ରାଜନୀତିକ ମହଲରେ ଉପ ନିର୍ବାଚନ ସ୍ଥଗିତକୁ ନେଇ ଭିନ୍ନ ଭିନ୍ନ ଆଲୋଚନା ଆରମ୍ଭ ହୋଇଛି। ନିର୍ବାଚନର ସମ୍ଭାବ୍ୟ ଫଳ ବିରୋଧରେ ଯିବାର ଆଶଙ୍କା ଥିବାରୁ ଶାସକ ଦଳ ସମ୍ଭବତଃ ଏହି ଉପନିର୍ବାଚନକୁ ରୋକିବାକୁ ସମର୍ଥ ହୋଇପାରିଛନ୍ତି ବୋଲି ଆଲୋଚନା ଆରମ୍ଭ ହୋଇଛି। ରାଜ୍ୟରେ କ୍ଷମତା ଦଖଲର ବର୍ଷେ ବିତିବାକୁ ବସିଥିବାବେଳେ ସରକାର କୌଣସି ପ୍ରଭାବୀ କାର୍ଯ୍ୟକ୍ରମ ଗ୍ରହଣ କରିନାହାନ୍ତି। ଗାଁ ଗାଁରେ ବିକାଶମୂଳକ କାମ ଅଟକି ରହିଛି, ନିର୍ବାଚନ ପ୍ରତିଶ୍ରୁତି ପୂରଣ କରିବାରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରିଛନ୍ତି, ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ସରକାରୀ କାର୍ଯ୍ୟାଳୟରେ ଶାସକ ଦଳର କର୍ମୀଙ୍କ ମାଲିକାଟି ଏବଂ ଅଶ୍ୱସ୍ତିକର ପରିବେଶ ସୃଷ୍ଟି କରିଛି। ବର୍ଷକ ମଧ୍ୟରେ ନିଗମ, କର୍ପୋରେସନ ଆଦିରେ ଅଧ୍ୟାନମୂଳକ ନିଯୁକ୍ତି ହୋଇ ନ ଥିବାରୁ ଦଳ ମଧ୍ୟରେ ଅସନ୍ତୋଷ ବଢ଼ିଛି। ଯାହାକୁ ନେଇ ଗାଁ ଗାଁରେ ଶାସକଦଳ ବିରୋଧରେ ଏକ ଅନ୍ତଃସ୍ରୋତ ପ୍ରବାହିତ ହେଉଛି। ଏହି ପରିସ୍ଥିତିରେ ଉପନିର୍ବାଚନ ଶାସକ ଦଳ ପାଇଁ ଘାତକ ହେବାର ଆଶଙ୍କା ଥିବାରୁ ଶେଷ ମୁହୂର୍ତ୍ତରେ ମୌସୁମୀ ବାହାନା କରି ନିର୍ବାଚନକୁ ରୋକା ଯାଇଛି ବୋଲି ରାଜନୈତିକ ସମୀକ୍ଷକମାନେ ମତବ୍ୟକ୍ତ କରିଛନ୍ତି। ବର୍ଷାଧିକ କାଳଧରି ଖାଲି ପଡ଼ିଥିବା ପଞ୍ଚାୟତ ପ୍ରତିନିଧିଙ୍କ ସ୍ଥାନ ପୂରଣ ନ ହେବା ଯୋଗୁଁ ସମ୍ପୃକ୍ତ ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟ ବ୍ୟାହତ ହେଉଛି। ମାତ୍ର ଜାଣିଶୁଣି ଏହି ପଞ୍ଚାୟତ ବା ୱାର୍ଡଗୁଡ଼ିକରେ ଉପ ନିର୍ବାଚନ କରାଗଲା ନାହିଁ; ଆଉ ଯେବେ ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ କରିବାର ୨୪ ଘଣ୍ଟା ମଧ୍ୟରେ ଏହାକୁ ରଦ୍ଦ କରାଯିବା ସ୍ୱାଭାବିକ ନିଷ୍ପତ୍ତି ବୋଲି କୁହାଯାଇ ପାରୁନାହିଁ। ଆଗାମୀ ୧୨ ତାରିଖରେ ରାଜ୍ୟ ସରକାରଙ୍କୁ ବର୍ଷେ ପୂରୁଛି, ଏଥିପାଇଁ ସରକାର ଯାବତୀୟ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ସରକାରଙ୍କ କାର୍ଯ୍ୟ ଓ ଶାସକ ଦଳର ନେତାମାନଙ୍କ ଆଭିମୁଖ୍ୟକୁ ନେଇ ରାଜ୍ୟରେ ଅସନ୍ତୋଷ ବଢ଼ି ଚାଲିଛି। ତେଣୁ ଏହି ଅସନ୍ତୋଷକୁ ଡ଼ରି ଉପନିର୍ବାଚନ ନିମନ୍ତେ ସରକାର ଓ ଶାସକ ଦଳ ପଛଘୁଞ୍ଚା ଦେଇଥାଇ ପାରନ୍ତି ବୋଲି ମଧ୍ୟ ଆଲୋଚନା ଚାଲିଛି।

## ସରକାରରେ ନାହିଁ...

ଏହାକୁ ନେଇ ଯାବତୀୟ ତୁମ୍ବୀତୋଫାନ ହେଲା, ସାମାଜିକ ଗଣମାଧ୍ୟମରେ ସରକାରଙ୍କ ଉଭୟ ଉଚ୍ଚଶିକ୍ଷା ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀଙ୍କୁ ପ୍ରବଳ ସମାଲୋଚନା ହେଲା; ବିଭିନ୍ନ ଗଣମାଧ୍ୟମରେ ଏ ସମ୍ପର୍କରେ ଖବର ପ୍ରକାଶ ପାଇଲା। ଏହା ପରେ ଯାଇ ସରକାରଙ୍କ ଚେତା ଭାଙ୍ଗିଲା। ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ଏବଂ ଉଚ୍ଚଶିକ୍ଷାମନ୍ତ୍ରୀ କଥା ହେବା ପରେ ଯୁକ୍ତ ୩ ଆବେଦନ ଅବଧିକୁ ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଗଲା। ଏହାପରେ ଆଜି ଅର୍ଥାତ୍ ମଇ ୨୧ ତାରିଖରେ ଯୁକ୍ତ ୨ ଫଳ ପ୍ରକାଶ ପାଇଲା। ଶେଷ ମୁହୂର୍ତ୍ତରେ ଲଜ୍ଜିତ ହେବାରୁ ସରକାର ଅଳ୍ପକେ ବର୍ତ୍ତିଗଲେ।

ସରକାରୀ ବ୍ୟବସ୍ଥାରେ ବିଭାଗୀୟ ମନ୍ତ୍ରୀ ନିଜ ବିଭାଗର କାର୍ଯ୍ୟକଳାପ ପାଇଁ ଉତ୍ତରଦାୟୀ। ନିକଟରେ ସରକାର ମନ୍ତ୍ରୀମାନଙ୍କୁ ଅଧିକ ଉତ୍ତରଦାୟୀ କରିବାକୁ ଯାବତୀୟ ପ୍ରଚେଷ୍ଟା ବି କରିଛନ୍ତି। ତେବେ ଏପରି ଅସଙ୍ଗତି ପାଇଁ ଦୁଇ ବିଭାଗର ମନ୍ତ୍ରୀ ଉତ୍ତରଦାୟୀ ହେବେ ନା ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ, ତାହା ଦେଖିବାକୁ ବାକି ରହିଲା।

## ଓବିସି ପାଇଁ...

ଏସ୍‌ଟି ସେଲ୍‌ର ଆବାହକ ମଙ୍ଗଳା କିସାନ ଓ ଏସସି ସେଲର ଆବାହକ ମହେଶ ସାହୁଙ୍କ ପୌରୋହିତ୍ୟରେ ଦଳୀୟ ନେତାମାନେ ଯୋଗ ଦେଇ ସଂଖ୍ୟାନୁପାତିକ ସଂରକ୍ଷଣ ଦାବି କରିଛନ୍ତି। ଦଳର ବରିଷ୍ଠ ନେତାମାନେ ନିଜ ବକ୍ତବ୍ୟରେ କହିଛନ୍ତି ଯେ ରାଜ୍ୟର ଏସ୍‌ସି,ଏସ୍‌ଟି,ଓବିସି ବର୍ଗର ଲୋକଙ୍କ ସ୍ୱାର୍ଥ ରକ୍ଷା ପ୍ରଦାନ ପାଇଁ ଦଳ ବିଭିନ୍ନ ପଦକ୍ଷେପ ନେବା ସହିତ ପ୍ରତିଶ୍ରୁତିବଦ୍ଧ। ରାଜ୍ୟର ଓବିସି ବର୍ଗର ଲୋକମାନଙ୍କୁ ନ୍ୟାଯ୍ୟ ଅଧିକାର ପ୍ରଦାନ ପାଇଁ ୨୦୨୦ ମସିହାରେ ଜଷ୍ଟିସ ରଘୁନାଥ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ କମିସନ ଗଠନ କରାଯାଇଥିଲା। ରାଜ୍ୟର ଓବିସି, ଏସ୍‌ସି ଓ ଏସ୍‌ଟି ବର୍ଗର ଲୋକଙ୍କୁ ଶିକ୍ଷା ଓ ଚାକରି କ୍ଷେତ୍ରରେ ସଂଖ୍ୟା ଅନୁପାତରେ ଉପଯୁକ୍ତ ସଂରକ୍ଷଣ ପ୍ରଦାନ ପାଇଁ, ସର୍ବାଧିକ ୫୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ପ୍ରତିବନ୍ଧକ ସାଜୁ ଥିବାରୁ ଏହାକୁ ହଟାଇବା ପାଇଁ ନବୀନ ସରକାର ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଓବିସିମାନଙ୍କୁ ସଂଖ୍ୟା ଅନୁପାତରେ ସଂରକ୍ଷଣ ପ୍ରଦାନ ପାଇଁ ରାଜ୍ୟରେ ଓବିସି ବର୍ଗର ଜନସଂଖ୍ୟା ସର୍ଭେ ନବୀନ ସରକାରଙ୍କ ଦ୍ୱାରା ୨୦୨୩ ମସିହାରେ କରାଯାଇଥିଲା। ପୂର୍ବରୁ ଓବିସି ତାଲିକାରେ ନଥିବା ୨୦ଟି ବର୍ଗର ଲୋକଙ୍କୁ ୨୦୨୩ ମସିହାରେ ନବୀନ ସରକାର ଓବିସି ବର୍ଗରେ ସାମିଲ କରି ଐତିହାସିକ ପଦକ୍ଷେପ ଗ୍ରହଣ କରିଥିଲା। ୨୦୨୧ ମସିହାରେ ରାଜ୍ୟରେ ଅନୁଷ୍ଠିତ ହୋଇଥିବା ପଞ୍ଚାୟତ ନିର୍ବାଚନରେ ବିଜେଡି ପକ୍ଷରୁ ୪୦ ପ୍ରତିଶତରୁ ଅଧିକ ଆସନରେ ଓବିସି ବର୍ଗର ଲୋକଙ୍କୁ ପ୍ରାର୍ଥୀ କରାଯାଇଥିଲା। ଅପରପକ୍ଷରେ ବିଜେପି ଓବିସି ମାନଙ୍କୁ ସଂରକ୍ଷଣ ପ୍ରଦାନ ପ୍ରସଙ୍ଗକୁ ଆରମ୍ଭରୁ ବିରୋଧ କରି ଆସୁଥିଲା ବୋଲି ନେତାମାନେ ତାଙ୍କ ବକ୍ତବ୍ୟରେ କହିଛନ୍ତି। କାର୍ଯ୍ୟକ୍ରମରେ ଦେବୀ ପ୍ରସାଦ ମିଶ୍ର, ପ୍ରଫୁଲ୍ଲ ସାମଲ, ବଦ୍ରି ନାରାୟଣ ପାତ୍ର, ସଞ୍ଜୟ ଦାସବର୍ମା, ପ୍ରମିଳା ମଲ୍ଲିକ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅତନୁ ସବ୍ୟସାଚୀ ନାୟକ, ପ୍ରଣବ ପ୍ରକାଶ ଦାସ,ନିରଞ୍ଜନ ପୂଜାରୀ, ଟୁକୁନି ସାହୁ, ପ୍ରତାପ ଜେନା,ସ୍ନେହାଙ୍ଗିନୀ ଛୁରିଆ, କଳିକେଶ ନାରାୟଣ ସିଂହଦେଓ, ବ୍ୟୋମକେଶ ରାୟ, ସୁଭାଶିଷ ଖୁଣ୍ଟିଆ, ଦେବୀ ରଞ୍ଜନ ତ୍ରିପାଠୀ, ଅଶୋକ ଚନ୍ଦ୍ର ପଣ୍ଡା, ଉମାକାନ୍ତ ସାମନ୍ତରାୟ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ଗଣେଶ୍ୱର ବେହେରା, ଧ୍ରୁବ ଚରଣ ସାହୁ, ଭୃଗୁ ବକ୍ସିପାତ୍ର, ସୁନିଲ ମହାନ୍ତି, ପ୍ରୀତିରଞ୍ଜନ ଘଡ଼େଇ, ଅରବିନ୍ଦ ମହାପାତ୍ର, ସାରଦା ପ୍ରସନ୍ନ ଜେନା, ସାରଦା ନାୟକ, ରୋହିତ ଯୋଶେଫ ତିର୍କୀ, ରାଜେନ୍ଦ୍ର ସାହୁ, ପ୍ରଦୀପ ମାଝୀ, ମନ୍ମଥ ରାଉତରାୟ, ସୌଭିକ ବିଶ୍ୱାଳ, ବ୍ରଜକିଶୋର ପ୍ରଧାନ, ନଳିନୀକାନ୍ତ ପ୍ରଧାନ, ସୁଲୋଚନା ଦାସ, ରାଜଶ୍ରୀ ମଲ୍ଲିକ, ଶର୍ମିଷ୍ଠା ସେଠୀ, ଲୋପାମୁଦ୍ରା ବକ୍ସିପାତ୍ର, ପ୍ରଶାନ୍ତ ମୁଦୁଲି, ଶ୍ରୀକାନ୍ତ ସାହୁ, ରମେଶ ବେହେରା, ସୁଧୀର ସାମଲ, ପ୍ରମୋଦ ମଲ୍ଲିକ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ରୂପେଶ କୁମାର ପାଣିଗ୍ରାହୀ, ପ୍ରଦୀପ ଅମାତ, ମୁକେଶ କୁମାର ପାଲ, ଯୋଗେଶ କୁମାର ସିଂ, ପ୍ରଶାନ୍ତ ବେହେରା, ପ୍ରଦୀପ କୁମାର ସାହୁ, ଶଶି ଭୂଷଣ ବେହେରା, ଚକ୍ରମଣି କହଁର, ନବକିଶୋର ମଲ୍ଲିକ, ବିକ୍ରମ ପଣ୍ଡା, ସୁବାସ ବେହେରା, ରୁଦ୍ର ପ୍ରତାପ ମହାରଥୀ, ମାନସ ମାଡ଼କାମୀ, ମିଡିଆ ସଂଯୋଜକ ଡ଼ ପ୍ରିୟବ୍ରତ ମାଝୀ ପ୍ରମୁଖ ବକ୍ତବ୍ୟ ଦେଇଥିଲେ।

## ୩୦ ମାଓବାଦୀ...

ଘଟଣା ସ୍ଥଳରୁ ବହୁ ପରିମାଣର ବନ୍ଧୁକ ସହ ବିସ୍ଫୋରକ ସାମଗ୍ରୀ ଜବତ ହୋଇଥିବା ଛତିଶଗଡ ଗୃହମନ୍ତ୍ରୀ ବିଜୟ ଶର୍ମା କହିଛନ୍ତି। ଅବୁଜମାଡ଼ ଜଙ୍ଗଲରେ ସର୍ଚ୍ଚ ଅପରେସନ ଜାରି ରହିଛି। ଅପରେସନରେ ଡିଆରଜି ଜବାନଙ୍କ ସହ ସିଆରପିଏଫ ବାହିନୀ ମଧ୍ୟ ସାମିଲ୍ ଅଛନ୍ତି। ମାଓବାଦୀଙ୍କ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିବାର ଆଶଙ୍କା ରହିଛି। କାରଣ ଅନେକ ମାଓବାଦୀ ଏଥିରେ ଗୁରୁତର ଆହତ ହୋଇଛନ୍ତି। ଅଞ୍ଚଳରେ ତଲାସି ଅଭିଯାନ ଜାରି ରହିଛି। ମାଓବାଦୀଙ୍କ ଗୁଳିରେ ଜଣେ ସୁରକ୍ଷା କର୍ମୀ ଗୁରୁତର ଭାବେ ଆହତ ହୋଇଥିବା ବେଳେ ପୁଲିସର ଜଣେ ସହଯୋଗୀ ସହିଦ ହୋଇଛନ୍ତି। ଆହତ ଯବାନଙ୍କୁ ବାୟୁସେନାର ହେଲିକେପ୍ଟର ଯୋଗେ ରାୟପୁର ସ୍ଥାନାନ୍ତର କରାଯାଇଛି। ସେଠାରେ ଏକ ଘରୋଇ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଛି। କେଶବ ରାଓଙ୍କ ମୃତ୍ୟୁ ପରେ ଲାଲ୍ ବାହିନୀ ଏକ ପ୍ରକାର ଦୁର୍ବଳ ହୋଇପଡିବ ବୋଲି କୁହାଯାଉଛି।

## ଜ୍ୟୋତିଙ୍କ ବ୍ୟାଙ୍କ୍‌ରେ...

ଆସୁଥିବା ଟଙ୍କା ଦେଖି ଦତନ୍ତକାରୀ ଅଧିକାରୀ ତାଜୁବ ହୋଇଯାଇଛନ୍ତି। ହରିଆଣା ପୁଲିସ ସୂତ୍ରରୁ ପ୍ରକାଶ ଯେ ଜ୍ୟୋତିଙ୍କର ବ୍ୟାଙ୍କ ଆକାଉଣ୍ଟରେ ଅନେକ କାରବାର ସନ୍ଦେହ ଘେରରେ ରହିଛି। ଏପର୍ଯ୍ୟନ୍ତ ତାଙ୍କର ୪ଟି ବ୍ୟାଙ୍କ ଆକାଉଣ୍ଟ ଜବତ କରାଯାଇଛି। ଗୋଟିଏ ଆକାଉଣ୍ଟରେ ଦୁବାଇ ସହିତ କାରବାର ହୋଇଥିବାର ତଥ୍ୟ ମିଳିଛି। ସେ କେଉଁ କେଉଁ ସୂତ୍ରରୁ ଅର୍ଥ ପାଉଥିଲେ, ତାହାର ଯାଞ୍ଚ କରାଯାଉଛି। ଦୁବାଇରୁ ତାଙ୍କ ପାଇଁ ଟଙ୍କା କିଏ ପଠାଉଥିଲା ତାହାର ଅନୁଧ୍ୟାନ କରାଯାଉଛି। ସେ ପାକିସ୍ତାନ ଓ ଚୀନ ସମେତ ୮ଟି ରାଜ୍ୟକୁ ଗସ୍ତ କରିଛନ୍ତି। ସେଠାରେ ସେ ତାରକା ହୋଟେଲରେ ରହୁଥିବା ବେଳେ ବିଳାସପୂର୍ଣ୍ଣ କାରରେ ଯାତ୍ରା କରୁଥିଲେ। ଏବାବଦ ଖର୍ଚ୍ଚ କିଏ ବହନ କରୁଥିଲା, ତାହାର ଖୋଳତାଡ଼ କରଯାଉଛି। କାରଣ ଜ୍ୟୋତିଙ୍କର ଆୟ ଯାହା, ସେ ତୁଳନାରେ ତାଙ୍କର ଖର୍ଚ୍ଚ ଢେର ଅଧିକ ଥିଲା।

ଇତିମଧ୍ୟରେ ମିଳିଥିବା ଖବର ଅନୁଯାୟୀ ପାକିସ୍ତାନୀ ଏଜେଣ୍ଟମାନଙ୍କ ସହିତ ତାଙ୍କର ସଂପର୍କ ରହିଥିବା ନେଇ ସ୍ୱୀକାର କରିଛନ୍ତି ଜ୍ୟୋତି। ପୁଲିସକୁ ଜେରା ବେଳେ ସେ କହିଛନ୍ତି ଯେ ନୂଆଦିଲ୍ଲୀ ସ୍ଥିତ ପାକିସ୍ତାନ ହାଇକମିସନ ଅଫିସରେ ଦାନିସ ନାମକ ଜଣେ ଅଧିକାରୀ ସହ ତାଙ୍କର ସଂପର୍କ ଥିଲା। ପାକିସ୍ତାନ ଯିବା ଲାଗି ଭିସା ପାଇଁ ୨୦୨୩ରେ ସେ ପାକ୍ ହାଇକମିସନ ଅଫିସ ଯାଇଥିବା ବେଳେ ଦାନିସ ସହିତ ତାଙ୍କର ପରିଚୟ ହୋଇଥିଲା। (ସୂଚନାଯୋଗ୍ୟ ଯେ ପହଲଗାମ ଆକ୍ରମଣ ପରେ ଦାନିସକୁ ଭାରତ ସରକାର ଅବାଞ୍ଛିତ ବ୍ୟକ୍ତି ଘୋଷଣା କରିବା ସହିତ ଭାରତରୁ ବହିଷ୍କାର କରିଥିଲେ।) ପାକିସ୍ତାନ ଗସ୍ତରେ ଯାଇଥିବା ବେଳେ ସେଠାରେ ଦାନିସର ବନ୍ଧୁ ଅଲ୍ଲୀ ହାସନ ସହିତ ଜ୍ୟୋତିଙ୍କର ଦେଖା ହୋଇଥିଲା। ପାକିସ୍ତାନରେ ରହିବା ଓ ବୁଲିବା ଲାଗି ସବୁ ବ୍ୟବସ୍ଥା କରିଥିଲା ହାସନ। ଏହି ଅବସରରେ ହାସନ ଜ୍ୟୋତିଙ୍କୁ ପାକିସ୍ତାନୀ ଗୁଇନ୍ଦା ସଂସ୍ଥାର ଦୁଇ ଜଣ ଏଜେଣ୍ଟ ସାକିର ଓ ରାଣାଙ୍କ ସହିତ ପରିଚୟ କରାଇଥିଲା। ସେ ତାଙ୍କ ମୋବାଇଲରେ ସାକିର ନାମ ଜାଟ ରନ୍ଧାୱା ନାମରେ ସେଭ୍ କରିଥିଲେ। ଭାରତ ଫେରିଲା ପରେ ହ୍ୱାଟସ ଆପ୍, ସ୍ନାପଚାଟ୍ ଏବଂ ଟେଲିଗ୍ରାମ ଜରିଆରେ ପାକିସ୍ତାନୀ ଏଜେଣ୍ଟମାନଙ୍କ ସହିତ ସଂପର୍କ ରକ୍ଷା କରିଥିଲେ ଜ୍ୟୋତି।

'ଟ୍ରାଭେଲ ଉଇଥ୍ ଜୋ' ନାମରେ ୟୁଟ୍ୟୁବ ଚାନେଲ ଖୋଲିଥିବା ଜ୍ୟୋତି ପାକିସ୍ତାନୀ ଗୁଇନ୍ଦା ଏଜେଣ୍ଟ ଅଲ୍ଲୀ ହାସନ ସହିତ ସବୁଠାରୁ ବେଶି ଘନିଷ୍ଠ ଥିଲେ। ସୋମନଙ୍କ ମଧ୍ୟରେ ଘନିଷ୍ଠତା ଏତେ ବଢ଼ିଯାଇଥିଲା ଯେ ହାସନକୁ ବାହା ହେବା ଲାଗି ଜ୍ୟୋତି ବାକୁଳ ହୋଇପଡ଼ିଥିଲେ। ଥରେ ହ୍ୱାଟ୍ସ ଆପ୍‌ରେ ବିବାହ ପାଇଁ ସେ ହାସନକୁ ପ୍ରସ୍ତାବ ଦେଇଥିଲେ। ସେ ଲେଖିଥିଲେ, 'ମୋତେ ପାକିସ୍ତାନ ନେଇ ବିବାହ କର'। ଏହି ବାର୍ତ୍ତା ତାଙ୍କର ପାକିସ୍ତାନ ପ୍ରୀତିକୁ ଉଜାଗର କରୁଛି। କେବଳ ଏତିକି ନୁହେଁ, ସେମାନଙ୍କ ମଧ୍ୟରେ ଗୁପ୍ତ କୋଡ୍ ଜରିଆରେ ଅନେକ ତଥ୍ୟ ଆଦାନ ପ୍ରଦାନ ହୋଇଥିବାର ମଧ୍ୟ ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଜ୍ୟୋତିଙ୍କ ସମେତ ୧୨ରୁ ଅଧିକ ଲୋକଙ୍କୁ ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରୁଥିବା ଅଭିଯୋଗରେ ଗିରଫ କରାଗଲାଣି। ଉତ୍ତର ପ୍ରଦେଶ, ହରିଆଣା ଓ ପଞ୍ଜାବରୁ ଗିରଫ ହୋଇଥିବା ଏହି ଗୁପ୍ତଚରମାନଙ୍କ ମଧ୍ୟରେ ବ୍ୟବସାୟୀ, ଛାତ୍ର ଓ ସିକ୍ୟୁରିଟି ଗାର୍ଡ ମଧ୍ୟ ଅଛନ୍ତି।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଯାନବାହନ କିଣିବେ। ନିବେଶରୁ ଦୂରେଇ ରୁହନ୍ତୁ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ପର୍କ ସୁଦୃଢ଼ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରଯାତ୍ରାକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଆୟର ନୂଆ ଯୋଗ ଅଛି।

**ମୀନ:** ବନ୍ଧୁଙ୍କ ସହାୟତା ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ। ଅଫିସ୍ କାମ ପାଇଁ ଦୂରଯାତ୍ରା କରିପାରନ୍ତି। ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ।


**AFFIDAVIT**

I, Md Azaad, S/o. Md Qurban, resident of Baunsagali, P.O.- Buxibazar, P.S.- Darghabazar, Town/ Dist- Cuttack, Pin: 753001, Odisha decl- are by this affidavit No. 4170, Dtd: 09.05.2025 that now onwards I shall be known **MD AZAD** for all future purposes.

**SALE**

Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.

Contact

**GADHWAL GROUP**

**M.: 9437015112**

**NOTICE**

By virtue of an affidavit sworn before the Executive Magistrate, Bhubaneswar dated 20.05.2025 vide CF No. 87 dated 20.5.2025 I, Prakash Kumar Samantaray, S/o- Pratap Kumar Mukhi, permanent resident of Vill.- Bahadalpur, PO- Sarakantara, PS- Khandagiri, Bhubaneswar, Dist.- Khordha, Pin- 751019 declare that I have changed my son's name from PRIYANSHU MUKHI to **PRIYANSHU KUMAR SAMANTARAY** (new name). Henceforth, he shall be known as **PRIYANSHU KUMAR SAMANTARAY** for all purposes.

**NOTICE**

By virtue of an affidavit sworn before the Executive Magistrate, Udala, Mayurbhanj, dated 21.05.2025 I, Chandan Kumar Behera, Address Village- Surukuna, PO/PS-Khunta, Dist- Mayurbhanj, Odisha, Pin- 757019 declare that I have changed my Son's name from Pradunya Beher to Pradyumna Behera. Henceforth , he shall be known as Pradyumna Behera for all purposes.

**Chandan Kumar Behera**

**NOTICE**

By virtue of an affidavit No. 394, dated 20.05.2025 sworn before Sub Divisional Magistrate / Assistant Collector / Sub-Collector, Nabarangpur, I have changed my name from MUNIMA BHATRA to MANIMA BHATRA. Henceforth today onwards I shall be known as MANIMA BHATRA for all purposes.

**NOTICE**

By virtue of an affidavit sworn before the Executive Magistrate, Badasahi, Mayurbhanj, dated 21-05-2025 I, Ajit Kumar Barik, Address Village/Po- Manatri, PS-Baisinga, Dist- Mayurbhanj, Odisha, Pin- 757017 declare that I have changed my Son's name from Bishaprakash Barik to Biswaprakash Barik. Henceforth, he shall be known as Biswaprakash Barik for all purposes.

**Ajit Kumar Barik**

**NOTICE**

By virtue of an affidavit sworn before the Notary Public, Cuttack, dated 19.05.2025 I, Basanta Kumar Khatua, S/o. Niranjan Khatua, resident of At/PO- Pokhariapada, PS- Erasama, Dist- Jagatsinghpur, Odisha, Pin- 754138 have changed my daughter's name from Saina Smile Khatun to Saina Smile Khatua. Henceforth, she shall be known as Saina Smile Khatua for all purposes.

**Basanta Kumar Khatua**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, CF No: 28 dated 20/05/2025, I **BINOD BIHARI NAYAK**, S/o Nabaghana Nayak resident of Village At - Dutial, Po- Purusottampur, Ps- Kendrapara Sadar, Dist- Kendrapara, Odisha Pin- 754211 declare that I have changed my name from **Prafula Kumar Nayak to Binod Bihari Nayak**. Henceforth, she shall be known as **BINOD BIHARI NAYAK** for all purposes.

**Sd- Binod Bihari Nayak**

**AFFIDAVIT**

By virtue of an affidavit sworn before Executive Magistrate, Jharsuguda, dated 20.05.2025, I, Radharani Gupta, W/O - Sanjay Gupta, Address- Munga pada, P.o/P.s/District- Jharsuguda, Odisha, Pin- 768201 declare that I have changed my name from Sabnam Jahan to Radharani Gupta. Henceforth, I shall be known as Radharani Gupta for all purposes.

**Radharani Gupta**

**AFFIDAVIT**

I, Bhagyalaxmi Dash, aged about 50 years, W/o- Raja Kishor Dash, resident of At- Nabinabag, Pallahat, Ps- Khurda, Dist- Khordha, Odisha, Pin- 752055, do hereby declare by this affidavit No. 1031, dtd.16/05/2025, that now onwards I shall be known as **BHAGYALAXMI NANDA** for all future purposes.

**TPWODL**

ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା

**ବିଦ୍ୟୁତ୍ ନିରାପତ୍ତା ସମ୍ପର୍କିତ ସତର୍କ ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସମ୍ବଲପୁର ସହରକୁ ଉନ୍ନତ ମାନର ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଜେଲ୍ ପି.ଏସ୍.ଏସ୍. ଠାରୁ ଆରମ୍ଭ ହୋଇ ଜେଲ୍ ଛକ, ଆହାର କେନ୍ଦ୍ର, ଖାଓ ଗଲି, ଏଚ୍.ଏଲ୍.ଓ କଲୋନୀ, ନାରୀସେବାସଦନ, ପୀର ବାବା ଛକ, ଭିମାର୍ଟ ପର୍ଯ୍ୟନ୍ତ ତଥା ଅନ୍ୟ ଏକ ଭୂତଳ କେବୁଲ ଜେଲ୍ ସମ୍ମୁଖ ଦେଇ ଭୂତାପଡ଼ା ପର୍ଯ୍ୟନ୍ତ ନୂତନ ୧୧କେ.ଭି ଭୂତଳ କେବୁଲ (UGXLPE Cable) ବିଛାଯାଇ ଅଛି। ଏହି ନୂତନ ଭାବେ ନିର୍ମିତ ଭୂତଳ କେବୁଲର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଛି ଏବଂ ଏହା ଆସନ୍ତା ତା. ୨୩.୦୫.୨୦୨୫ ରିଖ ଦିନ ଯେକୌଣସି ମୁହୂର୍ତ୍ତରେ ଉକ୍ତ ତାରରେ ବିଦ୍ୟୁତ୍ ଶକ୍ତି ପ୍ରବାହିତ କରାଯିବ।

ସେହିପରି ୩୩ କେ.ଭି. ପ୍ରତିବନ୍ଧ ପି.ଏସ୍.ଏସ୍. ଠାରୁ ଜେଲ୍ ପି.ଏସ୍.ଏସ୍. ପର୍ଯ୍ୟନ୍ତ ଯାହା ଏନ୍.ଏସ୍.ସି ବି କଲେଜ ବାଡ ଦେଇ, କୁଲୁଡ୍ କାନି ସଂଲଗ୍ନ ରାସ୍ତା, ଚାରଭାଟି, ଦ୍ୱାରି ପେଟ୍ରୋଲ ପମ୍ପ ଦେଇ ଜେଲ୍ ଛକ ପର୍ଯ୍ୟନ୍ତ ତଥା ଅନ୍ୟ ଏକ ଭୂତଳ କେବୁଲର ଅଇଁଠାପାଲି ପି.ଏସ୍.ଏସ୍. ଠାରୁ ଜ୍ୟୋତି ମାର୍କେଟ, ଶାନ୍ତିନଗର, ମାତୃବିହାର, ଦେହୁରୀପାଲି, ଫାଟକ ପର୍ଯ୍ୟନ୍ତ ନୂତନ ୧୧ କେ.ଭି. ଭୂତଳ କେବୁଲ (UGXLPE Cable) ବିଛାଯାଇ କାର୍ଯ୍ୟକ୍ଷମ କରାଯାଇଛି।

ଏଣୁ ସର୍ବସାଧାରଙ୍କୁ ଅନୁରୋଧ ଯେ, ପ୍ରଚଳିତ କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରାଧିକରଣ (ସୁରକ୍ଷା ତଥା ବିଦ୍ୟୁତ୍ ଯୋଗାଣ ସମ୍ବନ୍ଧୀୟ ପଦକ୍ଷେପ) ବିନିୟମ, ୨୦୨୩ ଅନୁଯାଇ ଏହି ଲାଇନ୍ ଉପରେ କୌଣସି ବ୍ୟକ୍ତି ବିଶେଷଙ୍କ ଦ୍ୱାରା ବିନାଅନୁମତିରେ ଖୋଦନ/ ଖନନ/ ନିର୍ମାଣ କାର୍ଯ୍ୟ ଇତ୍ୟାଦି ସମ୍ପୂର୍ଣ୍ଣ ନିଷେଧ ଅଟେ। ଏହାଦ୍ୱାରା ଧନ ଜୀବନ ହାନୀର ଯଥେଷ୍ଟ ଆଶଙ୍କା ରହିଛି। ଏହି ସତର୍କ ସୂଚନା ସତ୍ତ୍ୱେ, କୌଣସି ଦୁର୍ଘଟଣା ଘଟିଲେ ସେଥିପାଇଁ ଟି.ପି.ଡବ୍ଲୁ.ଓ.ଡ଼ି.ଏଲ୍ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ସ୍ୱା/- ନିର୍ବାହୀ ଯନ୍ତ୍ରୀ**

**ସମ୍ବଲପୁର ପୂର୍ବ ବିଦ୍ୟୁତ୍ ମଣ୍ଡଳ, ଟି.ପି.ଡବ୍ଲୁ.ଓ.ଡ଼ି.ଏଲ୍**

**OFFICE OF THE PANCHAYAT SAMITI, BORIGUMMA**
**DISTRICT- KORAPUT**
**NOTICE INVITNING TENDER (NIT)**
**E-PROCUREMENT NOTICE NO-04/2025**
i-107

Sealed tenders are invited from Registered Contractors from State PWD/ M.I/ Irrigation/ Rural works for execution of Building etc. The details information of which are made available in the (www.tendersorissa.gov.in) website and also in Koraput Dist. Website i.e. http//www.koraput.nic.in.

The date and time of apply & receive of tender paper is from 24.05.2025 at 10.00Hrs to 05.06.2025 up to 17.30 Hrs through www.tendersorissa.gov.in website only.

Tender will be opened on 06.06.2025 at 11:00 Hrs onwards in the office of the Panchayat Samiti, Borigumma, Dist- Koraput.

OIPR-19033/11/0002/2526 -Sd- Block Development Officer, Borigumma

**ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ** — **ସୁନା ନିଲାମ ବିଜ୍ଞପ୍ତି**

ଆଞ୍ଚଳିକ କାର୍ଯ୍ୟାଳୟ: ଢେ଼ଙ୍କାନାଳ, ସା/ପୋ/ଜିଲ୍ଲା: ଢେ଼ଙ୍କାନାଳ, ପିନ୍-୭୫୯୦୦୧

ଏତଦ୍ୱାରା ଋଣଗ୍ରହୀତା, ସେମାନଙ୍କର ଉତ୍ତରାଧିକାରୀ ତଥା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ଜଣାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାନ୍ତି। ଯଦି ସେମାନେ ନିମ୍ନରେ ବର୍ଣ୍ଣିତ ବକେୟା ଋଣ ପରିଶୋଧର ଅନ୍ତିମ ତାରିଖ ସୁଦ୍ଧା ସେମାନଙ୍କର ବକେୟା ଋଣ ପରିଶୋଧ ନକରନ୍ତି, ତାହା ହେଲେ ନିମ୍ନଦର୍ଶିତ ତାରିଖମାନଙ୍କରେ ଆମ ବ୍ୟାଙ୍କ ଶାଖା ପରିସର / ଆଞ୍ଚଳିକ କାର୍ଯ୍ୟାଳୟରେ ସେମାନଙ୍କଦ୍ୱାରା ବନ୍ଧକଥିବା ସୁନା ଅଳଙ୍କାରକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେଇ ବକେୟା ଋଣ ଆଦାୟ କରିବ।

| କ୍ର. ନଂ. | ଋଣ ଆକାଉଣ୍ଟ ନଂ. | ସୁନା ଋଣଗ୍ରହୀତାଙ୍କ ନାମ ଓ ଠିକଣା | ମୋଟଓଜନ (ଗ୍ରାମରେ) |
|---|---|---|---|
| **ପିଙ୍ଗୁଆ ଶାଖା, ଜିଲ୍ଲା: ଢେ଼ଙ୍କାନାଳ (ନିଲାମ ତାରିଖ: ୨୯.୦୫.୨୦୨୫, ସମୟ: ପୂର୍ବାହ୍ନ ୧୧.୦୦ ଘଟିକା, ନିଲାମ ସ୍ଥାନ: ପିଙ୍ଗୁଆ ଶାଖା, ଜିଲ୍ଲା: ଢେ଼ଙ୍କାନାଳ), ବକେୟା ଋଣ ପରିଶୋଧର ଅନ୍ତିମ ତାରିଖ: ୨୮.୦୫.୨୦୨୫** | | | |
| ୧. | ୦୫୦୩୧୩୦୪୧୦୦୦୬୫୩ | **ଅଜୟ ପଲେଇ,** ପିତା: ସୁରେନ୍ଦ୍ର, ସା: ଦଶମାଣପାଟଣା, ପୋ: ପିଙ୍ଗୁଆ, ଜିଲ୍ଲା: ଢେ଼ଙ୍କାନାଳ, ପିନ୍-୭୫୯୦୧୬ | ୩୧.୩୫୦ |
| ୨. | ୦୫୦୩୧୩୦୪୧୦୦୦୮୮୫ | **ଇନ୍ଦୁମତୀ ମେହେନା,** ସ୍ୱାମୀ: ଉପେନ୍ଦ୍ର ମେହେନା, ସା: ମଣ୍ଡୁରୀପଡ଼ା, ପୋ: ପିଙ୍ଗୁଆ, ଜିଲ୍ଲା: ଢେ଼ଙ୍କାନାଳ, ପିନ୍-୭୫୯୦୧୬ | ୧୩.୫୮୦ |
| ୩. | ୦୫୦୩୧୩୦୪୧୦୦୦୮୮୬ | **ଅରୁଣ ପ୍ରଧାନ,** ପିତା: ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ସା: କରନ୍ଧା, ପୋ: ପିଙ୍ଗୁଆ, ଜିଲ୍ଲା: ଢେ଼ଙ୍କାନାଳ, ପିନ୍-୭୫୯୦୧୬ | ୯.୭୦୦ |
| **ଓଡ଼ାପଡ଼ା ଶାଖା, ଜିଲ୍ଲା: ଢେ଼ଙ୍କାନାଳ (ନିଲାମ ତାରିଖ: ୨୯.୦୫.୨୦୨୫, ସମୟ: ପୂର୍ବାହ୍ନ ୧୧.୦୦ ଘଟିକା, ନିଲାମ ସ୍ଥାନ: ଓଡ଼ାପଡ଼ା ଶାଖା, ଜିଲ୍ଲା: ଢେ଼ଙ୍କାନାଳ), ବକେୟା ଋଣ ପରିଶୋଧର ଅନ୍ତିମ ତାରିଖ: ୨୮.୦୫.୨୦୨୫** | | | |
| ୧. | ୦୫୬୨୧୩୦୪୧୦୦୧୦୩୦ | **ବିମଳା ନାୟକ,** ସ୍ୱାମୀ: ମଦନ ମୋହନ ନାୟକ, ସା: ନୂଆବାଙ୍ଗରସିଂହ, ପୋ: ହିନ୍ଦୋଳ ରୋଡ, ଜିଲ୍ଲା: ଢେ଼ଙ୍କାନାଳ | ୪୦.୫୦୦ |
| **ମୁଣ୍ଡାପଶି ଶାଖା, ଜିଲ୍ଲା: ଢେ଼ଙ୍କାନାଳ (ନିଲାମ ତାରିଖ: ୨୯.୦୫.୨୦୨୫, ସମୟ: ପୂର୍ବାହ୍ନ ୧୧.୦୦ ଘଟିକା, ନିଲାମ ସ୍ଥାନ: ମୁଣ୍ଡାପଶି ଶାଖା, ଜିଲ୍ଲା: ଢେ଼ଙ୍କାନାଳ), ବକେୟା ଋଣ ପରିଶୋଧର ଅନ୍ତିମ ତାରିଖ: ୨୮.୦୫.୨୦୨୫** | | | |
| ୧. | ୦୫୬୬୧୩୦୪୧୦୦୨୮୧୧ | **ବୈକୁଣ୍ଠ ସାହୁ,** ପିତା: ସତ୍ୟବାଦୀ ସାହୁ, ସା/ପୋ: ଜୟପୁରାକାଟେଣୀ, ଢେ଼ଙ୍କାନାଳ, ପିନ୍-୭୫୯୦୧୮ | ୩.୮୦୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ମାନି ନିଲାମରେ ଅଂଶଗ୍ରହଣ କରିପାରନ୍ତି।**

୧. ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର **୧ ଘଣ୍ଟା** ପୂର୍ବରୁ ନିଜର ପାନ୍ କାର୍ଡ ଏବଂ ଆଧାର କାର୍ଡର ଜେରକ୍ସ କପି ସହିତ **ଟ.୧୦,୦୦୦/- (ଦଶ ହଜାର ଟଙ୍କା ମାତ୍ର)** ଅମାନତ ଆକାରରେ ଜମା ଦେବାକୁ ହେବ।
୨. ଅମାନତ ଦାଖଲ ପରେ, ନିଲାମ ପାଇଁ ନିର୍ଦ୍ଧାରିତ ଅଳଙ୍କାର ଗୁଡିକୁ ନିଲାମ ସମୟର **୧ ଘଣ୍ଟା** ପୂର୍ବରୁ ନିଲାମ ଧରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ଯାଞ୍ଚ କରିପାରିବେ।
୩. ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ୨୫ ଭାଗ **ଆବଶ୍ୟକ କିଏସ୍‌ଟି ସହିତ** ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ଡାକର ଶତକଡା ୨୫ ଭାଗ ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪. ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫. ସର୍ବୋଚ୍ଚ ନିଲାମ ଡାକ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ବୈଧ ଘୋଷଣା ହେଲାପରେ ହିଁ ନିଲାମ ଡାକ ସିଦ୍ଧ ହେବ।
୬. ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୭. ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ବୃତାନ୍ତ ହେବା ସୂଚନା ପାଇବାର ୩ ଦିନ ମଧ୍ୟରେ ନିଲାମର ଅବଶିଷ୍ଟ ଶତକଡା ୭୫ ଭାଗ ଟଙ୍କା **ଆବଶ୍ୟକ କିଏସ୍‌ଟି ସହିତ** ଜମା କରିବାକୁ ବାଧ୍ୟ ହେବେ। ନଚେତ୍ ପୂର୍ବରୁ ଜମା କରିଥିବା ଅମାନତ ଟ.୧୦,୦୦୦/- ଏବଂ ଶତକଡା ୨୫ ଭାଗ ଅମାନତ ଟଙ୍କା ବାଜ୍ୟାପ୍ତି ହେବ।
୮. ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ / ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଶତକଡା ୨୫ ଭାଗ ଟଙ୍କା, ଅମାନତ ଟଙ୍କା ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୯. ନିଲାମରେ ରଖାଯାଇଥିବା ଅଳଙ୍କାର ଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ କୌଣସି ପ୍ରକାର ଦାୟୀ ହେବେ ନାହିଁ।
୧୦. ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ।

ସ୍ଥାନ: ଢେ଼ଙ୍କାନାଳ, ତାରିଖ: ୨୧.୦୫.୨୦୨୫ — ଆଞ୍ଚଳିକ ପ୍ରବନ୍ଧକ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ

+୨ ପରୀକ୍ଷା ଫଳ

# ଜିଲ୍ଲାର ସଫଳତା ହାର ୭୭.୯୨ ପ୍ରତିଶତ

କେନ୍ଦୁଝର, ୨୧।୫(ସମିସ)

ଚଳିତବର୍ଷ +୨ ବିଜ୍ଞାନ, ବାଣିଜ୍ୟ ଓ କଳା ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। କେନ୍ଦୁଝର ଜିଲ୍ଲାର ୧୪୦୬୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ। ସେଥିମଧ୍ୟରୁ ୧୩୮୧୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୨୩୨୩ ଜଣ ପ୍ରଥମ ଶ୍ରେଣୀରେ, ୨୧୮୨ ଜଣ ଦ୍ୱିତୀୟ ଶ୍ରେଣୀରେ ଏବଂ ୬୧୫୩ ଜଣ ତୃତୀୟ ଶ୍ରେଣୀରେ, ୧୦୯ କମ୍ପାଟମେଣ୍ଟାଲଙ୍କୁ ମିଶାଇ ମୋଟ ୧୦୭୬୭ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଜିଲ୍ଲାର ମୋଟ ସଫଳତା ହାର ୭୭.୯୨ ପ୍ରତିଶତ ରହିଛି। କେନ୍ଦୁଝର ଜିଲ୍ଲାର ବିଜ୍ଞାନରେ ୭୯.୧୮%, ବାଣିଜ୍ୟରେ ୭୭.୨୬% ଓ କଳାରେ ୭୭.୪୯% ସଫଳତା ହାର ରହିଛି।

ମିଳିଥିବା ସୂଚନା ଅନୁସାରେ, ୨୦୨୫ ମସିହାର +୨ ବିଜ୍ଞାନ ପରୀକ୍ଷାରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ୩୫୭୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୧୨୪୮ ଜଣ ପ୍ରଥମ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ୭୮୨ ଜଣ ଛାତ୍ରଛାତ୍ରୀ ୨ୟ ଶ୍ରେଣୀରେ, ୭୦୫ ଜଣ ତୃତୀୟ ଶ୍ରେଣୀରେ ପାସ

**ବିଜ୍ଞାନରେ ୭୯.୧୮%, ବାଣିଜ୍ୟରେ ୭୭.୨୬% କଳାରେ ୭୭.୪୯%**

କରିଥିବାବେଳେ ୯୯ ଜଣ କମ୍ପାଟମେଣ୍ଟାଲ ମାର୍କ ରଖିଥିବା ଜଣାପଡିଛି। ବିଜ୍ଞାନରେ ମୋଟ ପାସ ହାର ୭୯.୧୮% ରହିଥିବାବେଳେ ୨୮୩୪ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିବା ସୂଚନା ମିଳିଛି। ସେହିପରି ଚଳିତବର୍ଷର ଯୁକ୍ତ ୨ ବାଣିଜ୍ୟ ପରୀକ୍ଷାରେ ୮୭୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଏମାନଙ୍କ ମଧ୍ୟରୁ ୧୫୫ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୧୨୯ ଜଣ ୨ୟ ଶ୍ରେଣୀରେ, ୩୮୨ ଜଣ ତୃତୀୟ ଶ୍ରେଣୀରେ ପାସ କରିଥିବାବେଳେ ୭ ଜଣ କମ୍ପାର୍ଟମେଣ୍ଟାଲ ମାର୍କ ରଖିଛନ୍ତି। ବାଣିଜ୍ୟରେ ମୋଟ ପାସ ହାର ୭୭.୨୬% ରହିଥିବାବେଳେ ୬୭୩ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଅନ୍ୟପକ୍ଷରେ ଯୁକ୍ତ ୨ କଳାରେ ୯୩୬୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଏମାନଙ୍କ ମଧ୍ୟରୁ ୯୨୦ ଜଣ ପ୍ରଥମ ଶ୍ରେଣୀରେ, ୧୨୭୧ ଜଣ ଦ୍ୱିତୀୟ ଶ୍ରେଣୀରେ, ୫୦୬୬ ଜଣ ତୃତୀୟ ଶ୍ରେଣୀରେ ପାସ କରିଥିବାବେଳେ ୩ ଜଣ କମ୍ପାର୍ଟମେଣ୍ଟାଲ ମାର୍କ ରଖିଛନ୍ତି। କଳାରେ ମୋଟ ପାସ ହାର ୭୭.୪୯% ରହିଥିବାବେଳେ ୭୨୬୦ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଭୋକେସନାଲରେ ୨୯୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୨୧ ଜଣ ପ୍ରଥମ ଶ୍ରେଣୀରେ, ୧୩୧ ଜଣ ଦ୍ୱିତୀୟ ଶ୍ରେଣୀରେ, ୩୬ ଜଣ ତୃତୀୟ ଶ୍ରେଣୀରେ ପାସ କରିଥିବାବେଳେ ୩ଜଣ କମ୍ପାଟମେଣ୍ଟାଲ ନମ୍ବର ରଖିଛନ୍ତି। ଏଥିରେ ମୋଟ ପାସ ହାର ୬୫.୮୬% ରହିଥିବାବେଳେ ୧୯୧ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିବା +୨ ଆଞ୍ଚଳିକ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି।

## ସୀମାରାଣୀ ଓ ତାପିନା କନକ ମଞ୍ଜରୀ ମହାବିଦ୍ୟାଳୟ ଟପର

**ଆନନ୍ଦପୁର, ୨୧।୫ (ସମିସ):** ଆନନ୍ଦପୁରର ଶାଳପଡାସ୍ଥିତ କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟର ପ୍ରକାଶ ପାଇଥିବା +୨ ପରୀକ୍ଷା ଫଳ ଆଶାଜନକ ହୋଇଛି। କଳା ବିଭାଗ ଛାତ୍ରୀ ସୀମାରାଣୀ ଓଝା ୫୧୭ ନମ୍ବର ରଖି ମହାବିଦ୍ୟାଳୟର ଟପର ହୋଇଥିବା ବେଳେ ବିଜ୍ଞାନ ବିଭାଗ ଛାତ୍ରୀ ତାପିନା ଜେନା ୫୦୯ ନମ୍ବର ରଖି ଟପର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି।

## ହାଟଡ଼ିହୀ କଲେଜ ଯୁକ୍ତ ୨ ଫଳ

**ହାଟଡ଼ିହୀ,୨୧।୫(ସମିସ):** ହାଟଡ଼ିହୀ କଲେଜ କଳା ବିଭାଗର ପ୍ରଥମ ସ୍ଥାନରେ ୨୪ଜଣ, ଦ୍ୱିତୀୟ ସ୍ଥାନରେ ୨୪ଜଣ, ତୃତୀୟ ସ୍ଥାନରେ ୧୨୪ଜଣ ପାସ୍ କରିଛନ୍ତି। ତେବେ ସର୍ବାଧିକ ନମ୍ବର ରଖି କୃତୀ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ କଳା ବିଭାଗର ଅନିତା ରାଉତ ୫୦୭ ନମ୍ବର ରଖିଛନ୍ତି। ବାଣିଜ୍ୟ ବିଭାଗର କୌଶିକ ମିଶ୍ର ୪୭୪ନମ୍ବର ରଖିଥିବା ବେଳେ ବିଜ୍ଞାନ ବିଭାଗର ଶ୍ରୀମା ଦାସ ୩୭୦ ନମ୍ବର ରଖି କୃତିତ୍ୱ ଅର୍ଜନ କରିଛନ୍ତି। ଏହି କୃତୀ ଛାତ୍ରଛାତ୍ରୀଙ୍କୁ କଲେଜର ଅଧ୍ୟକ୍ଷ ଚିତ୍ତରଞ୍ଜନ ରାଉତଙ୍କ ସମେତ ଅନ୍ୟ ଅଧ୍ୟାପକ, ପ୍ରାଧ୍ୟାପକ ଏବଂ କର୍ମଚାରୀ ମାନେ ଶୁଭେଚ୍ଛା ଜଣାଇଛନ୍ତି। ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ବିଜେପି ନେତା ଆଲୋକ ସେଠୀ, ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାର ସେମାନଙ୍କ ଉତ୍ତୋରତ୍ତର କାମନା କରଛନ୍ତି।

## ପରମାନନ୍ଦ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସଫଳତା



**ଆନନ୍ଦପୁର, ୨୧।୫ (ସମିସ):** ଓଡ଼ିଶା ଉଚ୍ଚମାଧ୍ୟମିକ ପରିଷଦ ଦ୍ୱାରା ପରିଚାଳିତ +୨ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ ପାଇଛି। ଆନନ୍ଦପୁରର ପରମାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାସ ହାର ଶତ ପ୍ରତିଶତ ରହିଛି। ଏହି ବିଦ୍ୟାଳୟ ଲଗାତାର ଅଷ୍ଟମ ଥର ପାଇଁ ଶତ ପ୍ରତିଶତ ସଫଳତା ହାସଲ କରିଛି। ଚଳିତ ବର୍ଷ ମୋଟ ୫୨ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୮ ଜଣ ପ୍ରଥମ ଶ୍ରେଣୀ ଓ ୪ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ରଶ୍ମିତା ପଣ୍ଡିତ ୫୪୬ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ରୁଦ୍ରପ୍ରସାଦ ବେହେରା ୫୪୫ ନମ୍ବର ରଖି ଦ୍ୱିତୀୟ ସ୍ଥାନ କରିଛନ୍ତି। ଶତକଡା ୯୦ ଭାଗରୁ ଅଧିକ ୨ ଜଣ ଛାତ୍ରଛାତ୍ରୀ ରଖିଥିବା ସ୍ଥଳେ ଶତକଡା ୮୦ରୁ ୯୦ ମଧ୍ୟରେ ୧୫ ଜଣ ଛାତ୍ରଛାତ୍ରୀ ରହିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷା ଦୀପିକା ପରିଡା, ଅଧ୍ୟାପିକା ପ୍ରକାଶିନୀ ସାହୁ, ଧରିତ୍ରୀ ବେହେରା, ମମତା ସାହୁ ଓ ଅଧ୍ୟାପକ ପ୍ରବୀଣ ପଟ୍ଟନାୟକ, ଜଗଦୀଶ ବାରିକ, ଶିବଜ୍ୟୋତି ଆରୁକ, ଦେବବ୍ରତ ଓଝା, ହୃଷୀକେଶ ସାହୁ ପ୍ରମୁଖ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ନିର୍ଦ୍ଦେଶିକା ଲକ୍ଷ୍ମୀପ୍ରିୟା ସାହୁ ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଦୁଷ୍କର୍ମ ଅଭିଯୁକ୍ତ ଗିରଫ

**କେନ୍ଦୁଝର,୨୧।୫(ସମିସ):** ଜଣେ ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗରେ କେନ୍ଦୁଝର ସଦର ଥାନା ଅନ୍ତର୍ଗତ ପଳାସପଙ୍ଗା ଫାଣ୍ଡି ପୁଲିସ ଅଭିଯୁକ୍ତ ବାମେବାରୀ ଥାନା କୁଟୁଗାଁ ଗ୍ରାମର ଦୁଷ୍ମନ୍ତ ବେହେରା(୨୧)କୁ ଗିରଫ କରିଛି। ଜଣେ ୨୦ବର୍ଷିୟା ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ରଖି ଦୁଷ୍କର୍ମ ଅଭିଯୋଗରେ ପୀଡିତା ଓ ଅଭିଯୁକ୍ତର ଡାକ୍ତରୀ ମାଇନା ପରେ ଦୁଷ୍ମନ୍ତକୁ କୋର୍ଟ ଚାଲାଣ କରାଯାଇଛି। ପଳାସପଙ୍ଗା ଫାଣ୍ଡି ଏସ୍ଆଇ ସୂର୍ଯ୍ୟନାରାୟଣ ରାଉତରାୟ ୧୪୮/୨୫ରେ ଏକ ଦୁଷ୍କର୍ମ ମାମଲା ରୁଜୁକରି ତଦନ୍ତ କରିଥିଲେ।

## ଦମ୍ପତିଙ୍କ କଳହରେ ସ୍ୱାମୀଙ୍କ ମୃତ୍ୟୁ; ପୁଲିସ୍ ତଦନ୍ତ ଆରମ୍ଭ

**ଯୋଡା,୨୧।୫(ସମିସ):** ଯୋଡା ସହରସ୍ଥିତ ୯ ନଂ ୱାର୍ଡ ହୁଡ଼ିସାହିରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳହ ହୋଇ ସ୍ୱାମୀଙ୍କ ମୃତ୍ୟୁ ଘଟଣାର ପୁଲିସ ତଦନ୍ତ ଆରମ୍ଭ କରିଛି। ଉକ୍ତ ସାହିର ସିଲେଇ ମୁଣ୍ଡା ଓ ତାଙ୍କ ସ୍ତ୍ରୀ ମଞ୍ଜୁ ମୁଣ୍ଡାଙ୍କ ମଧ୍ୟରେ ଗତ ସୋମବାର କଳହ ହୋଇଥିଲା। ପରେ ସ୍ୱାମୀ ସିଲେଇ ମୁଣ୍ଡାଙ୍କୁ କେନ୍ଦୁଝର ଡାକ୍ତରଖାନାରେ ବୁଧବାର ପୂର୍ବାହ୍ନ ସମୟରେ ମୃତ ଘୋଷଣା କରାଯାଇଛି। ତାଙ୍କ ମୃତ୍ୟୁ ପରେ ଯୋଡା ପୁଲିସ ଘଟଣାର ଅନୁସନ୍ଧାନ ଆରମ୍ଭ କରିଛି। ସିଲେଇ ମୁଣ୍ଡାଙ୍କ କାନ ମୂଳ ନିକଟରେ ଆଘାତ ଲାଗିଥିବାରୁ ତାଙ୍କର ଗୁରୁତର ଅବସ୍ଥାରେ ବିଭିନ୍ନ ଡାକ୍ତରଖାନା ଏବଂ ପରେ କେନ୍ଦୁଝର ନିଆଯାଇ ଚିକିତ୍ସା କରାଯାଉଥିବା ବେଳେ ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରେ ବଡ଼ବିଲ ତହସିଲଦାର, ଯୋଡା ଥାନାଧିକାରୀ ପହଞ୍ଚି ତଦନ୍ତ କରିଛନ୍ତି।

## ଟ୍ରକ୍ ମାଲିକ ସଙ୍ଘର ଆନ୍ଦୋଳନ ପ୍ରତ୍ୟାହୃତ

**ଡୁରୁମୁଙ୍ଗା, ୨୧।୫(ସମିସ):** କେନ୍ଦୁଝର ଜିଲ୍ଲା ସୁଆକାଠି ଓଏମସି ଖଣିରୁ ଲୁହାପଥର ପରିବହନ କରୁଥିବା କନକ ଟ୍ରାନ୍ସପୋର୍ଟର ମନମୁଖୀ କାର୍ଯ୍ୟକୁ ନେଇ ଦୁଇ ଦିନ ହେଲା ଆନ୍ଦୋଳନର ସମାଧାନ ହୋଇଥିବା ଜଣାପଡ଼ିଛି। କେନ୍ଦୁଝର ଟ୍ରକ୍ ମାଲିକ ସଂଘର ଆହ୍ୱାନରେ ଏହି ଆନ୍ଦୋଳନ ଦ୍ୱାରା ଖଣିଜ ପରିବହନ ପ୍ରଭାବିତ ହୋଇଥିଲା ବେଳେ ଶତାଧିକ ଟ୍ରକ୍ ରାସ୍ତାକଡ଼ରେ ଲାଇନ୍ ହୋଇ ଛିଡ଼ା ହୋଇଥିଲା। ଗତ ୧୩ ତାରିଖରେ ଓଏମ୍‌ସି ଗନ୍ଧମାର୍ଦ୍ଦନ ଖଣିରୁ ପରିବହନ ହୋଇଥିବା ସାମଗ୍ରୀ କମ ପଡ଼ିଥିବାରୁ ଏଥିରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବୁଧବାର ସନ୍ଧ୍ୟାରେ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଉଭୟ ପକ୍ଷରୁ ପ୍ରତିନିଧିମଣ୍ଡଳୀ ଏକ ବୈଠକ କରି ବିବାଦର ସମାଧାନ କରିଥିବା ଜଣାପଡ଼ିଛି। ଫଳରେ ଟ୍ରକ୍ ଚଳାଚଳ ଓ ସାମଗ୍ରୀ ପରିବହନ ସ୍ୱାଭାବିକ ହୋଇଥିବା କୁହାଯାଇଛି।

## ବିଦ୍ୟୁତ୍ କାଟ୍‌ରେ ଲୋକେ ଅତିଷ୍ଠ

**ଆନନ୍ଦପୁର, ୨୧।୫ (ସମିସ):** ଆନନ୍ଦପୁର ଉପଖଣ୍ଡରେ ଘୋଷିତ ଏବଂ ଅଘୋଷିତ ବିଦ୍ୟୁତ କାଟ ଅତିଷ୍ଠ କଲାଣି। ଗ୍ରୀଡରେ ମେଣ୍ଟେନାନ୍ସ ପାଇଁ ଘୋଷିତ ବିଦ୍ୟୁତ କାଟ ହେଉଥିବା ବେଳେ ପ୍ରତିଦିନ ବାରମ୍ବାର ଅଘୋଷିତ ବିଦ୍ୟୁ କାଟ ଲୋକଙ୍କୁ ଅସହ୍ୟ କରୁଛି। ଚଳିତ ମାସ ୭ ତାରିଖରୁ ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳିରେ ଲୋକେ ଡହଳ ବିକଳ ହେଉଥିବା ବେଳେ ବିଦ୍ୟୁତ ବିଭାଗ ପକ୍ଷରୁ ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ବିଦ୍ୟୁତ କାଟ ନେଇ ବିଭାଗୀୟ ଅଧିକାରୀଙ୍କୁ ଉପୋଭକ୍ତାମାନେ ଫୋନ କଲେ ସନ୍ତୋଷଜନକ ଉତ୍ତର ମିଳୁନାହିଁ। ସେହିପରି ପ୍ରଚଣ୍ଡ ରୌଦ୍ରତାପ ଏବଂ ଅସହ୍ୟ ଗୁଳୁଗୁଳି ଯୋଗୁଁ ବୃଦ୍ଧବୃଦ୍ଧା, ରୋଗୀ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ରାଜ୍ୟ ସରକାର ଖରାଦିନରେ ବିଦ୍ୟୁତ କାଟ ହେବନାହିଁ ଘୋଷଣା କରି ବିଭାଗକୁ ନିର୍ଦ୍ଦେଶ ଦେଇଥିବା ବେଳେ, ଆନନ୍ଦପୁର ଉପଖଣ୍ଡରେ ବିଦ୍ୟୁତ ବିଭାଗ ଏହାକୁ କାର୍ଯ୍ୟକାରୀ କରାଇବାରେ ବିଫଳ ହେଉଛି।

## ନୂତନ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ସୋସୋ, ୨୧।୫(ସମିସ):** ହାଟଡିହି ବ୍ଲକରେ ନୂତନ ଶିକ୍ଷା ଅଧିକାରୀ ଭାବେ ରାଜୀବ ଦଳେଇ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ସେ ନୟାଗଡ଼ ଜିଲ୍ଲା ଗଡବାଣିକିଲୋ ହାଇସ୍କୁଲର ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ପୂର୍ବରୁ ଆନନ୍ଦପୁର ବିଏନ ହାଇସ୍କୁଲ ପ୍ରଧାନଶିକ୍ଷକ ଓକାର ଅନ୍ୱେଷ ଭାରପ୍ରାପ୍ତ ବିଇଓ ଏଠାରେ ଥିବା ବେଳେ ନୂଆ ବିଇଓ ଶ୍ରୀ ଦଳେଇ କାର୍ଯ୍ୟରେ ଯୋଗ ଦେଲ ପରେ ତାଙ୍କୁ ଏବିଇଓ ପ୍ରମୋଦ ନାୟକ, ବରିଷ୍ଠ କିରାଣି ଶିଶିର ଜେନା, ପ୍ରସନ୍ନ ବେହେରା, ସବ୍ୟସାଚୀ ସା, ସଞ୍ଜୟ ସାହୁ, ସୁଶାନ୍ତ ସାହୁ, ଗଜେନ୍ଦ୍ରନାଥ ମହାପାତ୍ର, ସଂଗ୍ରାମ ନାୟକ, ବ୍ରଜକିଶୋର ସେଠୀ, ଗୀତାଞ୍ଜଳି ଦାସ, ରଶ୍ମିପ୍ରିୟା ମହାନ୍ତି, ସିଆରସିସି ଦେବାଶିଷ ବାରିକ, ବରିଷ୍ଠ ଶିକ୍ଷକ ପ୍ରଫୁଲ୍ଲ ଜେନା, ଟିସି କାମେଶ୍ୱର ସାହୁ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନରେ ସମସ୍ତ ସିଆରସିସି ଉପସ୍ଥିତ ତାଙ୍କୁ ସ୍ୱାଗତ କରିଥିଲା ବେଳେ ହାଟଡିହି ଏନପିଏସ ପ୍ରାଥମିକ ଶିକ୍ଷା ସଂଘ ପକ୍ଷରୁ ଆବାହକ ରାଜକିଶୋର ସ୍ୱାଇଁଙ୍କ ନେତୃତ୍ୱରେ ଶିକ୍ଷକବୃନ୍ଦ ଏହି ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସାମିଲ ହୋଇ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ।

## +୨ ପରୀକ୍ଷାରେ 'କ୍ଲାସେସ'ର କୃତିତ୍ୱ

**ଆନନ୍ଦପୁର, ୨୧।୫ (ସମିସ):** ଆନନ୍ଦପୁର ସିନେମା ହଲ ଛକସ୍ଥିତ କ୍ଲାସେସ ଅନୁଷ୍ଠାନ ସଦ୍ୟ ପ୍ରକାଶିତ ଯୁକ୍ତ ୨ ପରୀକ୍ଷାରେ ସଫଳତା ହାସଲ କରିଥିବା ବେଳେ ବିଜ୍ଞାନ ଛାତ୍ର ଚିନ୍ମୟ ସାହୁ ୮୦%, ରାଜା ରହମତ ମଢେଇ ୭୫%, ରୋଶନ ଜେନା ୭୦%, ମଣ୍ଟୁ ଗିରି ସୁଜିତ ସଏ ଏବଂ କଳା ଛାତ୍ର ସଂପୂର୍ଣ୍ଣା ସାହୁ ୭୫%, ମିହିର ପେରେଇ ୭୦%, ଶୁଭମ ବିଶ୍ୱାଳ ୫୯% ରଖି ଅନୁଷ୍ଠାନର ଗୌରବକୁ ବୃଦ୍ଧି କରିଛନ୍ତି। ସମସ୍ତ ଛାତ୍ରଛାତ୍ରୀ ଆଶାଜନକ ସଫଳତା ପାଇଥିବାରୁ ଏହି ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ କୃତିତ୍ୱକୁ ନେଇ ଶିକ୍ଷକ ମଳୟ ରଞ୍ଜନ ଜେନା, ଦେବାଶିଷ ବିନ୍ଧାଣି, ଅନାଦି ଚରଣ ଜେନା, ଶେଷରଶ୍ମି ନାୟକ, ତପସ୍ୱିନୀ ପାତ୍ର ପ୍ରମୁଖ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ୫ ଘର ଭାଙ୍ଗିଲେ ହାତୀପଲ

**ଡୁରୁମୁଙ୍ଗା, ୨୧।୫(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜରେ ୨୪ ଟିକିଆ ହାତୀପଲଙ୍କ ଉପଦ୍ରବ ଜାରି ରହିଛି। ହାତୀପଲ ଅଞ୍ଚଳରେ ଆତଙ୍କ ଖେଳାଇ ଧାନ ଚାଷ ନଷ୍ଟ କରିବା ସହ ମଙ୍ଗଳବାର ବିଳମ୍ବିତ ରାତିରେ ମଲ୍ଲୀପଶି ବିଟ୍ ଦକ୍ଷିଣପଶି ଓ ରାମଚନ୍ଦ୍ରପୁର ଗ୍ରାମର ୫ଟି ଘର ଭାଙ୍ଗି ଘର ଭିତରୁ ଧାନ ଓ ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। ଦକ୍ଷିଣପଶିର ପୁରୁଷୋତ୍ତମ ମହାନ୍ତଙ୍କ ଗୋଟିଏ ଘର ରାମଚନ୍ଦ୍ରପୁର ଗ୍ରାମର ଶୁକ୍ରମୁନି ମୁଣ୍ଡା, ଜୁରିଆ ମୁଣ୍ଡା, ମୂଷାଖରୀ ଗ୍ରାମର ଅଖିଳ ସରଡ଼ିଆ ଏବଂ କାଶିଆସାହିର ଗୀତା ମୁଣ୍ଡାଙ୍କ ଘର ଭାଙ୍ଗି ଦେଇଛନ୍ତି। ଏବେ ହାତୀପଲ ପାଟଣା ରେଞ୍ଜ ଅଟେଇ ସଂରକ୍ଷିତ ଜଙ୍ଗଲରେ ଡେରା ପକାଇଛନ୍ତି। ବନ ବିଭାଗ ହାତୀପଲଙ୍କ ଗତିବିଧି ଉପରେ ନଜର ରଖିଛି।



## ଅଭିଯୋଗ ରଖିଲାନି ପୁଲିସ; ମହିଳା କୋର୍ଟର ଦ୍ୱାରସ୍ଥ



**ସୋସୋ, ୨୧।୫(ସମିସ):** ହାଟଡିହି ବ୍ଲକର ନନ୍ଦିପଦା ଥାନା ମନୋହରପୁର ଗ୍ରାମର ସାରଙ୍ଗ ମୁଖିଙ୍କ ପତ୍ନୀ ସୁନିତା ମୁଖି ନନ୍ଦିପଦା ଥାନାକୁ ଅଭିଯୋଗ କରିବାକୁ ଆସିଥିବାବେଳେ ତାଙ୍କ ଅଭିଯୋଗକୁ ରଖା ନଯାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଅପେକ୍ଷା କରାଯାଇଥିଲା। ଏହାପରେ ସେ କୋର୍ଟରେ ଆଶ୍ରୟ ନେଇଛନ୍ତି। ସୁନିତାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଝିଅ ମାମନ ଘର ଆଗରେ ବସିଥିବାବେଳେ ସେହି ଗ୍ରାମର ଶଙ୍କର ମୁଖି ମଦ୍ୟପାନ କରି ଗାଳିଗୁଲଜ କର ଟଣାଟଣି କରିଥିଲା। ସେ ଚିତ୍କାର କରିବାରୁ ସେଠାରେ କିଛି ଲୋକ ଠେଲାପେଲା କରି ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ତାଙ୍କ ସ୍ୱାମୀଙ୍କୁ ମଧ୍ୟ ହତ୍ୟା ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଏହାର କୌଣସି ସମାଧାନ ନହେବାରୁ ଗତ ୨୫।୪।୨୦୨୫ରେ ନନ୍ଦିପଦା ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ। ତାଙ୍କୁ ସକାଳୁ ବସାଇ ରାତି ୧୦ଟାରେ ମକଦ୍ଦମା ରୁଜୁ ହୋଇପାରିବ ନାହିଁ କହି ନିର୍ଯାତନା ଦେବା ସହ ଫେରାଇ ଦିଆଯାଇଥିଲା। ଏହାପରେ ବାଧହୋଇ ସୁନିତା ଜେଏମଏଫସି କୋର୍ଟରେ ନ୍ୟାୟ ପାଇଁ ଆଶ୍ରୟ ନେଇଛନ୍ତି।

## ୨ ଶହ ନୂତନ ଅଧିକାରୀଙ୍କୁ ରାସନ୍ କାର୍ଡ ବଣ୍ଟନ



**ଡୁରୁମୁଙ୍ଗା, ୨୧।୫(ସମିସ):** ପାଟଣା ବ୍ଲକ ସଭାଗୃହରେ ୨ଶହ ନୂତନ ହିତାଧିକାରୀଙ୍କୁ ବିଧାୟକ ଅଖିଳଚନ୍ଦ୍ର ନାୟକ ରାସନ୍ କାର୍ଡ ବଣ୍ଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାୟକ ମୁଖ୍ୟଅତିଥି ଭାବେଯୋଗ ଦେଇ ହିତାଧିକାରୀଙ୍କୁ ରାସନ କାର୍ଡ ବଣ୍ଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ପାଟଣା ବ୍ଲକ ଅଧ୍ୟକ୍ଷା ବୀଣାପାଣି ନାୟକ, ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ପାଟଣା ବିଧାୟକଙ୍କ ପ୍ରତିନିଧି କମଳାକାନ୍ତ ଦାଶ, ବିଜେପି ରାଧାକାନ୍ତ ମହାନ୍ତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାୟକ, ଜିପିଡିଓ ରଶ୍ମିରେଖା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଯୋଗାଣ ଅଧିକାରୀ ସୁନିତା ମାର୍ଣ୍ଡି ସଂଯୋଜନା କରିଥିଲେ।



ଓବିସି, ଏସସି-ଏସଟିଙ୍କୁ ସଂଖ୍ୟାନୁପାତିକ ସଂରକ୍ଷଣ ଦାବିରେ ବିଜୁ ଜନତା ଦଳ ପକ୍ଷରୁ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀଙ୍କ ସହ ବିଜୁ ଜନତା ଦଳର ତୁଙ୍ଗ ନେତୃମଣ୍ଡଳୀ ଭୁବନେଶ୍ୱର ରାଜଭବନ ଅଭିମୁଖେ ଦାବିପତ୍ର ଦେବା ପାଇଁ ଯାଉଛନ୍ତି।

## ବୋମା ଫିଙ୍ଗି ମଦ ଦୋକାନ କର୍ମଚାରୀଠାରୁ ଲୁଟିଲେ ୨ ଲକ୍ଷ ୫ ହଜାର

**ଚମ୍ପୁଆ,୨୧।୫(ସମିସ):** ଚମ୍ପୁଆ ଥାନା ଅନ୍ତର୍ଗତ କରଂଜିଆଠାରେ ଥିବା ବିଦେଶୀ ମଦ ଦୋକାନର କର୍ମଚାରୀ ଦୋକାନ ବନ୍ଦ କରି ମାଲିକ ଘରକୁ ଯାଉଥିବା ବେଳେ ସରେଇ ଆମ୍ବ ବଗିଚା ନିକଟରେ ଦୁର୍ବୃତ୍ତମାନେ ବୋମା ଫୁଟାଇ ଭୟଭୀତ କରିବା ସହିତ ସ୍କୁଟି ଡିକିରେ ଥିବା ୨ଲକ୍ଷ ୫ହଜାର ଟଙ୍କା ଲୁଟି ନେଇଛନ୍ତି। ଏନେଇ ଦୋକାନୀ ଚମ୍ପୁଆ ଥାନାରେ ଅଭିଯୋଗ କରିଛନ୍ତି। କରଞ୍ଜିଆଠାରେ ଥିବା ମଦ ଦୋକାନର କର୍ମଚାରୀ ଦିନେଶ ପ୍ରସାଦ ଓ ଅଶ୍ୱିନୀ କର ରାତି ୧୦ଟା ସମୟରେ ଦୋକାନ ବନ୍ଦ କରିବା ସହିତ ବିକ୍ରି ଅର୍ଥ ୨ ଲକ୍ଷ ୫ ହଜାର ଟଙ୍କା ମାଲିକ ଘରକୁ ନେଉଥିଲେ। ଘରଠାରୁ ଅଳ୍ପ ଦୂରରେ ଥିବା ସରେଇ ଆମ୍ବ ବଗିଚା ନିକଟରେ ଥିବା ପଛରୁ ଆସୁଥିବା ଦୁର୍ବୃତ୍ତମାନେ ଗାଡ଼ି ଆଟକାଇବା ସହିତ ୨ଟି ବୋମା ଫିଙ୍ଗି କର୍ମଚାରୀଙ୍କୁ ଭୟଭୀତ କରି ତାଙ୍କଠାରୁ ଅର୍ଥ ଲୁଟିନେଇଥିଲେ। ଚମ୍ପୁଆ ପୁଲିସ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ବାଲିପାଳ-ମଙ୍ଗଳପୁର-କାଠପାଳରେ ଜଳଯୋଗାଣ ବନ୍ଦ



**ଆନନ୍ଦପୁର, ୨୧।୫ (ସମିସ):** ଗ୍ରୀଷ୍ମପ୍ରବାହଜନିତ ବର୍ତ୍ତମାନ ଅସହ୍ୟ ଗୁଳୁଗୁଳିରେ ଜନଜୀବନ ଛଟପଟ ହେଉଥିବା ବେଳେ ପାନୀୟଜଳ ସମସ୍ୟା ଏହାକୁ ବଳି ଗଲାଣି। ମୋଟର ଖରାପ ଯୋଗୁଁ ଜଳଯୋଗାଣ ହୋଇପାରୁନାହିଁ ହେଲେ ବିକଳ୍ପ ସ୍ୱରୂପ ସେଠାରେ ଥିବା ବୋରୱେଲକୁ କାର୍ଯ୍ୟକ୍ଷମ କରାଯାଉ ନଥିବାରୁ ଚିନ୍ତାର କାରଣ ହୋଇଛି। ସୂଚନା ଅନୁସାରେ, ଆଜିକୁ ସପ୍ତାହେ ହେବ ଏପରି ସମସ୍ୟା ଲାଗିରହିଛି ଘସିପୁରା ବ୍ଲକ୍ ଦରଡ଼ିପାଳ ପଞ୍ଚାୟତର ତିନିଟି ଗ୍ରାମରେ। ଲୋକେ ପିଇବା ପାଣି ପାଇଁ ଡହଳବିକଳ ହେଉଥିଲେ ମଧ୍ୟ ବିଭାଗର ଦୃଷ୍ଟି ପଡୁନାହିଁ। ମଙ୍ଗଳପୁର ତୋଟା ନିକଟରେ ନିର୍ମାଣ ହୋଇଥିବା ପାନୀୟଜଳ ପ୍ରକଳ୍ପରୁ ଘସିପୁରା ବ୍ଲକ୍ ଦରଡ଼ିପାଳ ପଞ୍ଚାୟତର ବାଲିପାଳ, ମଙ୍ଗଳପୁର, କାଠପାଳ ଗ୍ରାମକୁ ଜଳଯୋଗାଣ ହୋଇଥାଏ। ତିନିଟି ଗ୍ରାମରେ ୫୦ରୁ ଅଧିକ ଷ୍ଟାଣ୍ଡପୋଷ୍ଟ ନିର୍ମାଣ କରାଯାଇ ଲୋକଙ୍କୁ ପିଇବାପାଣି ଯୋଗାଇ ଦିଆଯାଉଥିଲା। ସପ୍ତାହେ ହେବ ପାଇପ୍‌ରେ ପାଣି ଆସୁ ନଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୁରୁଣା ନଳକୂପରୁ ବହୁ କଷ୍ଟରେ ପାଣି ସଂଗ୍ରହ କରୁଛନ୍ତି। ଏନେଇ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନଥିବା ଗ୍ରାମବାସୀ କହିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଜଳଯୋଗାଣ ବ୍ୟବସ୍ଥା କରିବାକୁ ଦାବି ହେଉଛି।

# କବି ସମ୍ମିଳନୀ ଓ ପ୍ରତିଭା ସମ୍ମାନ ସମାରୋହ

ରାମଚନ୍ଦ୍ରପୁର,୨୧।୫(ସମିସ)



କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ଅଳତି ପଞ୍ଚାୟତର ନିର୍ବିବାଦୀୟ ନେତା ତଥା ପୂର୍ବତନ ସରପଞ୍ଚ ସ୍ୱର୍ଗତ ଗୌରାଙ୍ଗ ଚରଣ ବରାଳଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ତାଙ୍କ ଅଳତି ବାସଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହେବା ସହ କବି ସମ୍ମିଳନୀ ଏବଂ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ସଂସଦ ସଭାପତି ଘନଶ୍ୟାମ ବୋଇତେଇ ଏବଂ ସମ୍ପାଦକ ଡ. ରତିକାନ୍ତ ବରାଳଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମି ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ଡ. ରାମଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ରମାକାନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ଇଂ ସୁବାସ ସାହୁ, ସାହିତ୍ୟିକ ରତ୍ନାକର ଦାସ, ବାବୁଲାଲ୍ ପଲେଇ ସମେତ କେନ୍ଦୁଝର, ଯାଜପୁର, ଭଦ୍ରକ ଏବଂ ଆନନ୍ଦପୁର ଉପଖଣ୍ଡର ବିଶିଷ୍ଟ କବି ତଥା ସାହିତ୍ୟିକ ଯୋଗ ଦେଇଥିଲେ। ଆନନ୍ଦପୁର ଉପଖଣ୍ଡର ବିଶିଷ୍ଟ ସାହିତ୍ୟିକ ମଙ୍ଗୁଳି ପୃଷ୍ଟି, କିର୍ତ୍ତନ ସାହୁ, ନିତ୍ୟାନନ୍ଦ ବେହେରା ଏବଂ ଚଳିତ ବର୍ଷ ମାଟ୍ରିକ ପରିକ୍ଷାରେ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ଡିଏନ ବିଦ୍ୟାପୀଠ ଅଳତିର ଅଂଶୁମାନ ସାହୁ, ରାମଚନ୍ଦ୍ରପୁର ଏଲଏନ ହାଇସ୍କୁଲର ସାଇପ୍ରଭା ସ୍ୱାଇଁ, ଗଁପୁର ହାଇସ୍କୁଲର ସ୍ମରଣିକା ନାୟକ ଏବଂ ସିବିଏସସି ଦ୍ୱାଦଶ ଶ୍ରେଣୀରେ ୯୮.୨ ଶତକଡା ନମ୍ବର ରଖିଥିବା ଅଳତିର ସ୍ୱୟଂନିର୍ଲିପ୍ତା ସାହୁ ଏବଂ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀ ବ୍ୟକ୍ତିବିଶେଷଙ୍କୁ ଗୌରାଙ୍ଗ ବରାଳ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ବିଷ୍ଣୁନାରାୟଣ ସାମଲ ମଞ୍ଚ ପରିଚାଳନା କରିଥିଲେ। ସାହିତ୍ୟିକ ତଥା ସଂସ୍କୃତି ଗବେଷକ ହଳଧର ପଣ୍ଡା, ସୋମନାଥ ସ୍ୱାଇଁ, ସମାଜସେବୀ ପ୍ରସନ୍ନ ନାୟକ ସହଯୋଗ କରିଥିଲେ। ସ୍ୱର୍ଗତ ଗୌରାଙ୍ଗ ବରାଳଙ୍କ ସ୍ମୃତି ସଂସଦ ପକ୍ଷରୁ ନିମନ୍ତ୍ରିତ ସମସ୍ତ ଅତିଥି ତଥା କବିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଜିତେନ୍ଦ୍ର ଓଝା ଧନ୍ୟବାଦ ଦେଇଥିଲେ।

# ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳିତ



ଜଗତସିଂହପୁର,୨୧।୫(ସମିସ): ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳନ କରାଯାଇଛି। ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ରାଜୀବ ଗାନ୍ଧୀଙ୍କ ତୈଳଚିତ୍ରରେ ଏବଂ ସ୍ଥାନୀୟ ଚର୍ଚ୍ଚିକା ବଜାରସ୍ଥିତ ରାଜୀବ ଗାନ୍ଧୀ ଶିଶୁ ଉଦ୍ୟାନରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଜିଲ୍ଲାସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ସଭାପତି ନଟବର ବାରିକଙ୍କ ପୌରହିତ୍ୟରେ ରାଜୀବ ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ କରାଯାଇଥିଲା। ପଞ୍ଚାୟତିରାଜ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆଣି ପଞ୍ଚାୟତ ପ୍ରତିନିଧିମାନଙ୍କୁ କ୍ଷମତା ପ୍ରଦାନ କରିବା, ମହିଳାମାନଙ୍କୁ ସଂରକ୍ଷଣ ପ୍ରଦାନ କରିବା, ପ୍ରଯୁକ୍ତି ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ, ୧୮ ବର୍ଷର ଯୁବକଯୁବତୀଙ୍କୁ ଭୋଟ ଦେବା ପାଇଁ ସାମ୍ବିଧାନିକ ଅଧିକାର ଦେବା ଆଦି କାର୍ଯ୍ୟ ପାଇଁ ରାଜୀବ ଗାନ୍ଧୀ ଜନମାନସରେ ଚିରସ୍ମରଣୀୟ ହୋଇ ରହିବେ ବୋଲି କଂଗ୍ରେସ ନେତାମାନେ ମତପ୍ରକାଶ କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ବରିଷ୍ଠ କଂଗ୍ରେସ ନେତା ଲକ୍ଷ୍ମୀ ନାରାୟଣ ସାମନ୍ତରାୟ, ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ମାନସ କୁମାର ରଥ, ଜିଲ୍ଲା କଂଗ୍ରେସ ସେବାଦଳ ଅଧ୍ୟକ୍ଷ ଡା. ଜଗଦାନନ୍ଦ ବେହେରା, ଜିଲ୍ଲା କଂଗ୍ରେସ ସଂଖ୍ୟାଲଘୁ ସେଲ୍ ଅଧ୍ୟକ୍ଷ ଇମତିୟାଜ ଅହମ୍ମଦ ଖାଁ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, କଂଗ୍ରେସ ନେତା ଜ୍ଞାନରଞ୍ଜନ ପୃଷ୍ଟି, ଉମେଶ ସ୍ୱାଇଁ, ଅବନୀକାନ୍ତ ମହାରଣା, ସୌମ୍ୟରଞ୍ଜନ ମହାନ୍ତି, ସୁକାନ୍ତ ମହାପାତ୍ର, ସେଖ୍ ହେଦାୟତ ଅଲ୍ଲୀ, ହିଫଜୁଲ୍ ରହେମାନ, ବସନ୍ତ ଭୋଇ, ଅଜୟ ମହାପାତ୍ର, ପଞ୍ଚାନନ ପାଇଲ, ରମେଶ ବିଶ୍ୱାଳ, ଅକ୍ଷୟ କୁମାର ଜେନା ପ୍ରମୁଖ ଯୋଗଦେଇ ଭାରତରତ୍ନ ରାଜୀବ ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

■ ଯୁକ୍ତଦୁଇ ପରୀକ୍ଷା ଫଳ ପ୍ରକାଶ

# ବିଜ୍ଞାନରେ ୯୯୭, ବାଣିଜ୍ୟରେ ୨୨୬, କଳାରେ ୬୬୮ ପରୀକ୍ଷାର୍ଥୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ

ଜଗତସିଂହପୁର,୨୧।୫(ସମିସ): ଚଳିତ ବର୍ଷର ଯୁକ୍ତଦୁଇ ପରୀକ୍ଷା ଫଳ ବୁଧବାର ଅପରାହ୍ଣରେ ପ୍ରକାଶ ପାଇଛି। ପୂର୍ବବର୍ଷ ମାନଙ୍କରେ ବିଜ୍ଞାନ, ବାଣିଜ୍ୟ ଓ କଳା ବିଭାଗର ପରୀକ୍ଷା ଫଳ ଅଲଗା ଅଲଗା ଦିନରେ ପ୍ରକାଶ ପାଉଥିବା ବେଳେ ଚଳିତ ବର୍ଷ କିନ୍ତୁ ଗୋଟିଏ ଦିନରେ ସମସ୍ତ ଫଳାଫଳ ପ୍ରକାଶିତ ହୋଇଛି। ଜଗତସିଂହପୁର ଜିଲ୍ଲାରେ ବିଜ୍ଞାନ ବିଭାଗରେ ପାସ୍‌ହାର ୮୫.୮୭% ରହିଥିବା ବେଳେ ବାଣିଜ୍ୟ ବିଭାଗରେ ପାସ୍‌ହାର ରହିଛି ୮୯.୬୮% ଏବଂ କଳା ବିଭାଗରେ ପାସ୍‌ହାର ରହିଛି ୭୪.୫୯%। ବିଜ୍ଞାନରେ ମୋଟ ୨୫୪୯ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୯୯୭ ଜଣ ପ୍ରଥମ ଶ୍ରେଣୀ, ୭୧୭ ଜଣ ୨ୟ ଶ୍ରେଣୀ ଏବଂ ୩୯୮ ଜଣ ୩ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବାଣିଜ୍ୟରେ ମୋଟ ୮୦୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୨୨୬ ଜଣ ୧ମ ଶ୍ରେଣୀ, ୧୭୬ ଜଣ ୨ୟ ଶ୍ରେଣୀ ଏବଂ ୩୧୮ ଜଣ ୩ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କଳା ବିଭାଗରେ ମୋଟ ୫୮୭୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ଏମାନଙ୍କ ମଧ୍ୟରୁ ୬୬୮ ଜଣ ୧ମ ଶ୍ରେଣୀ, ୭୨୦ ଜଣ ୨ୟ ଶ୍ରେଣୀ ଏବଂ ୨୮୪୨ ଜଣ ୩ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

# ବଟଶ୍ରୀକ୍ଷେତ୍ରର ଚନ୍ଦନ ଉତ୍ସବ ଉଦ୍‌ଯାପିତ

ଜଗତସିଂହପୁର,୨୧।୫(ସମିସ): ଜଗତସିଂହପୁର ଜିଲ୍ଲାର ଚାହୁରା ପାଟେଣୀଗାଁ ସ୍ଥିତ ବଟଶ୍ରୀକ୍ଷେତ୍ରର ଚନ୍ଦନ ଉତ୍ସବ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଥିବା ୨୧ ଦିନବ୍ୟାପୀ ଚନ୍ଦନ ଯାତ୍ରାର ଅନ୍ତିମ ଦିବସରେ ଶତାଧୀକ ମହିଳାଙ୍କ ଦ୍ୱାରା ମହାପ୍ରଭୁଙ୍କ ସହସ୍ର ନାମ ପାଠ କରାଯାଇଥିଲା। କାର୍ଯ୍ୟକ୍ରମକୁ ଭୁବନେଶ୍ୱରରୁ ଆସିଥିବା ମୂରଲିଧର ପଲାଇ ଏବଂ କୃଷ୍ଣା ପଲାଇ ସଞ୍ଚାଳନ କରିଥିଲେ।



ଏ ଅବସରରେ ବଟଶ୍ରୀକ୍ଷେତ୍ର ଚାରିଟେବଲ ଟ୍ରଷ୍ଟର ଅଧ୍ୟକ୍ଷ ଡ. ଅଭୟ କୁମାର ନାୟକ ଆୟୋଜିତ ସଭାରେ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଶ୍ରୀ ପଲାଇ ମହାପ୍ରଭୁଙ୍କ ସହସ୍ର ନାମ ପଠନ ଏବଂ ଶ୍ରବଣ ଶରୀରକୁ ପୁଲକିତ କରେ ଏବଂ ମନପ୍ରାଣକୁ ଶ୍ରୀଜଗନ୍ନାଥଙ୍କ ଆଡ଼କୁ ଟାଣିନିଏ ବୋଲି ମତବ୍ୟକ୍ତ କରିଥିଲେ। ଉକ୍ତଳେ ଭଉଁରି ଆଧାରରେ ଚଳନ୍ତି ବିଗ୍ରହ ମଦନମୋହନ ଡିଗି ନରେନ୍ଦ୍ରରେ ଚାପକୁ ବିଜେ କରିଥିଲେ ଏବଂ ଦୀର୍ଘ ସମୟ ଧରି ଚାପ ଖେଳିଥିଲେ। ଶେଷରେ ବଟଶ୍ରୀକ୍ଷେତ୍ରର ଠାକୁର ରାଜା ନୀଳକଣ୍ଠ ଶତପଥି ଅତିଥିମାନଙ୍କୁ ଅଙ୍ଗଲାଗି ବସ୍ତ୍ର ଏବଂ ସ୍ମୃତିଫଳକ ପ୍ରଦାନ କରିଥିଲେ। ନିର୍ମାଲ୍ୟର ମୁଖ୍ୟ ସମ୍ପାଦକ ରବି ନାୟକ ଧନ୍ୟବାଦ ପ୍ରଦାନ କରିଥଲେ। ଭବ୍ୟ ସମାରୋହ ପରିଚାଳନାରେ ଉମେଶ ନାୟକ, ନରେନ୍ଦ୍ର ନାୟକ, ସମୀର ସ୍ୱାଇଁ, ଦିବ୍ୟଜିତ ସ୍ୱାଇଁ, ପରମାନନ୍ଦ ନାୟକ, ସୁଶାନ୍ତ ସ୍ୱାଇଁ, ମହେଶ୍ୱର ନାୟକ, କାହ୍ନା ସ୍ୱାଇଁ ଓ ଉମାକାନ୍ତ ଗୋଛାୟତ ପ୍ରମୁଖ ସହଯୋଗ କରିଥିଲେ।

## କନିଷ୍ଠ ଯନ୍ତ୍ରୀଙ୍କୁ ଅପହରଣ ଘଟଣା

# ୪ ଗିରଫ; ସୁନା ଅଳଙ୍କାର, କାର୍ ଜବତ

କୁଜଙ୍ଗ,୨୧।୫(ସମିସ):

କୁଜଙ୍ଗ ଗ୍ରାମ୍ୟ ଉନ୍ନୟନ ବିଭାଗ ପଙ୍କପାଳ ସେକ୍ସନର କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ସାହୁଙ୍କୁ ଅପହରଣ କରି ତାଙ୍କୁ ମାଡ଼ମାରି ସୁନା ଅଳଙ୍କାର ଲୁଟିନେବା ଘଟଣାରେ ୪ଜଣଙ୍କୁ କୁଜଙ୍ଗ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଯାଜପୁର ଟାଉନ ଥାନା ଅଧୀନ ବିର୍ଜାପୁର ଗ୍ରାମର ରାଜୀବ ଦାସ ଓରଫ ସିପୁନ, ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅଧୀନ ଜେମାଦେଇପୁର ଗାଁର ଶଙ୍କର ମହାପାତ୍ର, ଭୁବନେଶ୍ୱର ଖାରବେଳ ନଗର ଥାନା ଅଞ୍ଚଳର ବବୁଲ ଓରଫ ଶ୍ରୀତମ ବେହେରା ଓ ଭୁବନେଶ୍ୱର ବାଲିପାଟଣା ଥାନା ଅନ୍ତର୍ଗତ ମାର୍ଥାପୁର ଗାଁର ସତ୍ୟପ୍ରକାଶ ପ୍ରଧାନ ଓରଫ ବଣ୍ଟି। ସେମାନଙ୍କ ପାଖରୁ ଲୁଟ ହୋଇଥିବା ସୁନାଚେନ ଓ ମୁଦିକୁ ଉଦ୍ଧାର କରିଥିବା ବେଳେ ଅପହରଣରେ ବ୍ୟବହୃତ ଓଡି ୦୨ ବି ଏକ୍ସ ୭୬୨୩ ନମ୍ବର ଯୁକ୍ତ ଏକକାର୍ ଜବତ କରିଥିବା ଜଣାପଡ଼ିଛି। ପ୍ରକାଶ ଯେ କନିଷ୍ଠ ଯନ୍ତ୍ରୀ ସାହୁଙ୍କର ବଣ୍ଟି ସହିତ ପୂର୍ବରୁ ପରିଚିତ ଥିଲା। ବଣ୍ଟି ପୂର୍ବ ସମ୍ପର୍କକୁ ଆଧାରକରି ଯନ୍ତ୍ରୀଙ୍କ ସହ ଫେସ୍‌ବୁକ୍‌ରେ ଚାଟିଂ କରନ୍ତି। ଚାଟିଂ ସମୟରେ ବଣ୍ଟି ଦେଖିବାକୁ ପାଇଥିଲା ଯେ ଯନ୍ତ୍ରୀ ସାହୁ ସୁନାଚେନ ଓ ମୁଦି ବ୍ୟବହାର କରୁଛନ୍ତି। କିପରି ତାଙ୍କ ପାଖରୁ ଲୁଟ କରିବ ବଣ୍ଟି ଯୋଜନା ପ୍ରସ୍ତୁତ କରି ଅନ୍ୟ ୩ ଆସାମୀଙ୍କୁ ଜଣାଇଥିଲା। ଯୋଜନା ମୁତାବକ ଗତ ୧୫ ତାରିଖ ରାତି ୯ଟା ବେଳେ ବଣ୍ଟି ଓ ୩ ସହଯୋଗୀ ପଙ୍କପାଳରେ ପହଞ୍ଚି ସାହୁଙ୍କ ସହ ମିଶିଥିଲେ। ଇତ୍ୟବସରରେ ଯନ୍ତ୍ରୀ ସାହୁଙ୍କୁ ଜୋର୍ ଜବରଦସ୍ତ କାର୍ ଭିତରେ ପୁରାଇ ନେଇ ତିର୍ତ୍ତୋଲର ବିଭିନ୍ନ ଅଞ୍ଚଳକୁ ନେଇ ମାଡ଼ ମାରି ତାଙ୍କ ସୁନାଚେନ, ମୁଦି ଓ ଟଙ୍କା ଲୁଟ କରି ବିଳମ୍ବିତ ରାତିରେ ପଙ୍କପାଳରେ ଛାଡ଼ି ଦେଇଥିଲେ। ଏସମ୍ପର୍କରେ କୁଜଙ୍ଗ ଥାନାରେ ଯନ୍ତ୍ରୀ ଶ୍ରୀସାହୁ ଅଭିଯୋଗ କରିବାରୁ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବିଭିନ୍ନ ସୂତ୍ରକୁ ଆଧାର କରି କୁଜଙ୍ଗ ପୁଲିସ ମଙ୍ଗଳବାର ଆସାମୀମାନଙ୍କୁ ଗଞ୍ଜାମ ଓ ଭୁବନେଶ୍ୱରରୁ ଗିରଫ କରିଥିଲା। ବୁଧବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ବଂଶୀଧର ପ୍ରଧାନ କହିଛନ୍ତି। ଆସାମୀ ମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ତଦନ୍ତକାରୀ ଅଧିକାରୀ ରଶ୍ମିରଞ୍ଜନ ସାହୁ କହିଛନ୍ତି।

● ଦୁର୍ଘଟଣାରେ ଦୁଇ ଚାଳକଙ୍କ ମୃତ୍ୟୁ ଘଟଣା

# ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ

ପାରାଦୀପ,୨୧।୫(ସମିସ): ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରେ ଗତ ସପ୍ତାହରେ ଏକ ଦୁର୍ଘଟଣାରେ ଦୁଇ ଟିପର ଚାଳକଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ କରାଯିବାକୁ ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଥିଲା। ଘୋଷଣାନୁଯାୟୀ, ବୁଧବାର ପ୍ରତିଶ୍ରୁତି ପାଳନ କରି ଦୁଇ ମୃତ ଡ୍ରାଇଭରଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ପାରାଦୀପ ଏଡିଏମ୍ ନିରଞ୍ଜନ ବେହେରା, ଏଏସ୍‌ପି ସ୍ମୃତିରଞ୍ଜନ କର ଦୁଇ ମୃତ ଡ୍ରାଇଭରଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। କଣ୍ଟେଇ ଟ୍ରାନ୍ସପୋର୍ଟ ପକ୍ଷରୁ ପ୍ରତି ଡ୍ରାଇଭରଙ୍କ ପରିବାରକୁ ଦୁଇ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ପାରାଦୀପ ବନ୍ଦର ପକ୍ଷରୁ ୧୦ଲକ୍ଷ ଟଙ୍କା, ଷ୍ଟିଭେଡୋର୍ସ ଆସୋସିଏସନ୍ ପକ୍ଷରୁ ୫ ଲକ୍ଷ୨୦ହଜାର ଟଙ୍କା ଶୀଘ୍ର ପ୍ରଦାନ କରାଯିବ ବୋଲି ଏଡିଏମ୍ ଶ୍ରୀ ବେହେରା ସୂଚନା ଦେଇଥିଲେ। ପ୍ରକାଶଥାଉକି, ଗତ ସପ୍ତାହରେ ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ଆନ୍ତବନ୍ଦର ପଣ୍ୟ କାରବାରରେ ନିୟୋଜିତ ଏକ ଟିପର ମରାମତି କାର୍ଯ୍ୟ ୨ଜଣ ଚାଳକ କରୁଥିଲେ। ଏହି ସମୟରେ ଏକ ଦ୍ରୁତଗାମୀ ଟ୍ରକ୍ ଟିପରକୁ ଧକ୍କାଦେବାରୁ ଘଟଣାସ୍ଥଳରେ ଦୁଇ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିଲା।

# ସତ୍ୟସାଇ ବାବାଙ୍କ ପାଦୁକା ଯାତ୍ରା ତିର୍ତ୍ତୋଲକୁ ହସ୍ତାନ୍ତର

କୁଜଙ୍ଗ,୨୧।୫(ସମିସ): ଶ୍ରୀ ସତ୍ୟସାଇ ବାବାଙ୍କ ପବିତ୍ର ପାଦୁକା ଯାତ୍ରା ଦୀର୍ଘଦିନ କୁଜଙ୍ଗ ବ୍ଲକର ବିଭିନ୍ନ ଗ୍ରାମ ପରିକ୍ରମା ପରେ ବୁଧବାର ସତ୍ୟାସାଇ ସମିତି ପକ୍ଷରୁ ତିର୍ତ୍ତୋଲ ସମିତିକୁ ହସ୍ତାନ୍ତର କରାଯାଇଛି। ସତ୍ୟସାଇ ଜ୍ଞାନ ବିକାଶରେ ସ୍ୱାଗତ କରାଯିବା ପରେ ରାହାମାର ତେରମାଣପୁରରେ ସ୍ୱାଗତ ବ୍ୟବସ୍ଥା କରାଯାଇଥିଲା। କୁଜଙ୍ଗ ଆବାହକ ସରୋଜ ବେହେରା, ପାଦୁକା ଯାତ୍ରା ଇନ୍‌ଚାର୍ଜ ସଦାଶିବ ସାହୁ, ସେବା ସଂଯୋଜକ ଆଲୋକ ନାୟକ, ବିପିନ ନାୟକ, ଦେବରାଜ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସଭାପତି ଦାମୋଦର ସ୍ୱାଇଁ, ଜିଲ୍ଲା ଆଇଟି ଇନ୍‌ଚାର୍ଜ ସଞ୍ଜୀବ ସାହୁ, ଜିଲ୍ଲା ଯୁବ ସଂଯୋଜକ ମନୋରଞ୍ଜନ ମାଝୀ, ରାଜ୍ୟ ଆଧ୍ୟାତ୍ମିକା ସଂଯୋଜିକା ପୁଷ୍ପମିତ୍ରା ମହାନ୍ତିଙ୍କ ଉପସ୍ଥିତରେ ତିର୍ତ୍ତୋଲ ସମିତି ଆବାହକ କାଳନ୍ଦୀ ମହାନ୍ତି, ଚିତ୍ତରଞ୍ଜନ ଜେନା, କାହ୍ନୁଚରଣ ସାହୁ, ସୁରଥ ସୂତାର ଓ ଅକ୍ଷୟ ଦାସ ପ୍ରମୁଖ ପବିତ୍ର ପାଦୁକା ରଥ ଗ୍ରହଣ କରିଥିଲେ।



# ବିଧାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ

ନାଉଗାଁ,୨୧।୫(ସମିସ): ଜଳ ସମ୍ପଦ ଓ ଜଳ ନିଷ୍କାସନ ବିଭାଗ ପକ୍ଷରୁ ନାଉଗାଁ ପଞ୍ଚାୟତସ୍ଥିତ ଗୋବରୀ ନଦୀର ଦକ୍ଷିଣ ପାଶ୍ୱର୍ ଆଡ଼ିବନ୍ଧରେ ସିତୁରା ଗାଁ ନିକଟରେ ନିର୍ମାଣ ହେବାକୁ ଥିବା ସ୍ରୋତ କବାଟ ନିମନ୍ତେ ବୁଧବାର ବିଧାୟକ ଅମରେନ୍ଦ୍ର ଦାସଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ ଉକ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ବିପ୍ଳବ କିଶୋର ସାହୁ, ନାଉଗାଁ ପଞ୍ଚାୟତ ସରପଞ୍ଚ ପ୍ରାଚୀ ସାଗରିକା ଜେନା, ସମିତି ସଭ୍ୟା ମାନସୀ ଲେଙ୍କା, ଅଶୋକ ମହାନ୍ତି, ପ୍ରଭୁଚରଣ ଦାସ, ଅଲେଖ ସାହୁ, ସନ୍ତୋଷ ଦାସ, ଲଲାଟ କିଶୋର ଲେଙ୍କା, ଜିତେନ୍ଦ୍ର ନାୟକ, ଦୀନବନ୍ଧୁ ଦାସ, ଅଭୟ ଲେଙ୍କା, ବିଶ୍ୱମ୍ଭରାନନ୍ଦ ସ୍ୱାଇଁ ଉପସ୍ଥିତ ରହିଥିବାର ଦେଖିବାକୁ ମିଳିଛି।



# ଝଙ୍କଡ଼ ମା'ଶାରଳାଙ୍କ ଚନ୍ଦନ ଯାତ୍ରା ଉଦ୍‌ଯାପିତ

ତିର୍ତ୍ତୋଲ,୨୧।୫(ସମିସ): ପବିତ୍ର ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଥିବା ପ୍ରସିଦ୍ଧ ଝଙ୍କଡ଼ ମା' ଶାରଳାଙ୍କ ଚନ୍ଦନ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଚନ୍ଦନ ଯାତ୍ରା ୨୧ ଦିନ ଧରି ଚାଲିଥିଲା। ଉଦ୍‌ଯାପିତ ଦିବସ ମଧ୍ୟାହ୍ନରେ ମା'ଙ୍କୁ ଚନ୍ଦନ ଲାଗି ପରେ ସୁସଜ୍ଜିତ ବିମାନରେ ପାରମ୍ପରିକ ଘଣ୍ଟ, ଘଣ୍ଟା, କାହାଳୀ ଆଦି ମାଧ୍ୟମରେ ମା'ଙ୍କ ବିଜେ ପ୍ରତିମାକୁ ସେବାୟତ ମାନେ ଚନ୍ଦନ ପୁଷ୍କରଣୀକୁ ନେଇଯାଇଥିଲେ। ନୈକାରେ ମା' ଶାରଳା ୨୧ ଘେରା ଚାପ ଖେଳିଥିଲେ। ଚନ୍ଦନ ପୁଷ୍କରଣୀ ଭିତରେ ଥିବା ମନ୍ଦିରରେ ମା' ବିଶ୍ରାମ କରିବା ପରେ ରାତିରେ ୨୧ ଘେରା ଚାପ ଖେଳ ସରିବା ପରେ ପୁନର୍ବାର ପୀଠକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଉପସ୍ଥିତ ଥିଲେ।



# ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ

ଜଗତସିଂହପୁର,୨୧।୫(ସମିସ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ଓ ପୌର ପରିଷଦର ମିଳିତ ଆନୁକୂଲ୍ୟରେ ଭାରତ ରତ୍ନ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ଏବଂ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଖେରସ ରାଜୀବ ଗାନ୍ଧୀ ପାର୍କରେ ଥିବା ସ୍ୱର୍ଗତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ପୌର ନିର୍ବାହୀ ଅଧିକାରୀ ସୀମା ଜେନା, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା ଏବଂ ପୌର ପରିଷଦର କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ସେହି ମହାନ ଆତ୍ମାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।



■ ପାରାଦୀପ ପୋର୍ଟ ଆଣ୍ଡ ଡକ୍ ମଜଦୂର ୟୁନିୟନ ବିବାଦ

# ଥାନା ଆଗରେ ଧାରଣା ଦେଲେ ୟୁନିୟନର କର୍ମକର୍ତ୍ତା ଓ ବହୁ ଶ୍ରମିକ



ପାରାଦୀପ,୨୧।୫(ସମିସ): ପାରାଦୀପ ପୋର୍ଟ ଆଣ୍ଡ ଡକ ମଜଦୂର ୟୁନିୟନର ବିବାଦ ଦିନକୁ ଦିନ ଏବେ ଉଗ୍ରରୂପ ନେଉଛି। ୟୁନିୟନରୁ ନିଲମ୍ବିତ କିଛି କର୍ମକର୍ତ୍ତା ଜାଣିଶୁଣି ଏହାକୁ ଦଖଲ କରିବା ନେଇ ପ୍ରୟାସ କରିଥିବା ଅଭିଯୋଗ ହୋଇଛି। ଏନେଇ ବୁଧବାର ସନ୍ଧ୍ୟାରେ ପାରାଦୀପ ଆଦର୍ଶ ଥାନା ଆଗରେ ପାରାଦୀପ ମଜଦୂର ୟୁନିୟନର କର୍ମକର୍ତ୍ତା ଓ ବହୁ ଶ୍ରମିକ ଧାରଣାରେ ବସିଥିବାର ଦେଖିବାକୁ ମିଳିଥିଲା। ଏହାର କାରଣ ହେଲା ଗତ ଦୁଇଦିନ ହେବ ପାରାଦୀପ ପୁଲିସ ପାରାଦୀପ ପୋର୍ଟ ଆଣ୍ଡ ଡକ ମଜଦୁର ୟୁନିୟନର ଏକ କାର୍‌କୁ ଥାନାରେ ରଖି ଦେଉନଥିବା ବେଳେ ୟୁନିୟନର ସାଧାରଣ ସମ୍ପାଦକ ସନାତନ ବେହେରା ଓ ତାଙ୍କ ସହ ଶତାଧିକ ଶ୍ରମିକ ଆସି କଣ ପାଇଁ ଆମ ଗାଡ଼ି ଅଟକାଇ ରଖିଛ ବୋଲି ପ୍ରତିବାଦରେ ଧାରଣାରେ ବସି ରହିଥିଲେ। ଗତ କିଛିଦିନ ହେବ ୟୁନିୟନରୁ ନିଲମ୍ବିତ ଓ ସଦସ୍ୟତା ନଥିବା ଶ୍ରମିକମାନେ ଏକ ମନମୁଖୀ ଅଫିସ ବିୟରଇୟର ଚୟନ କରି ୟୁନିୟନର ପ୍ୟାଡ ବ୍ୟବହାର କରି ବ୍ୟାଙ୍କ ଓ ବିଭିନ୍ନ କାର୍ଯ୍ୟାଳୟରେ ଦେଇଥିଲେ। ପ୍ରତିବାଦରେ ୟୁନିୟନ ପକ୍ଷ୍ୟରୁ ପାରାଦୀପ ଆଦର୍ଶ ଥାନାରେ ଅଭିଯୋଗ କରିବା ଓ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସମାଧାନ ପାଇଁ ଉଭୟ ଗୋଷ୍ଠୀଙ୍କୁ ଡାକି ଆଲୋଚନା ହୋଇଥିବା ବେଳେ କମିଟି ହୋଇ ତଦନ୍ତ କରାଯିବ ବୋଲି ପ୍ରଶାସନ ନିଷ୍ପତ୍ତି ଗ୍ରହଣ କରିଥିଲା। କିନ୍ତୁ ଗତ ଦୁଇଦିନ ତଳେ ଥାନାକୁ ଆଲୋଚନା ପାଇଁ ସାଧାରଣ ସମ୍ପାଦକଙ୍କୁ ଡାକି କାର୍‌କୁ ଜବରଦସ୍ତି ଅଟକାଇ ରଖିଛି ପୁଲିସ। କାରର ଦୋଷ କଣ ବୋଲି ଶ୍ରମିକମାନେ ପଚାରିବା ସହ ପୁଲିସ ମନମୁଖୀ ଶାସନ କରି ନ୍ୟାୟ ପ୍ରଦାନ କରିବାରେ ପାତରଅନ୍ତର କରୁଛି ବୋଲି ଶ୍ରମିକମାନେ ପ୍ରକାଶ କରିଛନ୍ତି। ଯଦି ଆମ ୟୁନିୟନର କାର ଆମକୁ ଦିଆ ନଯାଏ ତେବେ ଆନ୍ଦୋଳନ ଆହୁରି ତୀବ୍ରତର କରାଯିବ ବୋଲି ଶ୍ରମିକମାନେ ପ୍ରକାଶ କରିଛନ୍ତି।

# ୨୮ରେ ସାରଦା ଏକାଡେମୀ ପୁରାତନ ଛାତ୍ରଛାତ୍ରୀଙ୍କ ସୁବର୍ଣ୍ଣ ଜୟନ୍ତୀ

ତିର୍ତ୍ତୋଲ,୨୧।୫(ସମିସ): ପ୍ରସିଦ୍ଧ ଝଙ୍କଡ଼ ସାରଳା ପୀଠ କନକପୁରସ୍ଥିତ ସାରଦା ଏକାଡେମୀରେ ୧୯୬୮ରୁ ୭୪ ମସିହା ପର୍ଯ୍ୟନ୍ତ ପାଠ ପଢୁଥିବା ପୁରାତନ ଛାତ୍ରଛାତ୍ରୀଙ୍କ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆସନ୍ତା ମେ' ୨୮ ତାରିଖ ଦିନ ଅନୁଷ୍ଠିତ ହେବାକୁ ଯାଉଛି। ଏଥିନିମନ୍ତେ ଜୟନ୍ତୀ କମିଟିର ମୁଖ୍ୟଉପଦେଷ୍ଟା ତଥା ଏକାଡେମୀର ପୁରାତନ ଛାତ୍ର ସଂସଦର ସଭାପତି ଡା. ଅମରେନ୍ଦ୍ର ନାଥ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ବିଜୟ କୁମାର ନାୟକଙ୍କ ଆହ୍ୱାନ କ୍ରମେ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ୨୮ ତାରିଖ ବୁଧବାର ପୂର୍ବାହ୍ଣରେ ଆନ୍ତବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା, ଅପରାହ୍ଣ ୪ଟାରୁ ୫ଟା ଦ୍ୱିତୀୟ ଅଧିବେଶନରେ ସୁବର୍ଣ୍ଣ ଜୟନ୍ତୀର ସ୍ମୃତିସ୍ମରଣିକା ଉନ୍ମୋଚନ ହେବ। ଏଥିସହିତ କେତେକ ବିଶିଷ୍ଟବ୍ୟକ୍ତି ଓ କର୍ମନିଷ୍ଠ ଶିକ୍ଷାଗୁରୁଙ୍କୁ ମଧ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯିବ। ତୃତୀୟ ଅଧିବେଶନ ୫ଟା ୩୦ ମିନିଟରୁ ରାତ୍ର ୮ ଟା ପର୍ଯ୍ୟନ୍ତ ଫନ୍ ୱିଥ୍ ଫ୍ରେଣ୍ଡସ କାର୍ଯ୍ୟକ୍ରମ କରାଯିବ ବୋଲି ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଜୟନ୍ତୀ କମିଟିର ସଭାପତି ଗୁରୁଚରଣ ବ୍ରହ୍ମ, ଉପ ସଭାପତି ଅଶୋକ ରାଉତ, କ୍ଷୀରୋଦ ରାଉଳ, ସମ୍ପାଦକ ସୁରେନ୍ଦ୍ର ନାଥ, ସହସମ୍ପାଦକ ବନ୍ଦନା ଦାସଙ୍କ ସମେତ କାର୍ଯ୍ୟକାରିଣୀ ସଦସ୍ୟ ହେମନ୍ତ ସାହୁ, ରବିନାରାୟଣ ଚୌଧୁରୀ, ନିର୍ମଳ ମହାନ୍ତି, ଅକ୍ଷୟ ପରିଜା, ଜଗନ୍ନାଥ ମୁଦୁଲି, ବୁଲେଇ ଭୋଇ, ନାରାୟଣ ସାମଲ, ନିତ୍ୟାନନ୍ଦ ସାହୁ, ସୁନାକର ମହାନ୍ତି, ପ୍ରଭୁପ୍ରସାଦ ମହାନ୍ତି, ବୀରକିଶୋର ନାୟକ, ସୁଶୀଳାବାଳା ସିଂହ, କମଳା ମହାନ୍ତି, ଉର୍ମିଳା ମହାନ୍ତି, କମଳା ନନ୍ଦୀ ମଣ୍ଡଳ ଓ ଜୟଲକ୍ଷ୍ମୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ନାଦଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ।

## ଅତିରିକ୍ତ ଦେବୋତ୍ତର ଆୟୁକ୍ତଙ୍କ ଗୋରେଖନାଥ ପୀଠ ପରିଦର୍ଶନ

# ଅଭିଯୋଗ ଶୁଣିଲେ; ଚତୁପାର୍ଶ୍ୱ ମାପଚୁପ ପାଇଁ ନିଷ୍ପତ୍ତି

ରଘୁନାଥପୁର,୨୧।୫(ସମିସ):



ଅତିରିକ୍ତ ସହକାରୀ ଦେବୋତ୍ତର ଆୟୁକ୍ତ କଟକ, ପ୍ରକାଶ କୁମାର କର ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠକୁ ଅଚାନକ ପରିଦର୍ଶନରେ ଆସି ବିଭିନ୍ନ ସମସ୍ୟାର ତଦନ୍ତ କରିଛନ୍ତି। ପୀଠ ପାଚେରୀକୁ ଲାଗି ଜଣେ ବ୍ୟକ୍ତି ମନ୍ଦିର ତୋଳିବା, ବେସରକାରୀ ଜମିରେ ପାର୍କିଂସ୍ଥଳ କରି ମନଇଚ୍ଛା ରସିଦ କାଟିବା, ସରକାରୀ ଜମିକୁ ଜବରଦଖଲ କରି ସ୍ଥାୟୀ ବେପାର ବଣିଜ କରିବା ଓ ସେମାନଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ଉଠିଯିବା ପାଇଁ ନୋଟିସ କରାଯାଇଥିଲେ ସୁଧା ସେମାନେ କର୍ଣ୍ଣପାତ କରୁନଥିବା ନେଇ ଅତିରିକ୍ତ ସହକାରୀ ଆୟୁକ୍ତଙ୍କ ନିକଟରେ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ଅଦେଇତ ଚରଣ ମହାନ୍ତି ଓ ଚୈତ୍ୟନ ବାରିକ ଅତିରିକ୍ତ ସହକାରୀ ଆୟୁକ୍ତଙ୍କ ନିକଟରେ ଉପସ୍ଥିତ ହୋଇ ଏସମ୍ପର୍କରେ ନିଜର ପକ୍ଷ ରଖିଥିଲେ। ଏହାଛଡ଼ା ରାତିରେ ବିଭୂତି କ୍ଷେତ୍ରକୁ ଆସୁଥିବା ସର୍ପାଘାତ ରୋଗୀଙ୍କ ପାଇଁ ମନ୍ଦିର ପକ୍ଷରୁ ଲେମ୍ବୁ ଓ ଗ୍ଲାସ ଯୋଗାଇଦେବା, ବାହାରେ ବିକ୍ରୟ ହେଉଥିବା ଭୋଗକୁ ବନ୍ଦ କରାଯିବା, ଯାଆଁବାଳ ପକେଇବା ପାଇଁ ଆସୁଥିବା ଯାତ୍ରୀଙ୍କ ଠାରୁ ମନଇଚ୍ଛା ଦକ୍ଷିଣା ଜୁଲୁମକୁ ବନ୍ଦ କରାଯିବା ଓ ଭିଡ଼ ନିୟନ୍ତ୍ରଣ ସମ୍ପର୍କରେ ସେମାନେ ଅଭିଯୋଗ କରିଥିଲେ। ଅତିରିକ୍ତ ସହକାରୀ ଆୟୁକ୍ତ କର ପୀଠ ପାଚେରୀକୁ ଲାଗି କରାଯାଇଥିବା ପଶୁପତିନାଥ ମନ୍ଦିର ସ୍ଥଳକୁ ଯାଇ ଅନୁଧାନ କରିବା ସହ ଜମି ମାଲିକ ସୁଶାନ୍ତ କୁମାର ଦାଶଙ୍କୁ ଡାକି ପଚରାଉଚରା କରିଥିଲେ। ଏତ୍‌ଦବ୍ୟତିତ ଗୋରେଖନାଥ ମନ୍ଦିର ସମ୍ମୁଖ ମୁଖଶାଳାରେ ଦୀର୍ଘଦିନରୁ ହୋଇଥିବା ଫାଟକୁ ଦେଖି ଟେକ୍ନିକାଲ ପଦ୍ଧତିରେ ଏହାର ସ୍ଥାୟୀ ପଦକ୍ଷେପ ନେବାକୁ ଉପଦେଷ୍ଟା କମିଟି ସଭାପତି ପ୍ରମୋଦ କୁମାର ମହାନ୍ତିଙ୍କ ସହ ଆଲୋଚନା କରିଥିଲେ। ପୀଠ ପୋଖରୀକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ସମସ୍ତଙ୍କ ସହଯୋଗ ଓ ସହମତିରେ ମନ୍ଦିର ପାଇଁ ବିପଦ ସାବ୍ୟସ୍ତ ହେଇଥିବା ବରଗଛ ଓହଳକୁ କାଟିବା ପାଇଁ ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ପରିଜାଙ୍କୁ କହିଥିଲେ। ସର୍ବପରେ ସରକାରୀ ଭାବେ ମାପଚୁପ କରାଯାଇ ପୀଠ ଚତୁପାଶ୍ୱର୍ରେ ଥିବା ସରକାରୀ ଜମି ଓ କେରେକେରା ଛକରୁ ପୀଠ ପର୍ଯ୍ୟନ୍ତ ଆସିଥିବା ରାସ୍ତାକୁ ଉନ୍ମୁକ୍ତ କରିବା ପାଇଁ ରାଜସ୍ୱ ବିଭାଗକୁ ଚିଠି କରିବେ ବୋଲି ଅତିରିକ୍ତ ସହକାରୀ ଆୟୁକ୍ତ କର ପ୍ରକାଶ କରିଥିଲେ। ଅନ୍ୟପକ୍ଷେ ଭକ୍ତିୟ ଭାବନା ଆଧାରରେ ପଶୁପତିନାଥ ମନ୍ଦିରର ଆୟକୁ ବ୍ୟକ୍ତିଗତ ଭାବେ ଚଳୁ କରାଯାଉଥିବାରୁ ଏହାକୁ ତୁରନ୍ତ ଗୋରେଖନାଥ ଟ୍ରଷ୍ଟ ବୋର୍ଡ ଅଧୀନକୁ ଆଣିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏଥିରେ ଆଇନଜୀବୀ ଜୀବନ ବଲ୍ଲଭ ମହାନ୍ତି, ଉପଦେଷ୍ଟା କମିଟି ସଦସ୍ୟ ରମେଶ ଚନ୍ଦ୍ର ମହାନ୍ତି, ପ୍ରଦୀପ୍ତ କୁମାର ମହାନ୍ତି, ଦେବୋତ୍ତର ଇନ୍ସପେକ୍ଟର ପ୍ରଦୀପ୍ତ କୁମାର ସାହୁ ଓ ପୀଠ କିରାଣୀ ସରୋଜ କୁମାର ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ।

**ପଶୁପତିନାଥ ମନ୍ଦିରକୁ ଟ୍ରଷ୍ଟ ବୋର୍ଡ ଅଧୀନକୁ ଆଣିବା ପାଇଁ ଦାବି**

# ଅନାସ୍ଥା ପ୍ରତ୍ୟାହାର ପରେ ପାରିଷଦଙ୍କୁ ପୌର ଉପାଧ୍ୟକ୍ଷଙ୍କ ଧନ୍ୟବାଦ ଜ୍ଞାପନ

ଜଗତସିଂହପୁର,୨୧।୫(ସମିସ): ଜଗତସିଂହପୁର ପୌର ପରିଷଦର ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇଙ୍କ ବିରୋଧରେ ଗତ ଏପ୍ରିଲ ୧୫ ତାରିଖରେ ଆଗତ ଅନାସ୍ଥା ପ୍ରସ୍ତାବ ମେ' ୧୯ ତାରିଖରେ ପ୍ରତ୍ୟାହୃତ ହୋଇଯାଇଛି। ପୌର ପରିଷଦର ମୋଟ ୨୧ଜଣ ପାରିଷଦଙ୍କ ମଧ୍ୟରୁ ୧୩ ଜଣ ଏହି ଅନାସ୍ଥା ଆଗତ କରିଥିବା ବେଳେ ଏମାନଙ୍କ ମଧ୍ୟରୁ ୮ ଜଣ ପାରିଷଦ ଅନାସ୍ଥା ପ୍ରସ୍ତାବ ପ୍ରତ୍ୟାହାର କରିବା ପାଇଁ ଲିଖିତ ଭାବେ ଜିଲ୍ଲାପାଳଙ୍କୁ ଜଣାଇଥିଲେ। ଫଳରେ ଜିଲ୍ଲାପାଳ ଜେ.ସୋନାଲଙ୍କ ନିର୍ଦ୍ଦେଶ କ୍ରମେ ମେ' ୨୦ ତାରିଖ ଦିନ ୧୧ଟା ୩୦ରେ ଏହି ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ପାଇଁ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଡକାଯାଇଥିବା ସ୍ୱତନ୍ତ୍ର ବୈଠକ ବାତିଲ ହୋଇଯାଇଥିଲା। ଅନାସ୍ଥା ପ୍ରତ୍ୟାହାର ପରେ ପୌର ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ ଏକ ସାମ୍ବାଦିକ ସମ୍ମିଳନୀରେ ସମସ୍ତ ପାରିଷଦଙ୍କୁ ଧନ୍ୟବାଦ ଜଣାଇଛନ୍ତି।



ଗତ ୨୦୨୨ ମସିହା ପୌର ନିର୍ବାଚନରେ ଜଗତସିଂହପୁର ପୌର ପରିଷଦର ମୋଟ ୨୧ଟି ୱାର୍ଡ ମଧ୍ୟରୁ ବିଜେଡି ସର୍ବାଧିକ ୯ଟି ୱାର୍ଡରେ ବିଜୟୀ ହୋଇଥିଲା। ସେହିପରି କଂଗ୍ରେସ ୭ଟି, ବିଜେପି ୨ଟି ଏବଂ ୩ ଜଣ ସ୍ୱାଧୀନ ପାରିଷଦ ନିର୍ବାଚିତ ହୋଇଥିଲେ। ତେବେ ପୌରାଧ୍ୟକ୍ଷ ପଦବୀ ପାଇଁ ସିଧାସଳଖ ନିର୍ବାଚନ ହୋଇଥିଲା ଏବଂ କଂଗ୍ରେସର ଅର୍ଚ୍ଚନା ସିଂ ପୌରାଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଥିଲେ। ନିର୍ବାଚନ ପରବର୍ତ୍ତୀ ସମୟରେ କଂଗ୍ରେସର ୭, ବିଜେପିର ୨ ଏବଂ ୨ ଜଣ ସ୍ୱାଧୀନ ପାରିଷଦଙ୍କ ସହଯୋଗରେ ପୌର ପରିଷଦ ଉପାଧ୍ୟକ୍ଷ ଭାବେ ବିଜେପିର ରାଜେନ୍ଦ୍ର କୁମାର ବିଶୋଇ ନିର୍ବାଚିତ ହୋଇଥିଲେ। ତାଙ୍କ ବିରୋଧରେ ଅନାସ୍ଥା ଆସିବା ପରେ ପ୍ରାୟ ଏକ ମାସ ଧରି ଏହାକୁ ନେଇ କଂଗ୍ରେସ, ବିଜେଡି ଓ ବିଜେପି ଦଳର ପାରିଷଦ ଓ ସ୍ଥାନୀୟ ନେତୃତ୍ୱ ମଧ୍ୟରେ ଛକାପଞ୍ଝା ଜାରି ରହିଥିଲା।

## ଜଜଙ୍କ ନାମରେ ଏଫଆଇଆର୍ ଅନୁମତି ଦେବାକୁ ମନାକଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୨୧।୫(ଏଜେନ୍ସି): ସରକାରୀ ବାସଭବନରୁ ବିପୁଳ ଟଙ୍କା ମିଳିବା ଘଟଣାରେ ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଯଶୋବନ୍ତ ବର୍ମାଙ୍କ ବିରୋଧରେ ଏତଲା ଦାଏର କରିବା ନେଇ ସୁପ୍ରିମକୋର୍ଟରେ ଆଗତ ଏକ ଆବେଦନକୁ ଖାରଜ କରି ଦିଆଯାଇଛି। ଏହି ଆବେଦନ ଉପରେ ଜଷ୍ଟିସ୍ ଏ ଏସ ଓକାଙ୍କ ନେତୃତ୍ୱ ଖଣ୍ଡପୀଠ ଶୁଣାଣି କରି ଏହାକୁ ଅଗ୍ରାହ୍ୟ କରିଦେବା ସହିତ ଏତଲା ଦାଏର କରାଯାଇପାରିବନି ବୋଲି କହିଛନ୍ତି। ବିଚାରପତିଙ୍କ ଘରୁ ଟଙ୍କା ମିଳିବା ଘଟଣାକୁ ନେଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଆଭ୍ୟନ୍ତରୀଣ କମିଟି ଦ୍ୱାରା ଯାଞ୍ଚ କରାଯାଇଥିଲା ବେଳେ ଏହାର ରିପୋର୍ଟ ଏବଂ ଜଷ୍ଟିସ୍ ବର୍ମାଙ୍କ ମତାମତ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି। ତେଣୁ ପୁଣି ଏତଲା ଦାଏର କରାଯିବାର ଆବଶ୍ୟକତା ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

## ଅଲ୍ଲୀ ଖାନ ମହମୁଦବାଦଙ୍କୁ ସୁପ୍ରିମକୋର୍ଟରୁ ଜାମିନ

ନୂଆଦିଲ୍ଲୀ ,୨୧।୫(ଏଜେନ୍ସି): 'ଅପରେସନ ସିନ୍ଦୂର'କୁ ନେଇ ବିବାଦୀୟ ବୟାନ ଦେଇ ଗିରଫ ହୋଇଥିବା ଅଶୋକା ବିଶ୍ୱବିଦ୍ୟାଳୟର ପ୍ରଫେସର ଅଲ୍ଲୀ ଖାନ ମହମୁଦବାଦଙ୍କୁ ସୁପ୍ରିମକୋର୍ଟ ଅନ୍ତରୀଣ ଜାମିନ ଦେଇଛନ୍ତି। ଏହାସହିତ ଅଲ୍ଲୀ ଖାନଙ୍କ ବିରୋଧରେ ଦାଏର ହୋଇଥିବା ମାମଲାର ଯାଞ୍ଚ ସ୍ୱତନ୍ତ୍ର



ଟିମ୍ (ଏସଆଇଟି) ଦ୍ୱାରା କରିବାକୁ ସୁପ୍ରିମକୋର୍ଟ ହରିୟାଣା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଣେ ମହିଳା ଆଇପିଏସ୍‌ଙ୍କ ସମେତ ହରିୟାଣାରେ ରହୁ ନଥିବା ୩ ବରିଷ୍ଠ ଅଧିକାରୀଙ୍କୁ ନେଇ ଏସଆଇଟି ଗଠନ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ଏହି ଟିମ୍ ୨୪ ଘଣ୍ଟା ମଧ୍ୟରେ ଯାଞ୍ଚ କରି ରିପୋର୍ଟ ଦେବାକୁ କୁହାଯାଇଛି। ସୁପ୍ରିମକୋର୍ଟ ଜାମିନ ବଣ୍ଡ ଜରିଆରେ ଅଲ୍ଲୀ ଖାନଙ୍କୁ ଅନ୍ତରୀଣ ଜାମିନ ଦେଇଥିଲା ବେଳେ ତାଙ୍କ ପ୍ରତି ମଧ୍ୟ କିଛିସର୍ତ୍ତ ରଖିଛନ୍ତି। ଏହି ମାମଲା ସହ ଜଡିତ ପ୍ରସଙ୍ଗ ଉପରେ କୌଣସି ଲେଖା କିମ୍ବା ଅନଲାଇନ୍ ପୋଷ୍ଟ ନ କରିବା କିମ୍ବା ବିବାଦୀୟ ଭାଷଣ ନ ଦେବାକୁ କୁହାଯାଇଛି। ଏହା ବ୍ୟତୀତ ଆବେଦନକାରୀଙ୍କୁ ତାଙ୍କର ପାସପୋର୍ଟ ଦାଖଲ କରିବାକୁ ମଧ୍ୟ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଅଲ୍ଲୀ ଖାନ କର୍ଣ୍ଣେଲ ସୋଫିଆ କୁରେସିଙ୍କୁ ନେଇ ଫେସବୁକ୍‌ରେ ବିବାଦୀୟ ପୋଷ୍ଟ କରିବା ପରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା ଏବଂ ହରିୟାଣା ପୁଲିସ ତାଙ୍କୁ ଗିରଫ କରିଥିଲା।

## ସ୍କୁଲ ବସ୍ ଉପରେ ଆତ୍ମଘାତୀ ହମଲା ; ୪ ମୃତ, ୩୮ ଆହତ

କ୍ୱେଟା,୨୧।୫(ଏଜେନ୍ସି): ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ଏକ ସ୍କୁଲ ବସକୁ ନିଶାଣ କରି ଆତଙ୍କୀ ହମଲା ହୋଇଛି। ଏହି ଘଟଣାରେ ୪ ଜଣ ପିଲାଙ୍କ ମୃତ୍ୟୁ ଘଟିଥିବା ବେଳେ ୩୮ ଜଣ ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁସାରେ ବୁଧବାର ଏହି ସ୍କୁଲ ବସ୍ ଜିରୋ ପଏଣ୍ଟରେ ଛିଡା ହୋଇଥିଲା ବେଳେ ଏକ କାର ଦ୍ରୁତ ଗତିରେ ଆସି ବସ୍‌କୁ ଧକ୍କା ଦେଇଥିଲା । ପରେ ପରେ ବିସ୍ଫୋରଣ ଯୋଗୁ ବସ୍‌ଟି ଜଳି ଯାଇଥିଲା। ଗୁରୁତର ଆହତମାନଙ୍କୁ କ୍ୱେଟା ଏବଂ କରାଚିର ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ପାକିସ୍ତାନ ଗୃହମନ୍ତ୍ରୀ ମୋହସିନ ନକଭି ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି । ଯେଉଁମାନେ ନିର୍ଦ୍ଦୋଷ ଛୋଟ ପିଲାଙ୍କୁ ଟାର୍ଗେଟ କରି ଏଭଳି ଘୃଣ୍ୟ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ଛଡ଼ାଯିବ ନାହିଁ ବୋଲି କହିଛନ୍ତି। ତେବେ ଏହି ଘଟଣା ପାଇଁ କେହି ନିଜକୁ ଦାୟୀ କରିନାହାନ୍ତି। ସ୍କୁଲ ବସ୍ ଉପରେ ଆକ୍ରମଣ ପଛରେ ଭାରତର ହାତ ରହିଛି ବୋଲି ପାକିସ୍ତାନ ଅଭିଯୋଗ କରିଥିଲେ ହେଁ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଏହାକୁ ଅସ୍ୱୀକାର କରାଯାଇଛି।

■ 'ଅପରେସନ ସିନ୍ଦୂର ରିଚ୍ ଆଉଟ୍'

## ଜାପାନ, ୟୁଏଇ ଗଲେ ଦୁଇ ସାଂସଦ ପ୍ରତିନିଧି ଦଳ

ନୂଆଦିଲ୍ଲୀ, ୨୧।୫(ଏଜେନ୍ସି) : ପାକିସ୍ତାନର ଆତଙ୍କବାଦ କାର୍ଯ୍ୟକଳାପ ଏବଂ ଏହା ବିରୋଧରେ ଭାରତର ଲଢେଇ ତଥା ଅପରେସନ ସିନ୍ଦୂର ସମ୍ପର୍କରେ ବିଶ୍ୱ ସମୁଦାୟକୁ ଅବଗତ କରିବା ଲାଗି ସାଂସଦ ପ୍ରତିନିଧି ଦଳ ବିଦେଶ ଯାତ୍ରା ଆରମ୍ଭ କରିଛନ୍ତି। ବିଭିନ୍ନ ଦଳର ୫୦ରୁ ଅଧିକ ସାଂସଦଙ୍କୁ ନେଇ ମୋଟ ୭ଟି ପ୍ରତିନିଧି ଦଳ ଗଠନ କରାଯାଇଥିଲା ବେଳେ ବୁଧବାର ଦୁଇ ପ୍ରତିନିଧି ଦଳ ଜାପାନ ଏବଂ ୟୁଏଇ ଅଭିମୁଖେ ଯାତ୍ରା କରିଛନ୍ତି। ଜେଡିୟୁ ସାଂସଦ ସଞ୍ଜୟ ଝାଙ୍କ ନେତୃତ୍ୱରେ ଗୋଟିଏ ପ୍ରତିନିଧି ଦଳ ଇଣ୍ଡୋନେସିଆ, ମାଲେସିଆ, କୋରିଆ ଏବଂ ଜାପାନ ଆଦି ଦେଶ ଗସ୍ତ କରିବେ। ସେହିପରି ଶିବସେନା ସାଂସଦ ଶ୍ରୀକାନ୍ତ ସିନ୍ଦେଙ୍କ ନେତୃତ୍ୱରେ ଅନ୍ୟ ଏକ ପ୍ରତିନିଧି ଦଳ ୟୁଏଇ ସମେତ କଙ୍ଗୋ , ଲାଇବେରିଆ ଏବଂ ସିଏରା ଲିଓନ ଆଦି ରାଷ୍ଟ୍ର ଯିବେ ବୋଲି ଜଣାପଡ଼ିଛି।

## ଲସ୍କର ସହ ପ୍ରତିଷ୍ଠାତା ଅମିର ହାମଜାକୁ ଗୁଳି, ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି

ଲାହୋର,୨୧।୫(ଏଜେନ୍ସି): ଲସ୍କର-ଇ-ତୋଏବା ଆତଙ୍କବାଦୀ ସଂଗଠନର ସହ ପ୍ରତିଷ୍ଠାତା ଅମିର ହାମଜାକୁ କିଛି ଅଜ୍ଞାତ ବନ୍ଧୁକଧାରୀ ଗୁଳି କରିଛନ୍ତି। ଅମିର ଲାହୋରସ୍ଥିତ ନିଜ ବାସଭବନରୁ ବାହାରକୁ ଯାଉଥିଲା ବେଳେ ତା' ଉପରେ ଅତର୍କିତ ଆକ୍ରମଣ କରାଯାଇଥିଲା। ଏହି ଘଟଣାରେ ଅମିର ଗୁରୁତର ଆହତ ହୋଇଥିଲେ ହେଁ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛି। ତାକୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଗୁଳିକାଣ୍ଡ ପଛରେ ଭାରତର ଗୁଇନ୍ଦା ଏଜେନ୍ସି 'ର'ର ହାତ ରହିଛି ବୋଲି ପାକିସ୍ତାନ ପକ୍ଷରୁ ଅଭିଯୋଗ କରାଯାଇଛି।

# ପାକିସ୍ତାନରେ ଜଳସଙ୍କଟ ଉତ୍କଟ; ମନ୍ତ୍ରୀଙ୍କ ଘର ଜାଳିଦେଲେ

■ ସିନ୍ଧ ପ୍ରଦେଶରେ ରାଜରାସ୍ତାକୁ ଓହ୍ଲାଇଲେ ହଜାର ହଜାର ଲୋକ

■ ଜାତୀୟ ରାଜପଥ ବନ୍ଦ, ବିକ୍ଷୋଭ ବେଳେ ଦୁଇ ମୃତ



କରାଚି,୨୧।୫(ଏଜେନ୍ସି): ଭାରତ ପାକିସ୍ତାନକୁ ସିନ୍ଧୁ ନଦୀ ଜଳ ବନ୍ଦ କରିଦେବା ପରେ ଏବେ ପାକିସ୍ତାନର ବିଭିନ୍ନ ପ୍ରଦେଶରେ ଜଳ ସଙ୍କଟ ଉତ୍କଟ ହେବାରେ ଲାଗିଛି। ସିନ୍ଧୁ ନଦୀ ମୁଖ୍ୟତଃ ପଞ୍ଜାବ ଏବଂ ସିନ୍ଧ ପ୍ରଦେଶରେ ପ୍ରବାହିତ ହୋଇ ଆରବ ସାଗରେ ପଡ଼ିଛି। ପାକିସ୍ତାନର ୭୦ ପ୍ରତିଶତ ଜିଡିପି କୃଷି ଉତ୍ପାଦନ କ୍ଷେତ୍ରରୁ ମିଳିଥିଲା ବେଳେ ଏଥିପାଇଁ ସିନ୍ଧୁ ନଦୀ ଜଳ ଗୁରୁତ୍ୱପୂର୍ଣ୍ଣ ରହିଆସିଛି। କିନ୍ତୁ ଭାରତ ପାଣି ବନ୍ଦ କରିବା ପରେ ଏବେ ବିଭିନ୍ନ ଇଲାକାରେ ସ୍ଥିତି ବିପନ୍ନ ହେବାକୁ ଯାଉଛି। ଏହି କାରଣରୁ ବର୍ତ୍ତମାନ ସିନ୍ଧ ଏବଂ ପଞ୍ଜାବ ମଧ୍ୟରେ ବିବାଦ ତେଜିବାରେ ଲାଗିଛି। ସିନ୍ଧୁ ପ୍ରଦେଶବାସୀ ସରକାରଙ୍କ ଉପରେ ଦୋଷ ଲଦି ରାଜରାସ୍ତାକୁ ଓହ୍ଲାଇଛନ୍ତି। ବୁଧବାର ହଜାର ହଜାର ଲୋକ ପଞ୍ଜାବ ଏବଂ ପାକିସ୍ତାନ ସରକାରଙ୍କ ବିରୋଧରେ ନାରାବାଜି କରିବା ସହିତ ସିନ୍ଧ ଗୃହମନ୍ତ୍ରୀ ଜିଆଉଲ ହାସନ ଲଞ୍ଜରଙ୍କ ଘର ଉପରେ ଆକ୍ରମଣ କରି ଜାଳି ଦେଇଛନ୍ତି। ବିକ୍ଷୋଭକାରୀମାନେ ବନ୍ଧୁକ ଧରି ଆସିଥିଲା ବେଳେ ନୌସାହରୋ ଫିରୋଜ ଜିଲ୍ଲାର ମୋରୋ ତାଲୁକାରେ ପୁଲିସ ଏବଂ ବିକ୍ଷୋଭକରୀଙ୍କ ମଧ୍ୟରେ ଭୟଙ୍କର ସଂଘର୍ଷ ହୋଇଛି। ଏଥିରେ ଦୁଇ ଜଣ ବିକ୍ଷୋଭାକାରୀଙ୍କ ମୃତ୍ୟୁ ହେବା ସହିତ ୧୨ ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ସିନ୍ଧୁ ନଦୀ ଜଳ ଉପଯୋଗକୁ ନେଇ ପଞ୍ଜାବ ଏବଂ ସିନ୍ଧ ମଧ୍ୟରେ ବିବାଦ ଲାଗି ରହିଛି। ପାକିସ୍ତାନ ସରକାର ଏହି ପାଣିକୁ ଅନ୍ୟତ୍ର ଉପଯୋଗ କରିବାକୁ ୬ଟି କେନାଲ ଓ କର୍ପୋରେଟ୍ ଫାର୍ମିଂ ପ୍ରକଳ୍ପକୁ ଯୋଗାଇବାକୁ ଯୋଜନା କରିଥିବାରୁ ଏହାକୁ ସିନ୍ଧବାସୀ ଜୋରଦାର ବିରୋଧ କରିଆସୁଛନ୍ତି। ଏଭଳି ସ୍ଥିତିରେ ଭାରତ ପାଣି ବନ୍ଦ କରି ଦେଇଥିବାରୁ ସ୍ଥିତି ଆହୁରି ଉତ୍କଟ ହେବା ସହିତ ଉତ୍ତେଜନା ବଢାଇଛି।

# 'ଚିକେନ ନେକ୍' ଉପରେ ଚୀନ୍‌ର ନଜର

■ ବାଂଲାଦେଶର ଲାଲ୍ ମୁନିର ହାଟ୍ ଏୟାରବେସ୍‌ର ପୁନଃ ନିର୍ମାଣ




ନୂଆଦିଲ୍ଲୀ,୨୧।୫(ଏଜେନ୍ସି): ଅପରେସନ ସିନ୍ଦୂରକୁ ନେଇ ଭାରତୀୟସେନାର ସଫଳତା ଓ ଉତ୍କର୍ଷତା ଏବେ ଆନ୍ତର୍ଜାତିକ ମହଲରେ ଏକ ଚର୍ଚ୍ଚିତ ପ୍ରସଙ୍ଗ ହୋଇଛି। ସେପଟେ ଚୀନ୍ ନିର୍ମିତ ଏୟାର ଡିଫେନ୍ସ ସିଷ୍ଟମ , ଜେଏଫ୍-୧୭ ଫାଇଟର ଜେଟ୍ ଏବଂ ଅନ୍ୟାନ୍ୟ ରାଡାର ସିଷ୍ଟମକୁ ଉପଯୋଗ କରି ପାକିସ୍ତାନ ଭାରତକୁ ମୁକାବିଲା କରିବାକୁ ସକ୍ଷମ ହୋଇଥିଲା ବେଳେ ଚୀନ୍ ଏବଂ ପାକିସ୍ତାନ ସେନା ମଧ୍ୟ ଚର୍ଚ୍ଚାରେ ରହିଛନ୍ତି। କିନ୍ତୁ ପାକିସ୍ତାନର ଏହି ବିଫଳତା ଏବେ ଚୀନ୍ ପାଇଁ ମହଙ୍ଗା ପଡ଼ିଛି। ବିଶେଷକରି ଚୀନ୍‌ର ପ୍ରତିରକ୍ଷା ଉତ୍ପାଦକୁନ୍‌ଇ ଆନ୍ତର୍ଜାତିକ ବଜାରରେ ନକାରାତ୍ମକ ପ୍ରଭାବ ପଡ଼ିଥିବାରୁ ଚୀନ୍ ସରକାରଙ୍କ ଚିନ୍ତା ଦ୍ୱିଗୁଣିତ ହୋଇଛି। ଏଥିପାଇଁ ଚୀନ୍ ଆଉ ଚୁପ୍ ବସି ପାରୁନାହିଁ । ଭାରତ ବିରୋଧୀ ମାନସିକତାକୁ ଆହୁରି ସଶକ୍ତ କରି ଚୀନ୍ ଏବେ ଭାରତର 'ସିଲିଗୁଡି କରିଡର୍ 'ବା 'ଚିକେନ ନେକ୍' ଉପରେ ଦୃଷ୍ଟି ନିବଦ୍ଧ କରି କାର୍ଯ୍ୟ ଆରମ୍ଭ କରିଦେଇଛି। ବାଂଲାଦେଶର ୟୁନୁସ୍ ସରକାରଙ୍କ ସହ ହାତ ମିଳାଇ ଚୀନ୍ ଭାରତ ବିରୋଧୀ କାର୍ଯ୍ୟକଳାପ ଜୋରଦାର କରିବାକୁ ପ୍ରସ୍ତୁତି ନେଇଛି। ଏହିକ୍ରମରେ ବହୁ ଚାଇନା ଅଧିକାରୀ ନିକଟରେ ବାଂଲାଦେଶ ଗସ୍ତ କରି ରଣନୀତି ପ୍ରସ୍ତୁତିରେ ଲାଗି ପଡ଼ିଥିବା ସୂଚନା ମିଳିଛି।

ସିଲିଗୁଡି କରିଡର ଏକ ସଙ୍କୁଚିତ ଭୂଖଣ୍ଡ ଭାବେ ଭାରତକୁ ଉତ୍ତରପୂର୍ବ ରାଜ୍ୟ ସମୂହକୁ ସଂଯୋଗ କରୁଛି। କିନ୍ତୁ ଏହି ବାଟ ବନ୍ଦ କରି ଚୀନ୍ ଉତ୍ତରପୂର୍ବ ରାଜ୍ୟଗୁଡିକୁ ଭାରତର ମୂଳ ଭୂଖଣ୍ଡରୁ ଅଲଗା କରିଦେବାକୁ ମସୁଧା ଚଳାଇଛି। ପୂର୍ବରୁ ଅରୁଣାଚଳ ପ୍ରଦେଶକୁ ନିଜର ଦାବି କରୁଥିବା ଚୀନ୍ ସମ୍ପୂର୍ଣ୍ଣ ଉତ୍ତରପୂର୍ବାଞ୍ଚଳ ଉପରେ ନିଜର କାୟା ବିସ୍ତାର କରିବାକୁ ବାଂଲାଦେଶର ବହୁ ପୁରୁଣା ଲାଲ ମୁନିର୍ ହାଟ୍ ଏୟାରବେସ୍‌ର ପୁନଃ ନିର୍ମାଣ ପାଇଁ ଲାଗିପଡ଼ିଛି। ୧୯୩୮ରେ ଇଂରେଜ ଶାସନ କାଳରେ ପ୍ରତିଷ୍ଠା କରାଯାଇଥିବା ଏହି ଏୟାରବେସ୍‌କୁ ପରବର୍ତ୍ତୀ ସମୟରେ ୧୯୫୮ରେ ପାକିସ୍ତାନ ବନ୍ଦ କରିଦେଇଥିଲା। ପ୍ରାୟ ୧୬୬ ଏକର ପରିମିତ ଜମି ଉପରେ ନିର୍ମିତ ଏହି ଏୟାରବେସକୁ ତତ୍କାଳୀନ ଶେଖ ହସିନା ସରକାର ଶେଖ ମୁଜିବୁର ରହମନଙ୍କ ସ୍ମୃତିରେ ଏକ ନାଭିଗେସନ ୟୁନିଭର୍ସିଟି ଭାବେ ରୂପାନ୍ତର କରିବାକୁ ଯୋଜନା କରିଥିଲେ। କିନ୍ତୁ ଏବେ ଏହାକୁ ଚୀନ୍ ଅକ୍ତିଆର କରି ଭାରତ ବିରୋଧରେ ଉପଯୋଗ କରିବାକୁ ପ୍ରସ୍ତୁତ ହେଉଛି। ଭାରତୀୟ ସୀମା ଠାରୁ ମାତ୍ର ୧୫ କିମି ଏବଂ ସିଲିଗୁଡି କରିଡର ଠାରୁ ମାତ୍ର ୧୩୫ କିମି ଦୂରରେ ରହିଥିବା ଏହି ଏୟାରବେସ୍‌ର କାର୍ଯ୍ୟ ଆସନ୍ତା ଅକ୍ଟୋବରରୁ ଆରମ୍ଭ ହେବ ବୋଲି ସୂଚନା ମିଳିଛି। କିଛି ମାସ ତଳେ ୟୁନୁସ୍ ଚୀନ୍ ଗସ୍ତ କରିଥିଲା ବେଳେ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ସମୂହକୁ ନେଇ ବଡ଼ ଟିପ୍ପଣୀ ଦେଇଥିଲେ। ଏହାପରେ ଏବେ ସେ ନେପାଳ ଗସ୍ତରେ ଯାଇଥିଲା ବେଳେ ସେଠାରେ ମଧ୍ୟ ଏହି ପ୍ରସଙ୍ଗ ଉଠାଇଥିଲେ। ତେଣୁ ବାଂଲାଦେଶ ସହଯୋଗରେ ଚୀନ୍ ଭାରତ ବିରୋଧରେ ଏକ ବଡ଼ ଷଡ଼ଯନ୍ତ୍ର ଆରମ୍ଭ କରୁଥିବା ସ୍ପଷ୍ଟ ହୋଇଛି।

## ବାନୁ ମୁସ୍ତାକ, ଦୀପାଙ୍କୁ ବୁକର୍ ପୁରସ୍କାର

ନୂଆଦିଲ୍ଲୀ, ୨୧।୫ (ଏଜେନ୍ସି): 'ହାର୍ଟ ଲ୍ୟାମ୍ପ' ପୁସ୍ତକ ପାଇଁ ଲେଖିକା ବାନୁ ମୁସ୍ତାକ ଏବଂ ଅନୁବାଦକ ଦୀପ ଭାସ୍ତିଙ୍କୁ ଚଳିତ ବର୍ଷର ଆନ୍ତର୍ଜାତିକ ବୁକର୍ ପୁରସ୍କାର ମିଳିବ। ଏଥିନେଇ ସେମାନଙ୍କ ନାମ ଘୋଷଣା କରାଯାଇଛି। ଦକ୍ଷିଣ ଭାରତରେ ମହିଳାମାନଙ୍କ ସଂଘର୍ଷପୂର୍ଣ୍ଣ ଜୀବନକୁ ନେଇ ଗତ ୩୦ ବର୍ଷ ମଧ୍ୟରେ ଲେଖାଯାଇଥିବା ୧୨ଟି କ୍ଷୁଦ୍ର ଗଳ୍ପ ' ହାର୍ଟ ଲ୍ୟାମ୍ପ' ପୁସ୍ତକରେ ସ୍ଥାନ ପାଇଥିଲା ବେଳେ ବାନୁ ମୁସ୍ତାକ ଏହାର ସଙ୍କଳନ ଏବଂ ଦୀପା ଅନୁବାଦ ଦାୟିତ୍ୱ ତୁଲାଇଛନ୍ତି। ପ୍ରଥମ ଥର ପାଇଁ କନ୍ନଡଭାଷୀ ପୁସ୍ତକକୁ ଏହି ସମ୍ମାନ ମିଳିଛି। ଏହି ପୁସ୍ତକକୁ ଦୀପା ଭାରତୀ ଇଂରାଜୀରେ ଅନୁବାଦ କରିଛନ୍ତି।



ଲଣ୍ଡନର ଟେଟ୍ ମଡର୍ଣ୍ଣରେ ଆୟୋଜିତ ଏକ ଉତ୍ସବରେ ବାନୁ ଏବଂ ଅନୁବାଦକ ଦୀପା ଭାସ୍ତି ଏହି ପୁରସ୍କାର ଗ୍ରହଣ କରିଛନ୍ତି। ୧୯୪୮ ମସିହାରେ କର୍ଣ୍ଣାଟକରେ ଜନ୍ମଗ୍ରହଣ କରିଥିବା ବାନୁ ଜଣେ ଲେଖିକା, ଓକିଲ ଏବଂ ସାମାଜିକ କର୍ମୀ ଭାବେ ବିଭିନ୍ନ ମହଲରେ ସ୍ୱୀକୃତି ଲାଭ କରିଛନ୍ତି। ଇଂରାଜୀ ବ୍ୟତୀତ ତାଙ୍କର ବହୁ କୃତି ଉର୍ଦ୍ଦୁ, ହିନ୍ଦୀ, ତାମିଲ ଏବଂ ମାଲାୟଲମ ଭାଷାରେ ଅନୁବାଦିତ ହୋଇଛି।

■ ହତ୍ୟାକାରୀ କି ଆତଙ୍କବାଦୀ ନୁହନ୍ତି

## ଟ୍ରେନି ଆଇଏଏସ୍ ପୂଜା ଖେଡକାରଙ୍କୁ ସୁପ୍ରିମକୋର୍ଟରୁ ଜାମିନ

ନୂଆଦିଲ୍ଲୀ,୨୧।୫(ଏଜେନ୍ସି): ଜାଲ ପ୍ରମାଣପତ୍ର ଦେଇ ଆଇଏଏସ୍ ପାଇବା ପରେ ପରବର୍ତ୍ତୀ ସମୟରେ ଚାକିରିରୁ ବରଖାସ୍ତ ହୋଇଥିବା ଟ୍ରେନି ଆଇଏଏସ୍ ପୂଜା ଖେଡକରଙ୍କୁ ସୁପ୍ରିମକୋର୍ଟ ବୁଧବାର ଅଗ୍ରୀମ ଜାମିନ ଦେଇଛନ୍ତି। ଜଷ୍ଟିସ୍ ବି.ଭି ନାଗରତ୍ନା ଏବଂ ଜଷ୍ଟିସ୍ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ ତାଙ୍କ ଅଗ୍ରୀମ



ଜାମିନ ଆବେଦନ ଉପରେ ଶୁଣାଣି କରି ଜାମିନ ଦେଇଛନ୍ତି। ପୂଜା ଯାଞ୍ଚ କାର୍ଯ୍ୟରେ ସହଯୋଗ କରୁନାହାନ୍ତି ଦର୍ଶାଇ ଦିଲ୍ଲୀ ପୁଲିସ ତାଙ୍କ ଅଗ୍ରୀମ ଜାମିନକୁ ବିରୋଧ କରି ଆସୁଥିଲା। ହେଲେ ପୂଜା ଆତଙ୍କବାଦୀ ନୁହନ୍ତି କି ସେଭଳି କୌଣସି ଜଘନ୍ୟ ଅପରାଧ କରିନାହାନ୍ତି ବୋଲି ଦର୍ଶାଇ ସୁପ୍ରିମକୋର୍ଟ ତାଙ୍କୁ ଅଗ୍ରୀମ ଜାମିନ ଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ତାଙ୍କ ବିରୋଧରେ ରୁଜୁ ହୋଇଥିବା ଅପରାଧିକ ମାମଲାର ଆଧାରକୁ ଦୃଷ୍ଟିରେ ରଖି ହାଇକୋର୍ଟ ଅଗ୍ରୀମ ଜାମିନ ଦେବାର ଥିଲା। ତେବେ ପୂଜା ଯାଞ୍ଚରେ ସମ୍ପୂର୍ଣ୍ଣ ସହଯୋଗ କରିବେ ଏବଂ ତାଙ୍କ ସ୍ୱାଧୀନତାର ଦୁରୁପଯୋଗ କରିବେ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

# ଗାଜାରେ ଖାଦ୍ୟ ସଙ୍କଟ

## ଭୋକରେ ୧୪ ହଜାର ଶିଶୁ



ନ୍ୟୁୟର୍କ,୨୧।୫(ଏଜେନ୍ସି): ଗାଜାରେ ଏବେ ଇସ୍ରାଏଲୀ ସେନା ଗ୍ରାଉଣ୍ଡ ଅପରେସନକୁ ଜୋରଦାର କରିବା ସହିତ ଏଠାକାର ବହୁ ସହର ଉପରେ ଆକ୍ରମଣ ଚଳାଇଛି। ଯାହାକୁ ନେଇ ଗତ ସପ୍ତାହକ ମଧ୍ୟରେ ଶତାଧିକ ଲୋକଙ୍କ ମୃତ୍ୟୁ ହୋଇଛି। ହମାସ ଏବଂ ଇସ୍ରାଏଲ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଅସ୍ତ୍ରବିରତି ବୁଝାମଣା ହୋଇ ନପାରିବା ଏବଂ ଇସ୍ରାଏଲୀ ପଣବନ୍ଦୀଙ୍କୁ ହମାସ ମୁକ୍ତ ନ କରିବା ନେଇ ଇସ୍ରାଏଲ ସେନା ଏହି ଆଭିମୁଖ୍ୟ ଗ୍ରହଣ କରିଛି। କିନ୍ତୁ ଇସ୍ରାଏଲର ଏହି ସାମରିକ ଅଭିଯାନକୁ ନେଇ ଜାତିସଂଘ ଚେତାବନୀ ଦେଇଛି ଯେ ଯଦି ଗାଜାକୁ ଅଧିକ ସହାୟତା ପହଞ୍ଚା ନ ଯାଏ, ତେବେ ଖୁବଶୀଘ୍ର ପ୍ରାୟ ୧୪,୦୦୦ ଶିଶୁଙ୍କ ମୃତ୍ୟୁ ହୋଇପାରେ। ଇସ୍ରାଏଲ ଏବେ ପାଲେଷ୍ଟାଇନ ଅଞ୍ଚଳକୁ ସୀମିତ ପରିମାଣର ସହାୟତା ପଠାଇବାକୁ ଅନୁମତି ଦେଇଛି। ହେଲେ ଏହାଯୋଗୁ ବିଶେଷକରି ଗାଜାର ଯୁଦ୍ଧ ପ୍ରଭାବିତ ଅଞ୍ଚଳରେ ଗମ୍ଭୀର ପରିସ୍ଥିତି ଉପୁଜିବ ବୋଲି ଜାତିସଂଘ ଚେତାଇ ଦେଇଛି। ଜାତିସଂଘର ମାନବିକ ଅଧିକାର ବିଭାଗୀୟ ମୁଖ୍ୟ ଟମ୍ ଫ୍ଲେଚର କହିଛନ୍ତି ଯେ, ଗତ ୧୯ ତାରିଖରେ ଗାଜାକୁ କେବଳ ପାଞ୍ଚଟି ସହାୟତା ଟ୍ରକ୍ ପଠାଯାଇଥିଲା। ଯାହା ସେଠାକାର ଜନସଂଖ୍ୟା ଦୃଷ୍ଟିରୁ ଯଥେଷ୍ଟ କମ୍ ଥିଲା। ଏପର୍ଯ୍ୟନ୍ତ ବହୁ ଅସହାୟ ଲୋକଙ୍କ ନିକଟରେ ସହାୟତା ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚି ପାରି ନଥିବାରୁ ପ୍ରାୟ ୧୪,୦୦୦ ଶିଶୁଙ୍କ ଜୀବନ ବିପଦାପନ୍ନ ହୋଇପଡ଼ିଛି। ଯୁଦ୍ଧ ପ୍ରଭାବିତ ଗାଜାର ୨୦ ଲକ୍ଷରୁ ଅଧିକ ଲୋକ ଏବେ ସମ୍ପୂର୍ଣ୍ଣ ମାନବୀୟ ସହାୟତା ଉପରେ ନିର୍ଭରଶୀଳ ରହିଛନ୍ତି। ପ୍ରାୟ ୪.୫ ଲକ୍ଷ ଲୋକ ଭୋକ ଉପାସରେ ସମୟ କାଟୁଥିବା ବେଳେ ୧୦ ଲକ୍ଷ ଲୋକ ଦିନକୁ ଦୁଇଥର ଖାଦ୍ୟ ପାଇବା ପାଇଁ ସଂଘର୍ଷ କରୁଛନ୍ତି। ଏପର୍ଯ୍ୟନ୍ତ ୯,୦୦୦ ରୁ ଅଧିକ ଶିଶୁ ଏବଂ ହଜାର ହଜାର ଗର୍ଭବତୀ ମହିଳା କୁପୋଷଣର ଶିକାର ହୋଇଛନ୍ତି। ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ଗୋଟିଏ ପାତ୍ର ସୁପ ପାଇଁ ଲମ୍ବା ଧାଡ଼ିରେ ଠିଆ ହେଉଛନ୍ତି। କିନ୍ତୁ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ଖାଲି ହାତରେ ଫେରିବାକୁ ପଡୁଛି ବୋଲି ଜାତିସଂଘ ପକ୍ଷରୁ କୁହାଯାଇଛି।

# କେନ୍ଦ୍ରର ଯୁକ୍ତି: 'ୱାକଫ୍ ବାଇ ୟୁଜର୍ସ' ମୌଳିକ ଅଧିକାର ନୁହେଁ

ନୂଆଦିଲ୍ଲୀ, ୨୧।୫: ୱାକଫ୍ ହେଉଛି ଏକ ଇସଲାମିକ ପରିକଳ୍ପନା। କିନ୍ତୁ ଏହା ଇସଲାମ ଧର୍ମର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ନୁହେଁ। ୱାକଫ୍ ହେଉଛି ଦାନ କରିବାର ପ୍ରଥା। ଆଜି ସୁପ୍ରିମ କୋର୍ଟରେ ୱାକଫ୍ ସଂଶୋଧନ ଆଇନ ସପକ୍ଷରେ ଯୁକ୍ତି ଉପସ୍ଥାପନ କରି ଏହା କହିଛନ୍ତି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା। ସେ କହିଲେ ଯେ ୱକାଫ ସଂପତ୍ତିର ପରିଚାଳନା ଏବଂ ଏହାର ଅଡିଟ୍ କରିବା ଦାୟିତ୍ୱ ହେଉଛି ୱାକଫ୍ ବୋର୍ଡର। ଏହାସହିତ ଧର୍ମର କୌଣସି ସଂପର୍କ ନାହିଁ। ବୋର୍ଡ କେବଳ ଧର୍ମନିରପେକ୍ଷ କାମ କରେ, ତେଣୁ ଏଥିରେ ମାତ୍ର ଦୁଇ ଜଣ ଅଣ-ମୁସଲିମଙ୍କୁ ସଭ୍ୟ ଭାବେ ସାମିଲ କଲେ ବୋର୍ଡର ସ୍ୱରୂପ ବଦଳିଯିବ ନାହିଁ। କୌଣସି ଧାର୍ମିକ କାମରେ ବୋର୍ଡ ହସ୍ତକ୍ଷେପ କରିବ ନାହିଁ।

ବିବାଦୀୟ ଆଇନରେ 'ୱାକଫ୍ ବାଇ ୟୁଜର୍ସ' କୁ ଉଚ୍ଛେଦ କରାଯାଇଛି ଏବଂ ଏହା ସପକ୍ଷରେ ଯୁକ୍ତି ରଖି ସଲିସିଟର ଜେନେରାଲ କହିଲ ଯେ ପୂର୍ବରୁ ଏହି ଧାରା ଅନୁଯାୟୀ ଯେଉଁ ସରକାରୀ ସଂପତ୍ତିକୁ ୱାକଫ୍ ଘୋଷିତ କରାଯାଇଛି, ତାହାକୁ ପୁଣି ଦଖଲ କରିବାର କ୍ଷମତା ସରକାରଙ୍କୁ ଦିଆଯାଇଛି। ସରକାରୀ ଜମି ଉପରେ ଅନ୍ୟ କାହାରି ଅଧିକାର ନାହିଁ ବୋଲି ଯୁକ୍ତି ରଖି ସେ ଏସଂପର୍କରେ ରହିଥିବା ସୁପ୍ରିମ କୋର୍ଟ ରାୟ କଥା ଉଲ୍ଲେଖ କରିଥିଲେ। ୱାକଫ ବାଇ ୟୁଜର୍ସ ବ୍ୟବସ୍ଥା ଅନୁଯାୟୀ କୌଣସି ଧର୍ମାନୁଷ୍ଠାନ ଦୀର୍ଘ ବର୍ଷ ଧରି ଜମି/ ସଂପତ୍ତିକୁ ବ୍ୟବହାର କରି ଆସୁଥିଲେ ଏହାକୁ ୱାକଫ୍ ସଂପତ୍ତି ବୋଲି ବିବେଚନା କରାଯାଉଥିଲା। ଏପରିକି ଦଲିଲ ନଥିଲେ ବି ଏହାକୁ ୱାକଫ୍ ମାନ୍ୟତା ମିଳୁଥିଲା। ଏହା ବିବାଦୀୟ ପରିସ୍ଥିତି ସୃଷ୍ଟି କରିବାରୁ ଏହାକୁ ହଟାଇ ଦିଆଯାଇଛି। ସେ ଆହୁରି କହିଲେ ଯେ ୱାକଫ୍ ବାଇ ୟୁଜର୍ସ ଏକ ମୌଳିକ ଅଧିକାର ନୁହେଁ । ୧୯୨୩ରୁ ୱାକଫକୁ ନେଇ ଅନେକ ଜଟିଳ ବିବାଦ ରହିଛି ଏବଂ ଏହାକୁ ଦୂର କରିବା ଲାଗି ଏହି ଆଇନରେ ଉଦ୍ୟମ କରାଯାଇଛି। ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗଭାଇ ଏବଂ ଜଷ୍ଟିସ ଏଜି ମସିହଙ୍କୁ ନେଇ ଗଠିତ ବେଞ୍ଚ ୱାକଫ ମାମଲାର ଶୁଣାଣି କରୁଛନ୍ତି। ନୂଆ ୱାକଫ୍ ଆଇନକୁ ଚାଲେଞ୍ଜ କରି ସୁପ୍ରିମ କୋର୍ଟରେ ଆଗତ ପିଟିସନ ସପକ୍ଷରେ ଗତକାଲି ଆବେଦନକାରୀମାନଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ସେମାନେ ଯୁକ୍ତି କରିଥିଲେ ଯେ ମୁସଲମାନ ସଂପ୍ରଦାୟ ମଧ୍ୟାରେ ଆତଙ୍କ ସୃଷ୍ଟି କରିବା ସହିତ ୱାକଫ ଜମି ହଡ଼ପ କରିବା ହେଉଛି ଏହି ଆଇନର ଉଦ୍ଦେଶ୍ୟ।

## ପାକିସ୍ତାନୀ ଅଧିକାରୀଙ୍କୁ ତୁରନ୍ତ ଭାରତ ଛାଡ଼ିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୧।୫(ଏଜେନ୍ସି): ନୂଆଦିଲ୍ଲୀସ୍ଥିତ ପାକିସ୍ତାନ ରାଷ୍ଟ୍ରଦୂତ କାର୍ଯ୍ୟାଳୟରେ ଅବସ୍ଥାପିତ ଜଣେ ବରିଷ୍ଠ ଅଧିକାରୀଙ୍କୁ ୨୪ ଘଣ୍ଟା ମଧ୍ୟରେ ଭାରତ ଛାଡି ଚାଲିଯିବାକୁ କେନ୍ଦ୍ର ସରକାର ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ସଂପୃକ୍ତ ଅଧିକାରୀଙ୍କୁ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ' ପର୍ସୋନା ନନ୍ ଗ୍ରାଟା ' ଘୋଷିତ କରାଯିବା ସହିତ ତାଙ୍କ କାର୍ଯ୍ୟଧାରା କୂଟନୈତିକ ବ୍ୟବସ୍ଥା ଆଧାରିତ ନଥିଲା ବୋଲି କୁହାଯାଇଛି। ବୈଦେଶିକ ମନ୍ତ୍ରାଳୟର ଏହି ନିଷ୍ପତ୍ତି ସମ୍ପର୍କରେ ପାକିସ୍ତାନ ହାଇକମିସନଙ୍କୁ ଅବଗତ କରିଦିଆଯାଇଛି। ଏହାପୂର୍ବରୁ ମଧ୍ୟ ଅନ୍ୟ ଜଣେ ପାକିସ୍ତାନ କୂଟନୀତିଜ୍ଞଙ୍କୁ ତୁରନ୍ତ ଭାରତ ଛାଡି ସ୍ୱଦେଶ ଚାଲିଯିବାକୁ କୁହାଯାଇଥିଲା।

# ଆମେରିକାର ସୁରକ୍ଷା ପାଇଁ ଟ୍ରମ୍ପଙ୍କ ଗୋଲଡେନ୍ ଡୋମ୍ ଯୋଜନା

ୱାଶିଂଟନ୍,୨୧।୫(ଏଜେନ୍ସି): ଆମେରିକାର ଆକାଶମାର୍ଗ ବା ଏୟାରସ୍ପେସର ସମ୍ପୂର୍ଣ୍ଣ ସୁରକ୍ଷା ଏବଂ ଏହାକୁ କୌଣସି ଅସ୍ତ୍ର କବଳରୁ ଅଭେଦ୍ୟ ରଖିବାକୁ ରାଷ୍ଟ୍ରପତି ପ୍ରସ୍ତୁତ କରିଛନ୍ତି ଗୋଲଡେନ୍ ଡୋମ ଯୋଜନା। ବିଶ୍ୱର ସବୁଠୁ ଶକ୍ତିଶାଳୀ କ୍ଷେପଣାସ୍ତ୍ର ପ୍ରତିରକ୍ଷା ବ୍ୟବସ୍ଥା ଭାବେ ଗୋଲଡେନ୍ ଡୋମ ବାଲିଷ୍ଟିକ୍, ହାଇପରସୋନିକ୍ ଓ କ୍ରୁଜ ମିସାଇଲକୁ ନଷ୍ଟ କରିଦେବ। କ୍ଷେପଣାସ୍ତ୍ର ପ୍ରତିରକ୍ଷା ବ୍ୟବସ୍ଥା ଭାବେ ଏହା ବିଶ୍ୱର ସବୁଠୁ ଶକ୍ତିଶାଳୀ ଏବଂ ଅଭିନବ ଡୋମ୍ ହେବା ସହିତ ଏହା ରେଞ୍ଜରେ ପୂରା ଦୁନିଆ ରହିବ। ୧୭୫ ବିଲିୟନ ଡଲାର ବ୍ୟୟରେ ପ୍ରସ୍ତୁତ ହେବାକୁ ଯାଉଥିବା ଏହି କ୍ଷେପଣାସ୍ତ୍ର ପ୍ରତିରକ୍ଷା ବ୍ୟବସ୍ଥା ରୁଷିଆ ଏବଂ ଚୀନ୍ ଭଳି ଶକ୍ତିଶାଳୀ ଦେଶଙ୍କ ସମ୍ଭାବ୍ୟ ଆକ୍ରମଣ ବିପଦରୁ ଆମେରିକାକୁ ସୁରକ୍ଷା ଦେବ ବୋଲି କୁହାଯାଇଛି। ଆଗାମୀ ଦିନରେ ପାରମ୍ପାରିକ ଯୁଦ୍ଧ ତୁଳନାରେ ଇଲେକ୍ଟ୍ରୋନିକ୍ ୱାରଫେୟାର ବହୁ ଗୁରୁତ୍ୱ ବହନ କରୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଟ୍ରମ୍ପ ପ୍ରଶାସନ ପକ୍ଷରୁ ଏହି ଗୋଲଡେନ୍ ଡୋମ ଯୋଜନା ପ୍ରସ୍ତୁତ କରାଯାଉଛି।



ଦି ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ରୁଷିଆ ଏବଂ ଚୀନର ହାଇପରସୋନିକ୍ ମିସାଇଲ, ବାଲିଷ୍ଟିକ ମିସାଇଲ ଏବଂ ଅତ୍ୟାଧୁନିକ ଏଆଇ ପ୍ରସ୍ତୁତ ଡ୍ରୋନ ଭବିଷ୍ୟତରେ ଆମେରିକା ସୁରକ୍ଷା ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ । ଏହାଛଡ଼ା ଇରାନର ପରମାଣୁ କାର୍ଯ୍ୟକ୍ରମ ଏବଂ ଦୂରଗାମୀ କ୍ଷେପଣାସ୍ତ୍ରକୁ ନେଇ ମଧ୍ୟ ଆମେରିକା ପ୍ରତି ବିପଦ ରହିଛି। ସେଥିପାଇଁ ଟ୍ରମ୍ପ ପ୍ରଶାସନ ଏହି ଯୋଜନା ପ୍ରସ୍ତୁତ କରିଛନ୍ତି।

ଗୋଲଡେନ୍ ଡୋମ ସମ୍ପୂର୍ଣ୍ଣ ଭାବେ ଉପଗ୍ରହ ନେଟୱର୍କ ଉପରେ କାର୍ଯ୍ୟ କରିବ। ଯାହାକି କ୍ଷେପଣାସ୍ତ୍ର ଚିହ୍ନଟ କରି ଟ୍ରାକ କରିବା ସହ ତାହାକୁ ନିଷ୍କ୍ରିୟ କରିଦେବ। ଏହା କ୍ଷେପଣାସ୍ତ୍ର ଚିହ୍ନଟ କରିବା ଓ ଏହା ଉପରେ ନଜର ରଖିବା ପାଇଁ ଶତାଧିକ ଉପଗ୍ରହକୁ ନିୟୋଜିତ କରିପାରିବ । ଗୋଲଡେନ୍ ଡୋମ ହାଇପରସୋନିକ ମିସାଇଲ, ବାଲିଷ୍ଟିକ ମିସାଇଲ୍ ଓ ଆଡଭାନ୍ସ କ୍ରୁଜ ମିସାଇଲକୁ ଆକାଶମାର୍ଗରେ ହିଁ ନଷ୍ଟ କରିଦେବ । ୨୦୨୯ ସୁଦ୍ଧା ଗୋଲଡେନ୍ ଡୋମ ଦେଖିବାକୁ ଟ୍ରମ୍ପ ଇଛା ପ୍ରକାଶ କରିଥିଲା ବେଳେ ଏଥିପାଇଁ ୧୭୫ ବିଲିୟନ ଡଲାର ବ୍ୟୟରେ ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି ବୋଲି କୁହାଯାଇଛି।


## ଆଇପିଏଲ୍-୧୮ | ସୂର୍ଯ୍ୟକୁମାରଙ୍କ ଅର୍ଦ୍ଧଶତକ ପରେ ସ୍ପିନରଙ୍କ କମାଲ

# ପ୍ଲେ ଅଫ୍‌ରେ ମୁମ୍ବାଇ; ଦିଲ୍ଲୀ ବିଦା

ମୁମ୍ବାଇ, ୨୧।୫ (ଏଜେନ୍ସି):

ପ୍ରତିଦ୍ୱନ୍ଦ୍ୱୀ ଦିଲ୍ଲୀ କ୍ୟାପିଟାଲ୍ସକୁ ୫୯ ରନ୍‌ରେ ପରାସ୍ତ କରି ୫ ଥରର ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସ ଚତୁର୍ଥ ଦଳ ଭାବେ ଆଇପିଏଲ୍-୧୮ତମ ସଂସ୍କରଣର ପ୍ଲେ ଅଫ୍‌ରେ ପ୍ରବେଶ କରିଛି। ଏହା ଫଳରେ ପ୍ଲେ ଅଫ୍ ଲାଗି ୪ଟି ଦଳ ଯୋଗ୍ୟତା କରିସାରିଛନ୍ତି। ପୂର୍ବରୁ ୩ଟି ଦଳ ଗୁଜରାଟ ଟାଇଟନ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ପଞ୍ଜାବ କିଙ୍ଗ୍ସ ପ୍ଲେ ଅଫ୍‌ରେ ପ୍ରବେଶ କରିସାରଥିଲେ। ପ୍ଲେ ଅଫ୍ ସ୍ଥାନ ପୂରଣ ହେବା ପରେ ଚଳିତ ଆଇପିଏଲ୍‌ରେ ବାକିଥିବା ୭ଟି ଲିଗ୍ ମ୍ୟାଚ୍ ଗୁରୁତ୍ୱ ହରାଇଛି। ଏବେ ଯୋଗ୍ୟତା ଅର୍ଜନ କରିଥିବା ଦଳ ଗୁଡିକ ମଧ୍ୟରେ ପୋଜିସନ ଲାଗି ମୁକାବିଲା ରୋଚକ ହେବ। ସେହିପରି ଏଠାରେ ପରାଜିତ ହେବା ପରେ ଦିଲ୍ଲୀ କ୍ୟାପିଟାଲ୍ସ ୬ଷ୍ଠ ଦଳ ଭାବେ ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିଥିଲା। ପୂର୍ବରୁ ୫ଟି ଦଳ ଦିଲ୍ଲୀ ଭଳି ପ୍ଲେ ଅଫ୍‌ରୁ ବାଦ୍ ପଡ଼ିଥିଲେ। ଏହି ମ୍ୟାଚ୍ ପୂର୍ବରୁ ମୁମ୍ବାଇ ୧୪ ଓ ଦିଲ୍ଲୀ ୧୩ ପଏଣ୍ଟ ସଂଗ୍ରହ କରି ଉଭୟ ପ୍ଲେ ଅଫ୍ ଦୌଡ଼ରେ ଥିଲେ। କିନ୍ତୁ ଗୁରୁତ୍ୱପୂର୍ଣ୍ଣ ୬୩ତମ ଲିଗ୍ ମ୍ୟାଚ୍‌କୁ ଏକତରଫା ଭାବେ ମୁମ୍ବାଇ ବିଜୟୀ ହୋଇଛି।

ଘରୋଇ ମାଟିରେ ବା ୱାଙ୍ଖଡେ ଷ୍ଟାଡିୟମ୍‌ରେ ସୂର୍ଯ୍ୟକୁମାର ଯାଦବଙ୍କ ଅପରାଜିତ ୭୩ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୮୦ ରନ୍ କରିଥିଲା। ଜବାବରେ ୧୮୧ ରନ୍‌ର ବିଜୟ





ଲକ୍ଷ୍ୟକୁ ପିଛା କରି ଦିଲ୍ଲୀ ଆଦୌ ମୁମ୍ବାଇ ବୋଲିଂର ଉଚିତ ମୁକାବିଲା କରି ପାରି ନ ଥିଲା। ଫଳରେ ଦଳ ୧୮.୨ ଓଭର ଖେଳି ୧୨୧ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଦିଲ୍ଲୀ ଇନିଂସ ଆରମ୍ଭ କରି ପ୍ରଥମ ୩ ଓଭରରେ ଦୁଇ ନିର୍ଭରଯୋଗ୍ୟ ଖେଳାଳି କାମଚଳା ଅଧିନାୟକ ଫାଫ ଡୁ ପ୍ଲେସିସ (୬) ଓ ଲୋକେଶ ରାହୁଲ (୧୧)ଙ୍କ ୱିକେଟ ହରାଇଥିଲା। ଅଭିଷେକ ପୋରେଲ ୬ ରନ୍ କରି ଆଉଟ ହେବା ପରେ ଦିଲ୍ଲୀ ୨୭ ରନ୍‌ରେ ୩ ୱିକେଟ ହରାଇ ବିପଦରେ ପଡ଼ିଥିଲା। ସମୀର ରିଜଭୀ ୩୯, ବିପରାଜ ନିଗମ ୨୦ ଓ ଆଶୁତୋଷ ଶର୍ମାଙ୍କ ୧୮ ରନ୍‌କୁ ବାଦ୍ ଦେଲେ ଅନ୍ୟ କେହି ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ନିୟମିତ ଅଧିନାୟକ ଅକ୍ଷର ପଟେଲଙ୍କ ଅନୁପସ୍ଥିତିରେ ଦିଲ୍ଲୀର ବ୍ୟାଟିଂ ଅତ୍ୟନ୍ତ ଦୟନୀୟ ହୋଇଥିଲା। ବାମହାତୀ ସ୍ପିନର ମିଚେଲ ସାଣ୍ଟନର ୧୧ ରନ୍‌ରେ ୩ଟି ଓ ଯଶପ୍ରୀତ୍ ବୁମ୍‌ରା ୧୨ ରନ୍‌ରେ ୩ଟି ୱିକେଟ ନେଇ ଦଳକୁ ପ୍ଲେ ଅଫ୍‌ରେ ପ୍ରବେଶ କରାଇଥିଲେ।

### ଶେଷ ୨ ଓଭରରେ ବିସ୍ଫୋରକ ବ୍ୟାଟିଂ

ପୂର୍ବରୁ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଇଣ୍ଡିଆନ୍ସ ଆରମ୍ଭରୁ ତାରକା ଖେଳାଳି ରୋହିତ ଶର୍ମା (୫)ଙ୍କ ୱିକେଟ ହରାଇଥିଲା। ଦୁଇ ବିଦେଶୀ ଖେଳାଳି ୱିଲ ଜ୍ୟାକ୍ସ (୨୧) ଓ ରିୟାନ ରିକେଲଟନ (୨୫) ଶୀଘ୍ର ଆଉଟ ହେବା ଫଳରେ ଦଳ ୭ମ ଓଭର ବେଳକୁ ୩ ୱିକେଟ ହରାଇ ୫୮ ରନ୍ କରିଥିଲା। ଏହି ସମୟରେ ସୂର୍ଯ୍ୟକୁମାର ଯାଦବ ଓ ଅନ୍ୟ ବ୍ୟାଟରଙ୍କ ସହ ଦିଲ୍ଲୀ ସ୍ପିନରଙ୍କ ମୁକାବିଲା ଜୋରଦାର ହୋଇଥିଲା। ଦିଲ୍ଲୀର ଦୁଇ ସ୍ପିନର କୁଲଦୀପ ଯାଦବ ଓ ବିପରାଜ ନିଗମ ଚମତ୍କାର ବୋଲିଂ କରି ମୁମ୍ବାଇର ଖ୍ୟାତନାମା ବ୍ୟାଟରଙ୍କୁ ବାନ୍ଧି ରଖିଥିଲେ। ଏମାନେ ମିଳିତଭାବେ ୮ ଓଭର ବୋଲିଂ କରି ମାତ୍ର ୪୭ ରନ୍ ବିନିମୟରେ ଗୋଟିଏ ୱିକେଟ ପାଇଥିଲେ। ଅନ୍ୟପକ୍ଷରେ ସୂର୍ଯ୍ୟକୁମାର ଟର୍ଣ୍ଣିଂ ବଲ୍‌ର ମୁକାବିଲା କରିବା ସହ ରନ୍ ସଂଗ୍ରହ ମଧ୍ୟ କରିଥିଲେ। ସେ ଚତୁର୍ଥ ୱିକେଟ ଯୋଡିରେ ତିଳକ ବର୍ମାଙ୍କ ସହ ୪୯ ବଲ୍‌ରୁ ୫୫ ରନ୍ ଉଠାଇ ଦଳକୁ ବିପଦରୁ ରକ୍ଷା କରିଥିଲେ। ଏହି ସମୟରେ ୨୭ ବଲ୍‌ରେ ୨୭ ରନ୍ କରିଥିବା ତିଳକ ବର୍ମାଙ୍କୁ ମୁକେଶ କୁମାର ଓ ୮ ବଲ୍‌ରୁ ମାତ୍ର ୩ ରନ୍ କରିଥିବା ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୧୦ ରନ୍ ମଧ୍ୟରେ ଆଉଟ ହୋଇଥିଲେ। ପାଇଥିବା ଜୀବନଦାନରୁ ସୁଯୋଗ ଉଠାଇ ସୂର୍ଯ୍ୟକୁମାର ଓ ନମନ ଧୀର ଶେଷ ୨ ଓଭରରେ ବିସ୍ଫୋରକ ବ୍ୟାଟ୍ ଚାଳନା କରି ୪୮ ରନ୍ ଉଠାଇବା ଫଳରେ ମ୍ୟାଚ୍‌ର ସମୀକରଣ ବଦଳିଯାଇଥିଲା। ଚଳିତ ଆଇପିଏଲ୍‌ରେ ଭଲ ଫର୍ମରେ ଥିବା ସୂର୍ଯ୍ୟକୁମାର ଏଠାରେ ଚମତ୍କାର ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ ପ୍ରଦର୍ଶନ କରି ମୁମ୍ବାଇକୁ ଭଲ ସ୍ଥିତିରେ ପହଞ୍ଚାଇଥିଲେ। ସେ ଶେଷ ପର୍ଯ୍ୟନ୍ତ ଅପରାଜିତ ରହିବା ସହ ୪୩ଟି ବଲ୍‌ର ସମ୍ମୁଖୀନ ହୋଇ ୭ ଚୌକା ଓ ୪ ଛକା ସହ ସର୍ବାଧିକ ୭୩ ଓ ମାତ୍ର ୮ଟି ବଲ୍ ଖେଳି ୨ ଚୌକା ଓ ୨ଛକା ସହ ନମନ ଧୀର ୨୪ ରନ୍ କରି ଅପରାଜିତ ରହିଥିଲେ। ଏମାନଙ୍କ ଅବିଭକ୍ତ ୬ଷ୍ଠ ୱିକେଟ ପାର୍ଟନରସିପ୍‌ରୁ ମାତ୍ର ୨୧ ବଲ୍‌ରେ ୫୭ ରନ୍ ମିଳିଥିଲା। ଏହି ରନ୍ ମୁମ୍ବାଇକୁ ଭଲ ସ୍ଥିତିରେ ପହଞ୍ଚାଇଥିଲା। ପ୍ରତିପକ୍ଷ ଦିଲ୍ଲୀ ଦଳ ପକ୍ଷରୁ ପେସ୍ ବୋଲର ମୁକେଶ କୁମାର ୨ଟି, ମୁସ୍ତାଫିଜୁର ରହମନ, କୁଲଦୀପ ଯାଦବ ଓ ଦୁଷ୍ମନ୍ତ ଚାମୀରା ଗୋଟିଏ ଲେଖାଏଁ ୱିକେଟ ପାଇଛନ୍ତି।

### ଆଇପିଏଲ୍-୨୦୨୫: ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ୍ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ଗୁଜରାଟ | ୧୨ | ୯ | ୩ | ୦ | ୧୮ | +୦.୭୯୫ |
| ବେଙ୍ଗାଲୁରୁ | ୧୨ | ୮ | ୩ | ୧ | ୧୭ | +୦.୪୮୨ |
| ପଞ୍ଜାବ | ୧୨ | ୮ | ୩ | ୧ | ୧୭ | +୦.୩୮୯ |
| ମୁମ୍ବାଇ | ୧୩ | ୮ | ୫ | ୦ | ୧୬ | +୧.୨୯୨ |
| ଦିଲ୍ଲୀ | ୧୩ | ୬ | ୬ | ୧ | ୧୩ | -୦.୦୧୯ |
| କୋଲକାତା | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ | ୧୨ | ୫ | ୭ | ୦ | ୧୦ | -୦.୫୦୬ |
| ହାଇଦରାବାଦ୍ | ୧୨ | ୪ | ୭ | ୧ | ୯ | -୦.୬୭୪ |
| ରାଜସ୍ଥାନ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ | ୧୩ | ୩ | ୧୦ | ୦ | ୬ | -୧.୦୩୦ |



### ଆଇପିଏଲ୍‌ରେ ଆଜି

**ଗୁଜରାଟ** ବନାମ **ଲକ୍ଷ୍ନୌ**

ଅହମ୍ମଦାବାଦ/ ରାତି ୭.୩୦ | ଷ୍ଟାର୍‌ସ୍ପୋର୍ଟ୍ସ / ଜିଓ ହଟ୍‌ଷ୍ଟାର

## ଅକ୍ଷର ଅସୁସ୍ଥ, ରାହୁଲ ଆହତ

ମୁମ୍ବଇ, ୨୧।୫ (ଏଜେନ୍ସି): ଏଠାରେ ବୁଧବାର ଅନୁଷ୍ଠିତ ମୁମ୍ବାଇ ଇଣ୍ଡିଆନ୍ସ ମୁକାବିଲା ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ଅକ୍ଷର ପଟେଲ ଅସୁସ୍ଥ



ହୋଇଛନ୍ତି। ଦୁଇ ଦିନ ହେଲା ତାଙ୍କୁ ଜ୍ୱର ହୋଇଛି ଓ ସେ ଏହି ମ୍ୟାଚ୍ ଖେଳିବାକୁ ଅଯୋଗ୍ୟ ବିବେଚିତ ହୋଇଛନ୍ତି ବୋଲି ତାଙ୍କ ସ୍ଥାନରେ ଦଳର ନେତୃତ୍ୱ ନେଇଥିବା କାମଚଳା ଅଧିନାୟକ ଫାଫ ଡୁ ପ୍ଲେସିସ୍ କହିଛନ୍ତି। ସେହିପରି ମ୍ୟାଚ୍ ପୂର୍ବରୁ ଅଭ୍ୟାସବେଳେ ଲୋକେଶ ରାହୁଲଙ୍କ ଆଣ୍ଠୁରେ ବଲ ବାଜିଥିବାରୁ ସେ ଆହତ ହୋଇଛନ୍ତି। ଏଣୁ ତାଙ୍କୁ ସୁପର ସବ୍‌ରେ ରଖାଯାଇଥିଲା। ସେ ବ୍ୟାଟିଂ କରିବାକୁ ଆସିଥିଲେ। ଦିଲ୍ଲୀ ଅକ୍ଷରଙ୍କ ସ୍ଥାନରେ ମଧ୍ୟପ୍ରଦେଶର ପେସ୍ ବୋଲର ମାଧବ ତିୱାରୀ ଓ ଟି ନଟରାଜନଙ୍କ ସ୍ଥାନରେ ମୁକେଶ କୁମାରଙ୍କୁ ସାମିଲ କରିଥିଲା।

## ଭାରତ-ଏ ବିପକ୍ଷରେ ଖେଳିବେ ଫ୍ଲିଣ୍ଟଫ୍‌ଙ୍କ ପୁଅ ରକି

ଲଣ୍ଡନ, ୨୧।୫ (ଏଜେନ୍ସି): ଦୁଇଟି ୪ ଦିବସୀୟ ମ୍ୟାଚ୍ ଖେଳିବା ଲାଗି ଭାରତ-ଏ କ୍ରିକେଟ୍ ଦଳ ଆସନ୍ତା ସପ୍ତାହ ପ୍ରାରମ୍ଭରେ ଇଂଲଣ୍ଡ ଗସ୍ତରେ ଯିବ। ସେଠାରେ ଘରୋଇ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ମେ ୩୦ରୁ ଭାରତ-ଏ ଦଳ ଏହି ସିରିଜ ଖେଳିବ। ଏଥିଲାଗି ମଙ୍ଗଳବାର ଇଂଲଣ୍ଡ ଲାୟନ୍ସ ଦଳ ଘୋଷଣା



କରାଯାଇଛି। ଜେମ୍ସ ରିଉଙ୍କ ନେତୃତ୍ୱରେ ଘୋଷିତ ୧୪ ଜଣିଆ ଦଳରେ ଭେଟେରାନ ଦ୍ରୁତ ବୋଲର କ୍ରିସ୍ ୱକ୍ସ ଓ ଯୁବ ଅଲ୍‌ରାଉଣ୍ଡର ରକି ଫ୍ଲିଣ୍ଟଫ୍ ସ୍ଥାନ ପାଇଛନ୍ତି। ୧୭ ବର୍ଷୀୟ ରକି ହେଉଛନ୍ତି କିମ୍ବଦନ୍ତୀ ଇଂଲଣ୍ଡ ଅଲ୍‌ରାଉଣ୍ଡର ଆଣ୍ଡ୍ରିଉ ଫ୍ଲିଣ୍ଟଫ୍‌ଙ୍କ ପୁଅ। ଫଳରେ ଏହି ଦୁଇଟି ୪ ଦିବସୀୟ ମ୍ୟାଚରେ ଉନ୍ନତ ପ୍ରଦର୍ଶନ କରି ରକି ଇଂଲଣ୍ଡ ସିନିଅର ଦଳରେ ସ୍ଥାନ ପାଇବାକୁ ଲକ୍ଷ୍ୟ ରଖିଛନ୍ତି। ଡାହାଣହାତୀ ବ୍ୟାଟିଂ ସହ ମଧ୍ୟଗତିର ବୋଲିଂ କରୁଥିବା ରକି ଏ ପର୍ଯ୍ୟନ୍ତ ୫ଟି ପ୍ରଥମ ଶ୍ରେଣୀ ଓ ୭ଟି ଲିଷ୍ଟ-ଏ ମ୍ୟାଚ୍ ଖେଳି ଯଥାକ୍ରମେ ୧୩୭ ଓ ୧୬୭ ରନ ସଂଗ୍ରହ କରିଛନ୍ତି।

### ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

## ପ୍ରଣୟ, ଶ୍ରୀକାନ୍ତଙ୍କ ଅଗ୍ରଗତି: ସିନ୍ଧୁ ବିଦା

କ୍ୱାଲାଲମ୍ପୁର,୨୧।୫(ଏଜେନ୍ସି): ଏଠାରେ ଚାଲିଥିବା ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତର ଡବଲ ଅଲିମ୍ପିକ୍ସ ପଦକ ବିଜୟିନୀ ପିଭି ସିନ୍ଧୁ ଏକକ ପ୍ରଥମ ରାଉଣ୍ଡରେ ଭିଏତ୍‌ନାମର ଏନ୍‌ଗୁଏନ୍ ଥୁଇ ଲିନ୍‌ଙ୍କଠାରୁ ୧୧-୨୧, ୨୧-୧୪, ୧୫-୨୧ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। କିନ୍ତୁ ପୁରୁଷ



ଏକକରେ ଏଚ୍‌ଏସ୍ ପ୍ରଣୟ ଓ କିଦାମ୍ବୀ ଶ୍ରୀକାନ୍ତ ପ୍ରଥମ ରାଉଣ୍ଡରେ ବିଜୟୀ ହୋଇ ଅଗ୍ରଗତି କରିଛନ୍ତି। ପ୍ରଣୟ ୧୯-୨୧, ୨୧-୧୭, ୨୧-୧୬ରେ ଜାପାନର ୫ମ ସିଡ୍ ଖେଳାଳି କେଇ ନିଶିମୋଟୋଙ୍କ, ଶ୍ରୀକାନ୍ତ ୨୩-୨୧, ୧୩-୨୧, ୨୧-୧୧ରେ ଚୀନ୍‌ର ଲୁ ଗୁଆଙ୍ଗଜୁଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ସେହିପରି ସତୀଶ କରୁଣାକରନ ୨୧-୧୩, ୨୧-୧୪ରେ ଚାଇନିଜ ତାଇପେର ଚୋଉ ତିଏନ୍ ଚେନଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି।

### ■ ଖେଲୋ ଇଣ୍ଡିଆ ବିଚ୍ ସକ୍କର

## ସେମିଫାଇନାଲରେ ଓଡ଼ିଶା

କଟକ,୨୧।୫(ସମିସ): ଡାମନ ଏବଂ ଡ୍ୟୁ'ର ଘୋଘଲା ବିଚ୍‌ରେ ଆୟୋଜିତ ଖେଲୋ ଇଣ୍ଡିଆ ବିଚ୍ ସକ୍କର ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ନକ୍‌ଆଉଟ୍‌ରେ ପ୍ରବେଶ କରିଛି। କ୍ରମାଗତ ଦ୍ୱିତୀୟ ବିଜୟ ସହ ଦଳ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି। ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ୧୬-୧ ଗୋଲରେ ଆନ୍ଧ୍ରପ୍ରଦେଶକୁ ହରାଇଥିଲା। ପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ଦଳ ୧୮-୦ ଗୋଲରେ ମଧ୍ୟପ୍ରଦେଶକୁ ପରାସ୍ତ କରିଥିଲା। ଗ୍ରୁପ-ବି'ରେ ସ୍ଥାନ ପାଇଥିବା ଓଡ଼ିଶା



ଲିଗ୍ ରାଉଣ୍ଡରେ ଅପରାଜେୟ ଥିବା ବେଳେ ସେମିଫାଇନାଲ ଲାଇନଅପ ଚୂଡାନ୍ତ ହୋଇନାହିଁ।

## ଦର୍ଶକ ସଂଖ୍ୟା ସବୁ ରେକର୍ଡ ଭାଙ୍ଗିଲା

ନୂଆଦିଲ୍ଲୀ,୨୧।୫(ଏଜେନ୍ସି): ଗତ ଫେବୃଆରୀ- ମାର୍ଚ୍ଚରେ ଅନୁଷ୍ଠିତ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଚାମ୍ପିଅନ୍ସ ଟ୍ରଫିରେ ଭାରତ ଚାମ୍ପିଅନ ହୋଇ ତୃତୀୟଥର ପାଇଁ ଟାଇଟଲ ହାସଲ କରିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଗୋଟିଏ ହେଲେ ବି ମ୍ୟାଚ୍ ହାରି ନଥିଲା। ଫାଇନାଲ ନ୍ୟୁଜିଲାଣ୍ଡକୁ ହରାଇ ଦୀର୍ଘ ୧୨ ବର୍ଷ ପରେ ପୁଣିଥରେ ଟାଇଟଲ ହାସଲ କରିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଭ୍ୟୁୟରସିପ୍‌ରେ ପୁରୁଣା ରେକର୍ଡ ଭାଙ୍ଗିବା ସହ ନୂଆ ରେକର୍ଡ ସୃଷ୍ଟି ହୋଇଛି। ପାକିସ୍ତାନ ଓ ୟୁନାଇଟେଡ ଆରବ ଏମିରେଟନସ (ୟୁଏଇ)ରେ ହାଇବ୍ରିଡ ମଡେଲରେ ଆୟୋଜିତ ଇତିହାସରେ ସର୍ବାଧିକ ଦେଖାଯାଇଥିବା ଚାମ୍ପିଅନ୍ସ ଟ୍ରଫି ବିବେଚିତ ହୋଇଛି। ଟୁର୍ଣ୍ଣାମେଣ୍ଟର ୱାଚ୍ ଟାଇମ ୩୬୮ ବିଲିଅନ ମିନିଟ୍ ରହିଥିଲା।

**ଆଇସିସି ଚାମ୍ପିଅନ୍ସ ଟ୍ରଫି**

୨୦୧୭ ଚାମ୍ପିଅନ୍ସ ଟ୍ରଫି ତୁଳନାରେ ଏଥରର ଭ୍ୟୁୟରସିପ୍ ୧୯ ପ୍ରତିଶତ ଅଧିକ ରହିଛି। ଏହା ଚାମ୍ପିଅନ୍ସ ଟ୍ରଫି ଇତିହାସରେ ସର୍ବାଧିକ ବୋଲି ଆଇସିସି ତରଫରୁ କୁହାଯାଇଛି। ଦୁବାଇରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଅନୁଷ୍ଠିତ ଫାଇନାଲ ୬୫.୩ ବିଲିଅନ ଲାଇଭ ଭ୍ୟୁୟିଂ ମିନିଟ୍ ସହ ସର୍ବାଧିକ ଦେଖାଯାଇଥିବା ମ୍ୟାଚ୍ ବିବେଚିତ ହୋଇଛି। ଏହାର ୨୦୧୭ ସଂସ୍କରଣ ଫାଇନାଲ ତୁଳନାରେ ୫୨.୧ ପ୍ରତିଶତକ ଅଧିକ। ୱାଚ୍ ଟାଇମ୍ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଫାଇନାଲ ମ୍ୟାଚ୍ ଏପର୍ଯ୍ୟନ୍ତ ତୃତୀୟ ସର୍ବାଧିକ ଦେଖାଯାଇଥିବା ଆଇସିସି ମ୍ୟାଚ୍ ବିବେଚିତ ହୋଇଛି। ଏହି କ୍ରମରେ ଦେଖିବାକୁ ଗଲେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ୨୦୨୩ ବିଶ୍ୱକପ୍ ଫାଇନାଲ ଓ ଭାରତ- ନ୍ୟୁଜିଲାଣ୍ଡ ସେମିଫାଇନାଲ ମ୍ୟାଚ୍ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିବ। ଚାମ୍ପିଅନ୍ସ ଟ୍ରଫି ଏଥର ଅଷ୍ଟ୍ରେଲିଆରେ ସର୍ବାଧିକ ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଛି।

### ■ ଫ୍ରେଞ୍ଚ୍ ଓପନ୍ କ୍ୱାଲିଫାୟର

## ଦ୍ୱିତୀୟ ରାଉଣ୍ଡରେ ହାରିଲେ ନାଗଲ

ପ୍ୟାରିସ୍,୨୧।୫(ଏଜେନ୍ସି): ଭାରତର ସୁମିତ ନାଗଲ ଫ୍ରେଞ୍ଚ୍ ଓପନ୍ କ୍ୱାଲିଫାଇଂ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛନ୍ତି। ବୁଧବାର ଏକକ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ନାଗଲ ୨-୬, ୪-୬ ସେଟ୍‌ରେ ଅଷ୍ଟ୍ରେଲିଆର ଜୁରିଜ୍ ରୋଡିଓନୋଭଙ୍କଠାରୁ ପରାସ୍ତ ହୋଇ ବାଦ୍ ପଡିଛନ୍ତି। ନାଗଲ ବିଶ୍ୱ ର୍‍ୟାଙ୍କିଙ୍ଗର ୧୭୦ତମ, ରୋଡିଓନୋଭ ୨୨୫ତମ ସ୍ଥାନରେ ରହିଛନ୍ତି। ନାଗଲ ପ୍ରଥମ ରାଉଣ୍ଡରେ ଆମେରିକାର ମିଟ୍‌ଚେଲ କ୍ରୁଏଗେରଙ୍କୁ ୬-୧, ୬-୧ ସେଟ୍‌ରେ ପରାସ୍ତ କରି ଅଗ୍ରଗତି କରିଥିଲେ।

## ବାଂଲାଦେଶକୁ ପ୍ରଥମଥର ହରାଇଲା ୟୁଏଇ

ଶାରଜା, ୨୧।୫ (ଏଜେନ୍ସି): ଭ୍ରମଣକାରୀ ବାଂଲାଦେଶ ବିପକ୍ଷରେ ଏଠାରେ ଅନୁଷ୍ଠିତ ଦ୍ୱିତୀୟ ଟି-୨୦ ମ୍ୟାଚକୁ ଘରୋଇ ୟୁଏଇ (ୟୁନାଇଟେଡ୍ ଆରବ ଏମିରେଟ୍ସ) ରୋମାଞ୍ଚକ ଭାବେ ଗୋଟିଏ ବଲ୍ ବାକି ଥାଇ ୨ ୱିକେଟ୍‌ରେ ଜିତିନେଇଛି। ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ଓପନର୍ ତାଞ୍ଜିଦ ହାସାନ ୫୯, ତୋହିଦ ହ୍ରିଦୟ ୪୫ ଓ ଅଧିନାୟକ ଲିଟନ ଦାସ ୪୦ ରନର ଉପଯୋଗୀ ପାଳି ବଳରେ ୨୦୫ ରନର ବିଶାଳ ସ୍କୋର କରିଥିଲା। ଜବାବରେ ଅଧିନାୟକ ମହମ୍ମଦ ୱାସିମଙ୍କ ଦ୍ରୁତ ୮୨ ସହାୟତାରେ ୟୁଏଇ ୮ ୱିକେଟ୍ ହରାଇ ୧୯.୫ ଓଭରରେ ସ୍ମରଣୀୟ ବିଜୟ ହାସଲ କରିଥିଲା। ଆଇସିସି ଟେଷ୍ଟ ମାନ୍ୟତାପ୍ରାପ୍ତ ଦେଶ ବାଂଲାଦେଶ ବିପକ୍ଷରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ୟୁଏଇର ଏହା ସର୍ବପ୍ରଥମ ବିଜୟ। ଏହି ବିଜୟ ଫଳରେ ଦୁଇଦେଶ ମଧ୍ୟରେ ଚାଲିଥିବା ଟି-୨୦ ସିରିଜ ୧-୧ରେ ବରାବର୍ ରହିଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ବାଂଲାଦେଶ ୨୭ ରନରେ ଜିତିଥିଲା।

## ଜୁଲାଇ ୧୫ରୁ ଡୁରାଣ୍ଡ କପ୍

ନୂଆଦିଲ୍ଲୀ,୨୧।୫(ଏଜେନ୍ସି): ଏସିଆର ସର୍ବପୁରାତନ କ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟ ତଥା ବିଶ୍ୱର ୫ମ ପୁରାତନ ଜାତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ବିବେଚିତ ହେଉଥିବା ଡୁରାଣ୍ଡ କପ୍ ଏଥର ଜୁଲାଇ ୧୫ରୁ ଆରମ୍ଭ ହେବ। ଟୁର୍ଣ୍ଣାମେଣ୍ଟର ଏହି ୧୩୪ତମ ସଂସ୍କରଣ ଏକ ମାସ ୧୦ ଦିନ ଧରି ଚାଲିବ ଓ ଏହା ଅଗଷ୍ଟ ୨୫ରେ ଶେଷ ହେବ ବୋଲି ଆଶା କରାଯାଉଛି। କିନ୍ତୁ ଅଲ ଇଣ୍ଡିଆ ଫୁଟବଲ ଫେଡେରେସନ (ଏଆଇଏଫ୍‌ଏଫ୍) ଟୁର୍ଣ୍ଣାମେଣ୍ଟର କାର୍ଯ୍ୟସୂଚୀ ଘୋଷଣା କରିନାହିଁ। କୋକ୍ରାଝର ସମେତ କୋଲକାତା, ଶିଲଂ, ଇମ୍ଫାଲ ଓ ଜାମସେଦପୁରରେ ଡୁରାଣ୍ଡ କପ୍‌ର ମ୍ୟାଚ୍ ଗୁଡିକ ଆୟୋଜନ ହେବ ବୋଲି ଆଶା କରାଯାଉଛି। ଉଲ୍ଲେଖଥାଉ କି, ଡୁରାଣ୍ଡ କପ୍ ୧୩୭ ବର୍ଷ ତଳେ ଅର୍ଥାତ ୧୮୮୮ରେ ପ୍ରଥମଥର ପାଇଁ ଖେଳାଯାଇଥିଲା। ଗତବର୍ଷ ନର୍ଥଇଷ୍ଟ ୟୁନାଇଟେଡ ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଥମଥର ପାଇଁ ଟାଇଟଲ ହାସଲ କରିଥିଲା। ୧୭ଥର ଟାଇଟଲ ଜିତି ମୋହନ ବାଗାନ ସଫଳତମ ଦଳ ବିବେଚିତ ହେଉଛି।

## 'ମନ୍ଥର ବୋଲିଂ ପେନାଲ୍ଟିରେ ପରିବର୍ତ୍ତନ ଆବଶ୍ୟକ'

ନୂଆଦିଲ୍ଲୀ,୨୧।୫(ଏଜେନ୍ସି):

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଲାଗୁ ହୋଇଥିବା ଓଭର ରେଟ୍ ପେନାଲ୍ଟି ନେଇ କିମ୍ବଦନ୍ତୀ ବ୍ୟାଟର ସୁନୀଲ ଗାଭାସ୍କର ନିଜର ମତ ରଖିଛନ୍ତି। ଆଇପିଏଲ୍‌ରେ ମନ୍ଥର ବୋଲିଂ ପାଇଁ ବିଭିନ୍ନ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି। ଏହା ଭଲ ହୋଇଥିଲେ ମଧ୍ୟ ନିରପେକ୍ଷତା ପାଇଁ ଏଥିରେ ସଂସ୍କାର ଅର୍ଥାତ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ମନ୍ଥର ବୋଲିଂ ପାଇଁ ଆଇପିଏଲ୍‌ରେ ଏକାଧିକ ଦଳର ଅଧିନାୟକ ଓ ଖେଳାଳି ଦଣ୍ଡିତ ହେବାର ବହୁ ଉଦାହରଣ ରହିଛି ଓ ଏହା କିଛି ଖରାପ ନୁହଁ। କିନ୍ତୁ ବର୍ଷା ବାଧାପ୍ରାପ୍ତ ଓ ଅତ୍ୟଧିକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଏହି ନିୟମରେ ସାମାନ୍ୟ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଏହା ଦ୍ୱାରା ଫିଲ୍ଡିଂ କରୁଥିବା ଦଳ



କ୍ଷତିରେ ପଡୁଛି। ଖାସ୍ କରି ବର୍ଷା ବନ୍ଦ ହେବା ପରେ ମ୍ୟାଚ୍ ଆରମ୍ଭ ହେବା ଓ ପରିବର୍ତ୍ତିତ ଓଭର ସଂଖ୍ୟାରେ ନୂଆ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ବେଳେ ବୋଲିଂ କରୁଥିବା ଦଳ ପାଇଁ ସମସ୍ୟା ସୃଷ୍ଟି ହୋଇଛି। ଏପରିସ୍ଥଳେ ସର୍କଲ ବାହରେ ଜଣେ ଫିଲ୍ଡରଙ୍କୁ ଆଣି ସର୍କଲ ଭିତରେ ରଖିବାର ନିୟମ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଛି ଓ ଏହା ମ୍ୟାଚ୍‌ର ଫଳାଫଳକୁ ନକାରାତ୍ମକ ଭାବେ ପ୍ରଭାବିତ କରୁଛି ବୋଲି ସେ କହିଛନ୍ତି।


ଆଇପିଏଲ୍‌ର ଗତ ବର୍ଷା ବାଧାପ୍ରାପ୍ତ ୫୬ତମ ମ୍ୟାଚ୍‌ର ଉଦାହରଣ ଦେଇ ସେ ଏହା ବୁଝାଇବାକୁ ପ୍ରୟାସ କରିଛନ୍ତି। ଏହି ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଗୁଜରାଟ ଟାଇଟନ୍ସ ପରସ୍ପରକୁ ଭେଟିଥିଲେ ଓ ଏଥିରେ ଗୁଜରାଟ ଚେଜ୍ କରି ଡିଏଲ୍‌ଏସ୍ ପ୍ରଣାଳୀରେ ଶେଷ ବଲ୍‌ରେ ହିଁ ବିଜୟୀ ହୋଇଥିଲା। ଅନ୍ତିମ ତଥା ୧୯ତମ ଓଭରରେ ଜଣେ ଅତିରିକ୍ତ ଫିଲ୍ଡରଙ୍କୁ ସର୍କଲ ଭିତରରେ ରଖାଯାଇଥିଲା। ଯାହା ଫଳରେ ମୁମ୍ବାଇ ହାରିଥିଲା ବୋଲି ସେ କହିଛନ୍ତି।

### ■ ପ୍ରଥମ ଦିନିକିଆ

## ୱେଷ୍ଟଇଣ୍ଡିଜ ବିପକ୍ଷରେ ଆୟର୍ଲାଣ୍ଡର ବଡ଼ ବିଜୟ

ଡବ୍ଲିନ୍,୨୧।୫(ଏଜେନ୍ସି): ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଘରୋଇ ଆୟର୍ଲାଣ୍ଡ ୧୨୪ ରନରେ ବିଜୟୀ ହୋଇଛି। ବୁଧବାର ସ୍ଥାନୀୟ କ୍ୟାସଲ ଆଭେନ୍ୟୁରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ଆୟର୍ଲାଣ୍ଡ ୬ ୱିକେଟ ହରାଇ ୩୦୩ ରନ ସଂଗ୍ରହ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ୩୪.୧ ଓଭରରେ ୧୭୯ ରନକରି ଅଲ୍‌ଆଉଟ ହେବା ସହ ଆତ୍ମସମର୍ପଣ କରିଥିଲା। ଏଥିସହ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଆୟର୍ଲାଣ୍ଡ ୧-୦ରେ ଅଗ୍ରଣୀ ହାସଲ କରିଛି। ଆୟର୍ଲାଣ୍ଡ ତରଫରୁ ଆଣ୍ଡି ବାଲବିର୍ଣ୍ଣି ୧୧୨ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସେହିପରି ହ୍ୟାରୀ ଟେକ୍ଟର ୫୬, ଅଧିନାୟକ ପଲ ଷ୍ଟିର୍ଲିଂ ୫୪ ରନ ସଂଗ୍ରହ କରିଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ ମାଥ୍ୟୁ ଫୋର୍ଡ ୩, ଅଲଜାରୀ ଜୋଶେଫ୍ ୨ ୱିକେଟ ଅକ୍ତିଆର କରିଥିଲେ। ୱେଷ୍ଟଇଣ୍ଡିଜ ପାଇଁ ରୋଷ୍ଟନ ଚେଜ୍ ସର୍ବାଧିକ ୫୫, ମାଥ୍ୟୁ ଫୋର୍ଡ ୩୮, ଜଷ୍ଟିନ ଗ୍ରିଭ୍‌ସ ୩୫, ବ୍ରାଣ୍ଡନ କିଙ୍ଗ୍ ୧୯ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ସ୍ପର୍ଶ କରିପାରି ନଥିଲେ। ଆୟର୍ଲାଣ୍ଡ ପାଇଁ ଦ୍ରୁତ ବୋଲର ବେରୀ ଜନ ମ୍ୟାକକାର୍ଥ ସର୍ବାଧିକ ୪, ଜର୍ଜ ଡକ୍ରେଲ ୩ ୱିକେଟ ନେଇଥିଲେ।

# କ୍ୟାମ୍ପରେ ଅନୁଷ୍କାଙ୍କ ସହ ପିକଲ୍‌ବଲ ଖେଳିଲେ ବିରାଟ



ନୂଆଦିଲ୍ଲୀ, ୨୧।୫ (ଏଜେନ୍ସି): ଚଳିତ ଆଇପିଏଲ୍‌ର ପ୍ଲେ-ଅଫ୍‌ରେ ପ୍ରବେଶ କରିସାରିଥିବା ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପରବର୍ତ୍ତୀ ମ୍ୟାଚରେ ଶୁକ୍ରବାର ଲକ୍ଷ୍ନୌରେ ସନ୍‌ରାଇଜର୍ସ ହାଇଦରାବାଦ୍‌କୁ ଭେଟିବ। ନିକଟରେ ଟେଷ୍ଟ କ୍ରିକେଟ୍‌ରୁ ଅବସର ନେଇଥିବା ବେଙ୍ଗାଲୁରୁର ତାରକା ବ୍ୟାଟର୍ ବିରାଟ କୋହଲି ମ୍ୟାଚ୍ ପୂର୍ବରୁ ଦଳୀୟ ଶିବିରରେ ପିକଲ୍‌ବଲ୍ (ଟେନିସ ସଦୃଶ ଖେଳ)ର ମଜା ଉଠାଉଥିବା ଦେଖିବାକୁ ମିଳିଛି। ପତ୍ନୀ ଅନୁଷ୍କା ଶର୍ମାଙ୍କ ସହ କୋହଲି କୋର୍ଟ୍‌ରେ ପିକଲବଲ୍ ଖେଳୁଥିବାର କିଛି ଫଟୋ ଆର୍‌ସିବି ଏହାର ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛି। କୋହଲିଙ୍କ ବ୍ୟତୀତ ଆର୍‌ସିବିର ମେଣ୍ଟର ରହିଥିବା ଦୀନେଶ କାର୍ତ୍ତିକ ମଧ୍ୟ ତାଙ୍କ କ୍ରୀଡ଼ାବିତ୍ ପତ୍ନୀ ଦୀପିକା ପାଲିକଲ୍‌ଙ୍କ ସହ ପିକଲ୍‌ବଲ ଖେଳୁଥିବା ଆର୍‌ସିବି ପକ୍ଷରୁ ପୋଷ୍ଟ କରାଯାଇଥିବା ଫଟୋରୁ ଜଣାପଡ଼ିଛି।

# ବୈଭବଙ୍କ ପ୍ରଶଂସାରେ ଶତମୁଖ ରାଠୋର

ନୂଆଦିଲ୍ଲୀ, ୨୧।୫ (ଏଜେନ୍ସି):

ଚଳିତ ଆଇପିଏଲ୍‌ର ଅଷ୍ଟାଦଶ ସଂସ୍କରଣରେ ରାଜସ୍ଥାନ ରୟାଲ୍ସ ବିଜୟ ସହ ଅଭିଯାନ ଶେଷ କରିଛି। ସଞ୍ଜୁ ସାମସନଙ୍କ ରାଜସ୍ଥାନ ଏହାର ଶେଷ ମ୍ୟାଚରେ ୬ ୱିକେଟ୍‌ରେ ଚେନ୍ନାଇ ସୁପର୍ କିଙ୍ଗ୍‌ସକୁ ମାତ୍ ଦେଇଥିଲା। ୧୪ଟି ମ୍ୟାଚ୍ ଖେଳି ମାତ୍ର ୪ଟି ବିଜୟ ଓ ୧୦ ପରାଜୟ ସହ ରାଜସ୍ଥାନ ସିଜନ ଶେଷ କରିଛି। ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲେ ମଧ୍ୟ ବୈଭବ ସୂର୍ଯ୍ୟବଂଶୀଙ୍କ ଭଳି ଜଣେ ଯୁବ ଉଦୀୟମାନ ବ୍ୟାଟର୍‌ଙ୍କୁ ଆବିଷ୍କାର କରି ବିଶ୍ୱ କ୍ରୀଡ଼ା ମଞ୍ଚରେ ସୁଯୋଗ ଦେବା ରାଜସ୍ଥାନ ପାଇଁ ବଡ଼ ଉପଲବ୍ଧି ରହିଥିଲା। ୧୪ ବର୍ଷୀୟ ସୂର୍ଯ୍ୟବଂଶୀ ଏହି ସୁଯୋଗର ଭରପୁର ଫାଇଦା ଉଠାଇ ଯେଉଁଭଳି ପ୍ରଦର୍ଶନ କଲେ ତାହା ତାଙ୍କୁ ଭାରତୀୟ କ୍ରିକେଟ୍‌ର ଭବିଷ୍ୟତର ଜଣେ ଉଜ୍ଜ୍ୱଳମୟ ତାରକା ଭାବେ ବିବେଚିତ କରିଛି। ବିହାର ଜନ୍ମିତ ବାମହାତୀ ବ୍ୟାଟର୍ ସୂର୍ଯ୍ୟବଂଶୀ ଚଳିତ ଆଇପିଏଲ୍‌ରେ ୭ଟି ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ। ଏଥିରେ ସେ ୨୦୬.୫୫ ଷ୍ଟ୍ରାଇକରେଟ୍‌ରେ ମୋଟ୍ ୨୫୨ ରନ ସଂଗ୍ରହ କରିଥିଲେ। ଯେଉଁଥିରେ ଗୁଜରାଟ ଟାଇଟନ୍ସ ବିପକ୍ଷ ୩୫ ବଲରେ ବିଧ୍ୱଂଶୀ ଶତକୀୟ ପାଳି ଅନ୍ତର୍ଭୁକ୍ତ ରହିଛି।

ବୈଭବଙ୍କୁ ଜଣେ ବିସ୍ଫୋରକ ବ୍ୟାଟର୍ ଭାବେ ବିବେଚିତ କରାଯାଏ। କିନ୍ତୁ ମଙ୍ଗଳବାର ଚେନ୍ନାଇ ବିପକ୍ଷରେ ସେ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂର ନମୁନା ଦେଖାଇ ୩୩ ବଲରେ ୫୭ ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ୧୪ ବର୍ଷ ବୟସରେ ତାଙ୍କ ନିକଟରେ ଏଭଳି ଦାୟିତ୍ୱ ସମ୍ପନ୍ନ ବ୍ୟାଟିଂ ଅନେକଙ୍କୁ ପ୍ରଭାବିତ କରିଛି। ବିଶେଷ କରି ରାଜସ୍ଥାନର ବ୍ୟାଟିଂ ପ୍ରଶିକ୍ଷକ ବିକ୍ରମ ରାଠୋର ମ୍ୟାଚ୍ ପରବର୍ତ୍ତୀ ଖବରଦାତା ସମ୍ମିଳନୀରେ ବୈଭବଙ୍କ ଏହି ଇନିଂସରେ ବେଶ୍ ପ୍ରଭାବିତ ହୋଇଥିବା କହିଥିଲେ। 'ସୂର୍ଯ୍ୟବଂଶୀଙ୍କ ସହ ଆମେ ଗତ ୩-୪ ମାସ ହେବ କାମ କରୁଛୁ। ତାଙ୍କ ନିକଟରେ ଅନେକ ଟ୍ୟାଲେଣ୍ଟ ଥିବା ଆମେ ପାଇଥିଲୁ। ଆଜିଭଳି ଏକ ଗୁରୁତ୍ୱପୂର୍ଣ୍ଣ ଓ ବଡ଼ ମ୍ୟାଚରେ ଚାପର ପରିସ୍ଥିତିରେ ସେ ଯେଉଁଭଳି ବ୍ୟାଟିଂ ପ୍ରଦର୍ଶନ କଲେ ସେଥିରେ ଆମେ ବେଶ୍ ପ୍ରଭାବୀତ ହୋଇଛୁ। ପାୱାର ପ୍ଲେ'ରେ ବଲ୍ ଠିକ୍ ସେ ବ୍ୟାଟ୍‌କୁ ଆସୁ ନ ଥିବାବେଳେ ସେ ମଧ୍ୟ ବଡ଼ ଶଟ୍ ନ ଖେଳି ଅଭିଜ୍ଞତାର ପରିଚୟ ଦେଇଥିଲେ' ବୋଲି ରାଠୋର କହିଛନ୍ତି। ବୈଭବଙ୍କ ପ୍ରଶଂସାରେ ଶତମୁଖ ରାଠୋର ଆହୁରି ମଧ୍ୟ କହିଥିଲେ 'ପୁଣିଥରେ ସେ ଯେଉଁଭଳି ପରିପକ୍ୱତା ଦେଖାଇଲେ, ଯେଉଁ ପ୍ରକାରର ସ୍ୱଭାବ ଦେଖାଇଲେ ଏହା ତାଙ୍କ ପାଇଁ ପ୍ରକୃତରେ ବହୁତ ଭଲ। ଏହି ପ୍ରକାରର ଅଭିଜ୍ଞତା ଆଗାମୀ ସମୟରେ ତାଙ୍କୁ ନିଶ୍ଚିତ ଭାବରେ ଜଣେ ଭଲ ଖେଳାଳି କରି ଗଢ଼ିତୋଳିବ।'



ଧୋନିଙ୍କ ପାଦ ଛୁଇଁ ଆଶୀର୍ବାଦ ନେଉଛନ୍ତି ବୈଭବ

## ରନ୍ ପିଛା ଆୟ ୪୩,୬୫୦ ଟଙ୍କା

ବୈଭବ ସୂର୍ଯ୍ୟବଂଶୀ ଚଳିତ ଆଇପିଏଲ୍‌ରେ ୭ ମ୍ୟାଚରୁ ୩୬ ହାରରେ ୨୫୨ ରନ ସଂଗ୍ରହ କରିଛନ୍ତି। ନିଲାମୀରେ ତାଙ୍କୁ ରାଜସ୍ଥାନ କ୍ରୟ କରିଥିବା ୧.୧୦ କୋଟି ଟଙ୍କା ବାଦ୍ ସେ ଆହୁରି ଲକ୍ଷ ଲକ୍ଷ ଟଙ୍କା ଚଳିତ ଆଇପିଏଲ୍‌ରେ ରୋଜଗାର କରିଛନ୍ତି। ମ୍ୟାଚ୍ ପିଛା ୭.୫ ଲକ୍ଷ ହିସାବରେ ସେ ୭ ମ୍ୟାଚ ଖେଳି ମୋଟ୍ ୫୨.୫ ଲକ୍ଷ ଟଙ୍କା ପାଇଛନ୍ତି। ସେହିଭଳି ଗୋଟିଏ ମ୍ୟାଚରେ ଶ୍ରେଷ୍ଠ ଖେଳାଳି ଓ ଷ୍ଟ୍ରାଇକର୍ ଅଫ୍ ଦି ମ୍ୟାଚ୍ ବାବଦକୁ ଦୁଇ ଲକ୍ଷ ପାଇଥିଲେ। ଫଳରେ ଚଳିତ ଆଇପିଏଲ୍‌ରେ ମୋଟ୍ ଉପରେ ସେ ୧ କୋଟି ୬୪ ଲକ୍ଷ ୫୦ ହଜାର ଟଙ୍କା ରୋଜଗାର କରିଛନ୍ତି। ଆଇପିଏଲ୍ ପାଉଣା (୧.୧୦ କୋଟି) ହିସାବରେ ଦେଖିଲେ ସେ ପ୍ରତ୍ୟେକ ରନ୍ ପିଛା ୪୩୬୫୦ ଟଙ୍କା ଆୟ କରିଥିଲେ। ଯଦି ଆଇପିଏଲ୍‌ରେ ମୋଟ୍ ରୋଜଗାର (୧.୬୪ କୋଟି) ଉପରେ ନଜର ପକାଇବା ତେବେ ବୈଭବ ପ୍ରତି ରନ ପିଛା ୬୫,୨୭୭ ଟଙ୍କା ଆୟ କରିଛନ୍ତି।

■ ପ୍ରତିଶ୍ରୁତି ପାଳନ କଲେ ରୋହିତ

# ପ୍ରଶଂସକଙ୍କୁ ଉପହାର ଦେଲେ ନିଜ ଲାମ୍ବୋରଗିନି କାର୍

ନୂଆଦିଲ୍ଲୀ,୨୧।୫(ଏଜେନ୍ସି): ମୁମ୍ବାଇ ଇଣ୍ଡିଆନ୍ସ ଅଭିଜ୍ଞ ବ୍ୟାଟର ତଥା ଭାରତୀୟ ଦିନିକିଆ ଦଳ ଅଧିନାୟକ ରୋହିତ ଶର୍ମା ଶେଷରେ ନିଜ ପ୍ରତିଶ୍ରୁତି ପାଳନ କରିଛନ୍ତି। ସେ ଫାଣ୍ଟାସି କ୍ରିକେଟ ପ୍ରତିଯୋଗିତାର ବିଜେତା ତଥା ଜଣେ ପ୍ରଶଂସକଙ୍କୁ ତାଙ୍କର ନିଜର ଅତିପ୍ରିୟ ତଥା ପ୍ରସିଦ୍ଧ ନୀଳ ରଙ୍ଗର ଲାମ୍ବୋରଗିନି ଉରୁସ୍ କାର ଉପହାର ସ୍ୱରୂପ ପ୍ରଦାନ କରିଛନ୍ତି। ରୋହିତ ଦୀର୍ଘବର୍ଷ ଧରି ଏହି କାର ଚଢି ଆସୁଥିଲେ ଓ ଏହାର ନମ୍ବର ପ୍ଲେଟରେ ୨୬୪ ଲେଖା ଯାଇଥିଲା। ସେ ଦିନିକିଆ ଫର୍ମାଟ୍‌ରେ ସର୍ବାଧିକ ୨୬୪ ରନର ଦ୍ୱିଶତକୀୟ ପାଳି ଖେଳି ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ। ଏହି ଇନିଂସକୁ ମନେ ରଖିବାକୁ ନମ୍ବର ପ୍ଲେଟ୍‌ରେ ୨୬୪ ଲେଖାଯାଇଥିଲା। ରୋହିତଙ୍କ ଏହି ବିଳାଷପୂର୍ଣ୍ଣ କାରର ମୂଲ୍ୟ ୪ କୋଟି ଟଙ୍କା ବୋଲି କୁହାଯାଉଛି। ଏହି କାରରେ ତାଙ୍କୁ ମୁମ୍ବାଇର ସଡକରେ ଏକାଧିକବାର ବୁଲୁଥିବାର ଦେଖାଯାଇଛି। ଏହି ଫାଣ୍ଟାସି କ୍ରିକେଟର ବିଜେତାଙ୍କ ନାମ ରୋହିତ ଏକ ଡ୍ରିମ-୧୧ ବିଜ୍ଞାପନରେ ମଜାଳିଆ ଢଙ୍ଗରେ ଘୋଷଣା କରିଥିଲେ। ରୋହିତ ଏହି କାର ଚାବି ପ୍ରଶଂସକଙ୍କୁ ଦେବାର ଚିତ୍ର ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଛି।




# ୨୨ ବର୍ଷ ପରେ ଜିମ୍ବାୱେ-ଇଂଲଣ୍ଡ ଟେଷ୍ଟ

ଲଣ୍ଡନ, ୨୧।୫ (ଏଜେନ୍ସି): ଘରୋଇ ଇଂଲଣ୍ଡ ଓ ଜିମ୍ବାୱେ ମଧ୍ୟରେ ଏକମାତ୍ର ଟେଷ୍ଟ ମ୍ୟାଚ ଗୁରୁବାରଠାରୁ ନଟିଂହାମସ୍ଥିତ ଟ୍ରେଣ୍ଟବ୍ରିଜ ଗ୍ରାଉଣ୍ଡରେ ଆରମ୍ଭ ହେବାକୁ ଯାଉଛି। ଦୀର୍ଘ ୨୨ ବର୍ଷର ବ୍ୟବଧାନ ପରେ ଦୁଇଦେଶ ମଧ୍ୟରେ ଏହା ପ୍ରଥମ ଟେଷ୍ଟ ମ୍ୟାଚ୍ ହେବ। ଶେଷଥର ଲାଗି ଉଭୟ ଦେଶ ୨୦୦୩ରେ ଏକ ଟେଷ୍ଟ ମ୍ୟାଚରେ ସାମ୍ନାସାମ୍ନି ହୋଇଥିଲେ। ସେହିଭଳି ଜିମ୍ବାୱେ ଓ ଇଂଲଣ୍ଡ ମଧ୍ୟରେ ଏହା ମୋଟ୍ ଉପରେ ୩ୟ ଟେଷ୍ଟ ମୁକାବିଲା ହେବ। ତିନୋଟି ଟେଷ୍ଟରୁ ଇଂଲଣ୍ଡ ୨ଟି ବିଜୟ ହୋଇଥିବାବେଳେ ଗୋଟିଏ ଡ୍ର ରହିଥିଲା। ଅପରପକ୍ଷରେ ଉଭୟ ଦେଶ ୨୦୦୭ ପରେ ପ୍ରଥମଥର ଲାଗି କୌଣସି ଏକ ଅନ୍ତର୍ଜାତୀୟ ମ୍ୟାଚରେ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ୨୦୦୭ରେ ଅନୁଷ୍ଠିତ ଟି-୨୦ ବିଶ୍ୱକପ୍‌ରେ ଦୁଇଦେଶ କେପଟାଉନରେ ଶେଷଥର ଲାଗି ମ୍ୟାଚ୍ ଖେଳିଥିଲେ।







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS